

ସିନର୍‌ଙ୍କୁ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ମୁକୁଟ ୬ ପୃଷ୍ଠା

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 172 | ଭାଗ ୩୨ | ସଂଖ୍ୟା ୧୭୨ | Bhubaneswar | Tuesday 10 September 2024 | Page 8 ₹ 4.00 | ଭୁବନେଶ୍ୱର | ମଙ୍ଗଳବାର ୧୦ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଆମେ ତ ଭାଗ୍ୟବାନ ବାବୁରେ...

**ଭୁବନେଶ୍ୱର, ୯।୯(ସଂଚାର ବ୍ୟୁରୋ):** ସରକାରୀ ଚାକିରିରେ ଗୋଟିଏ ସ୍ଥାନରେ ରହିବା ସବୁ ଅଧିକାରୀଙ୍କ ଭାଗ୍ୟରେ ଯୁଟେ ନାହିଁ। ଯେଉଁମାନେ ଦୀର୍ଘଦିନ ଧରି ଗୋଟିଏ ଚଉକିରେ ବସି କ୍ଷମତା ଉପଭୋଗ କରିଥାନ୍ତି ଏବଂ ନିଜ ବିଭାଗ ସହିତ ଆଉ କିଛି ଓଜନଦାର ବିଭାଗକୁ ହାତରେ ରଖିଥାନ୍ତି ସେମାନେ ହେଉଛନ୍ତି ଭାଗ୍ୟବାନ। ଗତ ବିଜେଡି ସରକାର ସମୟରେ ଏଭଳି ଲମ୍ବା ତାଲିକାର ଭାଗ୍ୟବାନ ବାବୁମାନଙ୍କ ସଂକ୍ରାନ୍ତରେ ଏବେ ପାୱାର କରିଡରରେ ଆଲୋଚନା ଆରମ୍ଭ ହୋଇଯାଇଛି । କାରଣ ଏହିସବୁ ଅଫିସରମାନେ ପୂର୍ବ ସରକାରରେ ଗେହ୍ଲାପୁଅ ଥିଲେ ଆଉ ଏବେ ନୂଆ ସରକାରରେ ବି ପ୍ରଭାବଶାଳୀ।










ରାଜ୍ୟରେ ଏବେ ୧୫୮ ଜଣ ଆଇଏଏସ ଓ ୧୭୮୪ ଜଣ ଓଏଏସ ଅଫିସର ବିଭିନ୍ନ ପଦପଦବୀରେ କାମ କରୁଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ଭାଗ୍ୟବାନ ଅଫିସର ଗୋଟିଏ ପଦରେ ୧୦ରୁ ୧୨ ବର୍ଷ ଧରି ଗାଦି ମାଡି ବସିଛନ୍ତି। ପୂର୍ବ ସରକାରରେ ଏହିସବୁ ଅଫିସରମାନେ ଏତେ କ୍ଷମତାଶାଳୀ ଥିଲେ ଯେ, ବର୍ଷ ବର୍ଷ ଧରି ସେମାନଙ୍କ ବଦଳି ହେଉନଥିଲା। ବରଂ ସେମାନଙ୍କୁ ଅତିରିକ୍ତ ବିଭାଗ ଦାୟିତ୍ୱ ଦେଇ ସରକାର ପାୱାର କରିଡରରେ ସେମାନଙ୍କୁ ଅଧିକ ପ୍ରଭାବଶାଳୀ କରିଦେଇଥିଲେ।

ଏକଦା ସଚିବାଳୟରେ ବରିଷ୍ଠ ଆଇଏଏସ ଅଫିସର ଜି. ମାଥିଭାଥନନଙ୍କୁ ନେଇ ଜୋରସୋରରେ ଟୁପୁରୁଟାପର ଚାଲୁଥିଲା। କାରଣ ସେ ଲଗାତାର ୧୧ ବର୍ଷ ଧରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦାୟିତ୍ୱରେ ଥିଲେ। ତାଙ୍କ ଭଳି ଭିନୀଲ କ୍ରିଷ୍ଣା ବି ବିଜେଡି ସରକାରରେ ବେଶ ପାୱାରଫୁଲ ଥିଲେ। ନିଜଠାରୁ ବରିଷ୍ଠ ଅଧିକାରୀଙ୍କୁ ବି ନିର୍ଦ୍ଦେଶ ଦେଉଥିଲେ ବୋଲି ଚର୍ଚ୍ଚା ହୁଏ। ବଦଳି ଭୟରେ ବରିଷ୍ଠ ଅଧିକାରୀମାନେ ପ୍ରଶ୍ନ ଉଠାଇନାହାଁନ୍ତି। ଯେଉଁମାନେ ସ୍ୱର ଉଠାଇଛନ୍ତି ସେମାନଙ୍କୁ ହୁଏତ ଅକାମୀ କରିଦିଆଯାଇଛି କିମ୍ବା କେନ୍ଦ୍ରୀୟ ଡେପୁଟେସନରେ ଯିବାକୁ ବଧ୍ୟ କରାଯାଇଛି। ଅବଶ୍ୟ ବିଜେପି ସରକାର କ୍ଷମତାକୁ ଆସିବା ପରେ ମାଥିଭାଥନନଙ୍କୁ ଗୋପବନ୍ଧୁ ଏକାଡେମୀକୁ ବଦଳି କରାଯାଇଥିବା ବେଳେ ଭିନୀଲଙ୍କ କ୍ଷମତା ମଧ୍ୟ ସଂକୁଚିତ ହୋଇଛି।

ଲୋକସଭା ଭବନରେ ଏଭଳି କିଛି ଭାଗ୍ୟବାନ ବାବୁଙ୍କ ତାଲିକାରେ ସବୁଠାରୁ ଆଗରେ ରହିଛନ୍ତି ୧୯୯୬ ବ୍ୟାଚ୍‌ର ଆଇଏଏସ୍ ଅଫିସର ବୀର ବିକ୍ରମ ଯାଦବ। ଶ୍ରୀ ଯାଦବ ୨୦୧୭ ମସିହାରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ଦାୟିତ୍ୱରେ ଥିବାବେଳେ ଅତିରିକ୍ତ ଭାବେ ପୂର୍ତ୍ତ ବିଭାଗର ସଚିବ ଦାୟିତ୍ୱ ସମ୍ଭାଳୁଛନ୍ତି। ଅର୍ଥାତ ଗତ ୬ ବର୍ଷ ଧରି ସେ ଗୋଟିଏ ବିଭାଗର ଦାୟିତ୍ୱରେ ରହିଆସୁଛନ୍ତି। ତାଙ୍କର ଏଯାଏଁ ବଦଳି ହେଉନି। ଆଉ ଜଣେ ଭାଗ୍ୟବାନ ବାବୁ ହେଲେ ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ହେମନ୍ତ ଶର୍ମା। ଶ୍ରୀ ଶର୍ମା ୨୦୧୯ ମସିହାରୁ ଶିଳ୍ପ ବିଭାଗର ସଚିବ ଦାୟିତ୍ୱରେ ଥିବାବେଳେ ଅତିରିକ୍ତ ଭାବେ ତାଙ୍କୁ ଏବେ ଶକ୍ତି ବିଭାଗର ଦାୟିତ୍ୱ ଦିଆଯାଇଛି ।

ସରକାରୀ ନିୟମ କହୁଛି ଗୋଟିଏ ପଦବୀରେ ଜଣେ ଅଧିକାରୀ ସର୍ବାଧିକ ୩ ବର୍ଷ ରହିପାରିବେ। ପ୍ରଶାସନକୁ ସ୍ୱଚ୍ଛ ରଖିବାକୁ ସରକାର ଏହି ନିୟମ କରିଛନ୍ତି। ଯେଉଁଥିପାଇଁ ତିନି ➪ପୃଷ୍ଠା-୬

## ଶସ୍ତାହେଲା କ୍ୟାନ୍ସର ଔଷଧ




### ସ୍ୱାସ୍ଥ୍ୟ ବୀମାରୁ କମିବ ଜିଏସ୍‌ଟି

**ନୂଆଦିଲ୍ଲୀ,୯।୯:** ସୋମବାର ବସିଥିବା ଜିଏସଟି ପରିଷଦର ୫୪ତମ ବୈଠକରେ କେତେକ କ୍ୟାନ୍ସର ଔଷଧ ଉପରୁ ଜିଏସଟି ୧୨%ରୁ ୫% କୁ ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବୀମା ଉପରୁ ଜିଏସ୍‌ଟି ହାର ହ୍ରାସ କରିବା ଲାଗି ସହମତି ହୋଇଛି। କିନ୍ତୁ ନଭେମ୍ବରରେ ହେବାକୁ ଥିବା ୫୫ ତମ ବୈଠକରେ ମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ହ୍ରାସ ନେଇ ରିପୋର୍ଟ ଦେବା ପରେ ପୂର୍ଣ୍ଣାଙ୍ଗ ନିଷ୍ପତ୍ତି ଗ୍ରହଣ କରାଯିବ। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ (ଜିଓଏମ୍) ବୀମା ଉପରୁ କେତେ ଜିଏସ୍‌ଟି ହ୍ରାସ କରାଯିବ ତାହା ନିଷ୍ପତ୍ତି ନେବେ।

ବୈଠକରେ ଅଧ୍ୟକ୍ଷତା କରିଥିବା ସୀତାରମଣ କହିଛନ୍ତି ଯେ କେତେକ କର୍କଟ ଔଷଧରୁ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି। ସେହିପରି ପରିଷଦ ନମକିନ୍ ହାରକୁ ୧୮ ପ୍ରତିଶତରୁ ୧୨ ପ୍ରତିଶତକୁ ହ୍ରାସ କରାଯାଇଛି। ତୀର୍ଥଯାତ୍ରା ଉପରେ ଜିଏସଟି ହ୍ରାସ କରି ୫ % କରାଯାଇଥିବା ସୀତାରମଣ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଗତ ୬ ମାସ ମଧ୍ୟରେ ଅନଲାଇନ୍ ଗେମ୍‌ରୁ ରାଜସ୍ୱ ୪୧୨ ପ୍ରତିଶତ ବୃଦ୍ଧି ପାଇଛି। ଜିଏସ୍‌ଟି ହାର ହ୍ରାସ ଉପରେ ଆଜି ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛନ୍ତି। ଅନଲାଇନ୍ ଗେମିଂ ଏବଂ କାସିନୋ ଉପରେ ସ୍ଥିତି ଦାଖଲ କରାଯାଇଛି। ଅନଲାଇନ୍ ଗେମିଂରୁ ଆୟ ୪୧୨ ପ୍ରତିଶତ ବୃଦ୍ଧି ପାଇ ୬,୯୦୯ କୋଟି ଟଙ୍କା ହୋଇଛି।

## ଟ୍ରେଣ୍ଡିଂ ନ୍ୟୁଜ୍



### ରାଷ୍ଟ୍ରପତିଙ୍କୁ ଭେଟିଲେ ଆବୁଧାବି କ୍ରାଉନ ପ୍ରିନ୍ସ

**ନୂଆଦିଲ୍ଲୀ, ୯।୯ :** ଆବୁଧାବି କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲିଦ ବିନ୍ ମହମଦ ବିନ୍ ଜାୟେଦ୍ ଅଲ୍ ନାହ୍ୟାନ୍ ସୋମବାର ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ୟୁଏଇ ସହ ଭାରତର ବ୍ୟାପକ ରଣନୈତିକ ଭାଗିଦାରୀ ସହିତ ତାଳମେଳ ରକ୍ଷା କରି ଉଚ୍ଚସ୍ତରୀୟ ସମ୍ପର୍କର ଏକ ଦୀର୍ଘ ପରମ୍ପରାକୁ ଜାରି ରଖି ରାଷ୍ଟ୍ରପତି ଭବନରେ ୟୁଏଇର ତୃତୀୟ ପିଢ଼ିର ନେତୃତ୍ୱଙ୍କୁ ସ୍ୱାଗତ କରି ଆନନ୍ଦିତ ବୋଲି ରାଷ୍ଟ୍ରପତି କହିଥିଲେ। ରାଷ୍ଟ୍ରପତି ଆହୁରି ମଧ୍ୟ କହିଛନ୍ତି ଯେ ଗତ ଏକ ଦଶନ୍ଧି ମଧ୍ୟରେ ଆମର ଐତିହାସିକ ଦ୍ୱିପାକ୍ଷିକ ସମ୍ପର୍କରେ ପରିବର୍ତ୍ତନ ଆସିଛି, ଯାହା ଉଭୟ ଦେଶର ଦୂରଦର୍ଶୀ ନେତୃତ୍ୱଙ୍କ ଦ୍ୱାରା ପରିଚାଳିତ ହୋଇଛି । ୟୁଏଇରେ ୩୫ ଲକ୍ଷରୁ ଅଧିକ ଭାରତୀୟ ନାଗରିକ ରହୁଥିବାରୁ ଲୋକଙ୍କ ମଧ୍ୟରେ ସମ୍ପର୍କ ଏହାଦ୍ୱାରା ଦୃଢ଼ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି। ୟୁଏଇ ନେତୃତ୍ୱଙ୍କୁ ସେମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବା ହେତୁ, ବିଶେଷକରି କୋଭିଡ୍ ମହାମାରୀର କଠିନ ସମୟରେ ନିଆଯାଇଥିବା ବିଶେଷ ଯତ୍ନକୁ ସେ ପ୍ରଶଂସା କରିଥିଲେ। ଭାରତ ଏବଂ ୟୁଏଇରେ ଏକ ସମନ୍ୱିତ ଏବଂ ବହୁସାଂସ୍କୃତିକ ଐତିହ୍ୟ ଥିବା ସମାଜ ଅଛି ଏବଂ ମହାତ୍ମା ଗାନ୍ଧୀ ଏବଂ ମହାମହିମ ଶେଖ୍ ଜାୟେଦଙ୍କ ଦ୍ୱାରା ପ୍ରଦର୍ଶିତ ଶାନ୍ତି, ସହିଷ୍ଣୁତା ଏବଂ ସଦ୍ଭାବନାର ମାର୍ଗ ଆମ ଜାତୀୟ ଚରିତ୍ରରେ ଗଭୀର ଭାବରେ ପ୍ରତିଫଳିତ।

### ପ୍ରଥମ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ

ନୂଆଦିଲ୍ଲୀ, ୯।୯: ଭାରତରେ ପ୍ରବେଶ କରିଛି ମଙ୍କିପକ୍ସ ଭୂତାଣୁ। ଜଣେ ଯୁବକ ଏଥିରେ ସଂକ୍ରମିତ ହୋଇଛନ୍ତି। ସଂପୃକ୍ତ ଯୁବକ ମଙ୍କିପକ୍ସ ସଂକ୍ରମିତ ପଶ୍ଚିମ ଆଫ୍ରିକାରୁ ଆସିଥିଲେ। ସେ ମଙ୍କିପକ୍ସରେ ଆକ୍ରାନ୍ତ ଥିବା ପୂର୍ବରୁ ସନ୍ଦେହ କରାଯାଉଥିଲା। ତାଙ୍କୁ ସଙ୍ଗରୋଧରେ ରଖାଯିବା ଯାଇ ତାଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ଏବେ ତାଙ୍କ ରିପୋର୍ଟ ପିଜିଟିଭ୍ ଆସିଛି। ଏବେ ତାଙ୍କ ଅବସ୍ଥା ସ୍ଥିର ରହିଛି। ଗୁରୁତ୍ୱପୂର୍ଣ୍ଣ ହେଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଘୋଷଣା କରିଥିବା ମାରାତ୍ମକ କ୍ଲେଡ-୧ରେ ଯୁବକ ଜଣଙ୍କ ଆକ୍ରାନ୍ତ ହୋଇନାହାନ୍ତି। ସେ କ୍ଲେଡ-୨ ଜନିତ ମଙ୍କିପକ୍ସ ଷ୍ଟ୍ରେନରେ ସଂକ୍ରମିତ ହୋଇଛନ୍ତି। ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସନ୍ଦିଗ୍ଧ ଯୁବକ ମଙ୍କିପକ୍ସମଙ୍କିପକ୍ସରେ ଆକ୍ରାନ୍ତ ହୋଇଛନ୍ତି। ତାଙ୍କ ଶରୀରରୁ କ୍ଲେଡ-୨ ଭାଇରସ ଠାବ ହୋଇଛି। ୨୦୨୨ ଜୁଲାଇରୁ ଭାରତରେ ଏହି ଭାଇରସ ୩୦ ଜଣଙ୍କ ଶରୀରରେ ମଧ୍ୟ ଠାବ ହୋଇଥିଲା। ତେଣୁ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ସରକାର କହିଛନ୍ତି।

### ନ୍ୟାୟିକ ହାଜତରେ ଅମାନତୁଲ୍ଲା ଖାନ

ନୂଆଦିଲ୍ଲୀ, ୯।୯: ୱାକଫ୍ ବୋର୍ଡ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଆପ୍ ବିଧାୟକ ଅମାନତୁଲ୍ଲା ଖାନଙ୍କୁ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ସୋମବାର ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଛନ୍ତି । ସେ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ହେପାଜତରେ ରହିବେ। ଇଡି ଅମାନତୁଲ୍ଲାହଙ୍କୁ ସେପ୍ଟେମ୍ବର ୨ରେ ଗିରଫ କରିଥିଲା । ୫ ଘଣ୍ଟାର ଜେରା ପରେ ବାଟଲା ହାଉସରୁ ତାଙ୍କୁ ଗିରଫ କରିଥିଲା ଇଡି । ଖବର ମୁତାବକ, ଦିଲ୍ଲୀ ସରକାରର ରାଜସ୍ୱ ବିଭାଗରେ ଏସଡିଏମ ମୁଖ୍ୟାଳୟରେ ନଭେମ୍ବର ୨୦୧୬ରେ ୱାକଫ ବୋର୍ଡର ତତ୍କାଳୀନ ଅଧ୍ୟକ୍ଷ ଅମାନତୁଲ୍ଲାହ ଖାନଙ୍କ ବିପକ୍ଷରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଥିଲା କି, ୱାକଫ ବୋର୍ଡର ଅନେକ ସ୍ୱୀକୃତ ଏବଂ ଅଣସ୍ୱୀକୃତ ପଦବୀରେ ମନଇଚ୍ଛା ଏବଂ ଅବୈଧ ଭାବେ ନିଯୁକ୍ତି ଦେଉଥିଲେ । ସେ ପାଖାପାଖି ୩୨ ଜଣଙ୍କୁ ଏଭଳି ନିଯୁକ୍ତି ଦେଇଥିବା ଅଭିଯୋଗହୋଇଥିଲା।

# କୋରାପୁଟ ଓ ମାଲକାନଗିରିରେ ଜଳ ପ୍ରଳୟ

**କୋରାପୁଟ/ମାଲକାନଗିରି, ୯।୯(ସଂଚାର ବ୍ୟୁରୋ):** ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହେବାର କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ସଂଗିନ ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତାଘାଟ ଜଳାର୍ଣ୍ଣବ ହେବା ସହିତ ପୋଲଗୁଡ଼ିକ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଉଭୟ ଜିଲ୍ଲା ଏକପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅନେକ ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି। କେତେକ ଗାଁରୁ ଲୋକଙ୍କୁ ନିରାପଦ ସ୍ଥାନକୁ ନିଆଯାଇ ରିଲିଫ ବ୍ୟବସ୍ଥା କରାଯାଇଛି। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୧୦ ତାରିଖରେ ମାଲକାନଗିରି ଜିଲ୍ଲାର ସମସ୍ତ ସ୍କୁଲକୁ ବନ୍ଦ ରଖାଯାଇଛି। ତତ୍ ସହିତ ଆସନ୍ତାକାଲି ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରି-ସ୍କୁଲ ଶିକ୍ଷା ବନ୍ଦ ରହିବ। ରନ୍ଧା ଖାଦ୍ୟ ବଦଳରେ ଶିଶୁଙ୍କ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯିବ। ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ କର୍ମକ୍ଷେତ୍ରରେ ସଜାଗ ହୋଇ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

**ଯୋଗାଯୋଗ ବିଚ୍ଛିନ୍ନ, ଜୀବନଯାତ୍ରା ବ୍ୟାହତ**

**ମାଲକାନଗିରି , ଗଞ୍ଜାମରେ ସ୍କୁଲ ବନ୍ଦ**



କୋରାପୁଟ ଜିଲ୍ଲାରେ ରବିବାରଠାରୁ ଲଗାଣ ବର୍ଷା ଜାରି ରହିଛି। ସୋମବାର ଜିଲ୍ଲାରେ ୯୨୫.୨ ମିଲିମି ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା କହିଛନ୍ତି ଜିଲ୍ଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ । ପାଣିପାଗ ବିଭାଗ ପକ୍ଷରୁ ➪ପୃଷ୍ଠା-୬

### ପାୱାରହାଉସ୍‌ରେ ବନ୍ୟାଜଳ
## ବିଦ୍ୟୁତ୍ ଉତ୍ପାଦନ ଠପ୍

କୋରାପୁଟ ଜିଲ୍ଲାର ଲମତାପୁଟରେ ଥିବା ମାଛକୁଣ୍ଡ ପାୱାର ହାଉସରେ ପଶିଯାଇଛି ବନ୍ୟା ଜଳ। ସର୍ଟ ସର୍କିଟ୍ ଆଶଙ୍କା ଥିବାରୁ ଟର୍ବାଇନ୍‌ଗୁଡ଼ିକୁ ବନ୍ଦ କରାଯାଇଛି। ଫଳରେ ପ୍ରକଳ୍ପରେ ବିଦ୍ୟୁତ ଉତ୍ପାଦନ ବନ୍ଦ ହୋଇଛି। ବିଦ୍ୟୁତ୍ ଉତ୍ପାଦନ ବନ୍ଦ ନେଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ମାଛକୁଣ୍ଡ ପାୱାର ହାଉସରୁ ଦୈନିକ ୮୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହୁଏ। ସୋମବାର ଏହା ବନ୍ଦ ହେବା ପରେ ବିଦ୍ୟୁତ୍ ସେବା ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।

ପାୱାର ହାଉସରେ ୨ନମ୍ବର ୟୁନିଟ୍ ଭିତରେ ବନ୍ୟା ଜଳ ପ୍ରବେଶ କରିଛି। ବନ୍ୟା ଜଳ ବାହାର କରିବାକୁ କର୍ମଚାରୀମାନେ ଉଦ୍ୟମ କରି ବିଫଳ ହୋଇଛନ୍ତି। ମାଛକୁଣ୍ଡ ବିଦ୍ୟୁତ୍ ପ୍ରକଳ୍ପର ମୁଖ୍ୟ ଜଳଭଣ୍ଡାରରେ ବିପଦ ସଂକେତ ଉପରେ ବନ୍ୟା ଜଳ ରହିଛି। ଜଳଭଣ୍ଡାର ➪ପୃଷ୍ଠା-୬

**ପିକଚର୍ ଅଭି ବାକି ହୈ**

## ଅବ୍‌ତକ୍ ୧୦୦ କୋଟିର ରେଡ୍

**ଭୁବନେଶ୍ୱର, ୯।୯(ସଂଚାରବ୍ୟୁରୋ):** ସେତବେଳେ ଧରାପଡୁଥିଲେ, ଏବେ ବି ଧରାପଡୁଛନ୍ତି । କିନ୍ତୁ ଫରକ ଏତିକି ସେତବେଳେ ମାର ମାର ଭଣ୍ଡାରିଆ କୁ ମାର ନୀତିରେ କେରାଣ୍ଡି ଧରାପଡୁଥିଲେ, କିନ୍ତୁ ଖାସିଯାଉଥିଲେ ବଡ଼ ମାଛ । ଆଉ ଏବେ ସରକାର ବଦଳିବା ପରେ କେବଳ କଥାରେ ଜିରୋ ଟଲରାନ୍ସ ନୁହେଁ, ବରଂ କାମରେ ଆକ୍ସନ ମୋଡ୍‌କୁ ଆସିଛି ଏହି ତଦନ୍ତକାରୀ ସଂସ୍ଥା । ଆମେ କହୁଛୁ ଓଡିଶା ଭିଜିଲାନ୍ସ କଥା । ଭିଜିଲାନ୍ସ ର କାର୍ଯ୍ୟକାରୀତାକୁ ଦେଖିଲେ ବିଗତ ୨୪ ବର୍ଷ ନବୀନ ସରକାର ଓ ୯୦ ଦିନର ମୋହନ Wରକାର ଭିତରେ ଥିବା ସାମଞ୍ଜସ୍ୟ ସ୍ପଷ୍ଟ ଭାବେ ବାରି ହୋଇପଡୁଥିବା ଦେଖାଯାଇଛି । ପୂର୍ବରୁ ଦୁର୍ନୀତିଖୋର ବା ଲାଞ୍ଚଖୋରଙ୍କୁ ଧରିବା ପାଇଁ ଧରପଗଡ଼ ଚାଲିଥିଲା ସତ, କିନ୍ତୁ ଧରାପଡୁଥିଲେ କେବଳ ତଳତଳିଆ । ଫଳରେ ଗଳାବାଟ ଦେଇ ଖସିଯାଉଥିଲେ ପାୱାର୍ କରିଡର ର ପାଖଲୋକ ବନିଥିବା ବଡ଼ବଡ଼ିଆ । ଗୋଟିଏ ପଟେ ଭିଜିଲାନ୍ସ ସେମାନଙ୍କୁ ଧରିବାକୁ ପ୍ଲାନ କରୁଥିଲେ ମଧ୍ୟ ବାଧକ ସାଜିଥିଲେ ସେତବେଳର ସରକାରଙ୍କ ହର୍ତାକର୍ତା ସାଜିଥିବା କିଛି ଆଇଏଏସ ଓ ଆଇପିଏସ।



**୯୦ ଦିନରେ ମୋହନ ସରକାରର ସୁପରହିଟ ଟ୍ରେଲର**

ଏବେ କିନ୍ତୁ ସମୟ ବଦଳିଛି। ମୋହନ ମାଝୀଙ୍କ ୩ ମାସର ସରକାର ଭିତରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଟଙ୍କା ଖାଇ ଟିଙ୍କ ବନିଥିବା ବଡ଼ବାବୁ। ଉଭୟ ଟ୍ରାପ ଓ ଡିଏ କେସରେ ଅନେକ କ୍ଲାସ ୱାନ ଅଫିସରଙ୍କୁ ଭିଜିଲାନ୍ସ କାବୁ କରିଥିବା ବେଳେ ଆସନ୍ତୁ କିଛି ଚର୍ଚ୍ଚିତ କେସ ଉପରେ ନଜର ପକେଇବା। କିଛିଦିନ ତଳେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ ଲୋୟର ସୁକତେଲ ପୋଜେକ୍ଟ ର କନଷ୍ଟ୍ରକ୍ସନ ଇଞ୍ଜିନିୟର ସୁନୀଲ ରାଉତ। ଚଢ଼ାଉ ବେଳେ ଘରୁ ଓଡିଶା ସମେତ ମଥୁରାରେ ପ୍ଲଟ ଓ ଫ୍ଲାଟ ଦେଖି ଚକ୍କିତ ହୋଇପଡିଥିଲା ଭିଜିଲାନ୍ସ। ଘରେ ପଡିଥିଲା ହାତୀଦାନ୍ତ ତିଆରି ଖଟ। ଆୟବହିର୍ଭୂତ ଟଙ୍କାରେ ୩୬ ପ୍ଲଟ ଓ ଫ୍ଲାଟ କରି ➪ପୃଷ୍ଠା-୬

## ବନ୍ୟାଞ୍ଚଳକୁ ଗଲେ ଓଡ୍ରାଫ୍ ଟିମ୍

**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** ମାଲକାନଗିରିରେ ପ୍ରବଳ ବର୍ଷା ହୋଇଛି, ଗମନାଗମନ ପ୍ରଭାବିତ ହୋଇଛି। ବର୍ଷା ଲାଗି ରହିବାରୁ ତଳିଆ ଅଞ୍ଚଳରେ ପାଣି ପଶିଯାଇଛି। ମାଲକାନଗିରି ଓ କାଲିମେଳା ବ୍ଲକ ଅଧିକ ପ୍ରଭାବିତ ହୋଇଥିବା ବେଳେ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ ବୋଲି କହିଛନ୍ତି ଏସ୍‌ଆର୍‌ସି ଦେଓରଞ୍ଜନ କୁମାର ସିଂ। ସୋମବାର ଏନେଇ ଏକ ସମୀକ୍ଷା ବୈଠକରେ ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ଲଗାଣ ବର୍ଷା ଯୋଗୁ ଫୋକସ୍‌ରେ ମାଲକାନଗିରି ଜିଲା ରହିଛି। ଲୋକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଓଡ୍ରାଫ୍ ଟିମ୍ ମୁତୟନ ରହିଛନ୍ତି। ଆସନ୍ତାକାଲି ବର୍ଷା ସମ୍ଭାବନା ଥିବାରୁ ସଜାଗ ରହିଛୁ ବୋଲି ଏସ୍‌ଆର୍‌ସି କହିଛନ୍ତି। ସେ କହିଛନ୍ତି, ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆଗୁଆ ପଦକ୍ଷେପ ନିଆଯାଇଛି। ସ୍ଥିତି ଉପରେ ନଜର ➪ପୃଷ୍ଠା-୬

## କ୍ଷୟକ୍ଷତି ଅନୁଧ୍ୟାନକଲେ ମୁଖ୍ୟମନ୍ତ୍ରୀ

### ମାଲକାନଗିରି ଦାୟିତ୍ୱରେ ୩ ବରିଷ୍ଠ ଅଧିକାରୀ



**ଭୁବନେଶ୍ୱର, ୯।୯(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଦୁଇଦିନିଆ ସମ୍ବଲପୁର ଗସ୍ତରୁ ଫେରିବା ବେଳେ ସମ୍ବଲପୁରଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷାଜନିତ କ୍ଷୟକ୍ଷତି ନେଇ ଆଲୋଚନା କରିଛନ୍ତି । ଏଥି ସହିତ ମୁଖ୍ୟମନ୍ତ୍ରୀ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଉପକୂଳବର୍ତ୍ତୀ ଅଞ୍ଚଳରେ ସମ୍ଭାବ୍ୟ ବର୍ଷା ପାଇଁ ନିଆଯାଇଥିବା ସତର୍କତାମୂଳକ ପଦକ୍ଷେପ ବାବଦରେ ମଧ୍ୟ ଆଲୋଚନା କରିଛନ୍ତି। କୋରାପୁଟ ଓ ମାଲକାନଗିରିର ବହୁସ୍ଥାନରେ ବର୍ଷାଜଳ ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଛି ଏବଂ ସ୍ଥାନୀୟ ଜନସାଧାରଣ ମଧ୍ୟ ପ୍ରଭାବିତ ହୋଇଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଏସ୍‌ଆର୍‌ସିଙ୍କ ସମେତ ଦୁଇ ଜିଲ୍ଲାର ଜିଲ୍ଲାପାଳଙ୍କୁ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ରାଜସ୍ୱ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ କହିଥିଲେ । ଏଥି ସହିତ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଭାରି ବର୍ଷାର ସମ୍ଭାବନା ଥିବାରୁ ଜିଲ୍ଲାପାଳମାନଙ୍କୁ ପ୍ରାକ୍‌ପ୍ରସ୍ତୁତି ସହ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରିର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବା ସହ ଜିଲ୍ଲା ପ୍ରଶାସନକୁ ସହଯୋଗ ଦେବା ପାଇଁ ଅଗ୍ନିଶମ ସେବା ଓ ଗୃହରକ୍ଷୀ ବାହିନୀ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂହ ମୀନାଙ୍କୁ ମାଲକାନଗିରି ଦାୟିତ୍ୱ ଦିଆଯାଇଛି।

**ଗୋଟି ପହଣ୍ଡି ପ୍ରଭାବ**

# ବିଜେପି ହାତଛାଡ଼ି ଦିଲ୍ଲୀରେ ଶୂନ୍ ହୋଇଯିବ ବିଜେଡି

**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** ଶଙ୍ଖଭବନରୁ ଗୋଟି ପହଣ୍ଡିରେ ଯେଭଳି ଜଣକ ପରେ ଜଣେ ବିଜେଡି ସାଂସଦ ବିଜେପିକୁ ଡେଉଁଛନ୍ତି ତାହା ଫଳରେ ଆଗାମୀ ଦିନରେ ଜାତୀୟ ରାଜନୀତିରେ ବିଜେଡିର କାଟ୍‌ତି ଶୂନ ହୋଇଯିବା ନେଇ ଆକଳନ କରାଗଲାଣି । କାରଣ ଲୋକସଭାରେ ଦଳର ଜଣେ ହେଲେ ସାଂସଦ ନଥିବାବେଳେ ରାଜ୍ୟସଭାରେ ଥିବା ୯ଜଣ ସାଂସଦଙ୍କ ମଧ୍ୟରୁ ଜଣଙ୍କ ପରେ ଜଣେ ଏବେ ବିଜେପିରେ ମିଶିବା ଆରମ୍ଭ କରିଛନ୍ତି ।

ତେବେ ହଠାତ୍ ଜାତୀୟ ରାଜନୀତିରେ ବିଜେଡି ଏଭଳି ଶୂନ ଅବସ୍ଥାକୁ ଆସିବାପାଇଁ ଅନେକ ଖୋଦ୍ ବିଜେଡିକୁ ହିଁ ଦାୟୀ କରୁଛନ୍ତି । ବିଜେପିର ହାତ ଛାଡି ବିଜେଡି ଏଭଳି ଦଶା ଭୋଗୁଥିବା କୁହାଯାଉଛି । ରାଜନୀତି ବିଶେଷଜ୍ଞଙ୍କ ମତରେ ବିଜେଡି ଗଠନ ସମୟରୁ ହିଁ ଦଳ ବିଜେପି ସହିତ ରହିଥିଲା । ଯାହାର ଫଳ ସ୍ୱରୂପ ଖୋଦ୍ ନବୀନ ପଟ୍ଟନାୟକ କେନ୍ଦ୍ରରେ ଖଣି ଓ ଇସ୍ପାତ ମନ୍ତ୍ରୀ ହୋଇଥିଲେ। ସହଯୋଗୀ ଦଳ ହିସାବରେ ବିଜେଡି ସାଂସଦ ଦିଲ୍ଲୀପ ରାୟ କେନ୍ଦ୍ରରେ କୋଇଲା ଓ ଖାଦ୍ୟ ପ୍ରକ୍ରିୟାକରଣ, ବ୍ରଜ କିଶୋର ତ୍ରିପାଠୀ ଇସ୍ପାତ ଓ ଅର୍ଜୁନ ସେଠୀ କେନ୍ଦ୍ର ଜଳସମ୍ପଦ ଭଳି ମନ୍ତ୍ରୀ ପଦ ପାଇଥିଲେ । ସେତେବେଳେ ନବୀନ ଥିଲେ ଉଭୟ ଆଡଭାନୀ ଓ ବାଜପେୟୀଙ୍କର ଅତ୍ୟନ୍ତ ପ୍ରିୟ । ଓଡିଶାରେ ଯଦିଓ ବିଜେପି ସହିତ ବିଜେଡି ମିଳିତ ସରକାର କରିଥିଲା କିନ୍ତୁ ରାଜ୍ୟରେ ଜାତୀୟ ବିଜେପିର ବି ଟିମ୍ ଥିଲା ବିଜେଡି । କେନ୍ଦ୍ରୀୟ ନେତାଙ୍କ ସହିତ ଉତ୍ତମ ସମ୍ପର୍କ ଓ କେନ୍ଦ୍ରରେ ବିଜେଡିର ଦବ୍‌ଦବା ଥିବା ଯୋଗୁଁ ରାଜ୍ୟ ବିଜେପି ନେତାମାନେ ବି ନବୀନଙ୍କୁ ଭୟ କରୁଥିଲେ। କାଳେ ନବୀନ କୌଣସି ବିଜେପି ନେତାଙ୍କ ବିରୁଦ୍ଧରେ କେନ୍ଦ୍ରରେ ଫେରାଦ କରିଦେବେ ସେହି ଡର ରାଜ୍ୟ ବିଜେପି ନେତାଙ୍କର ଥିଲା ।




୨୦୦୯ ମସିହାରେ ରାଜ୍ୟରେ ବିଜେପିର ହାତ ଛାଡିବାପରେ ବି କେନ୍ଦ୍ରୀୟ ବିଜେପି ନେତାଙ୍କ ସହିତ ନବୀନଙ୍କର ଭଲ ସମ୍ପର୍କ ରହିଥିଲା । ଉଭୟ ସଂସଦରେ ବିଜେପିର ସହଯୋଗୀ ଭଳି କାର୍ଯ୍ୟ କରିଥିଲା ବିଜେଡି। ପରବର୍ତ୍ତୀ ସମୟରେ ମୋଦୀ-ଶାହାଙ୍କ ସହିତ ନବୀନଙ୍କ ସମ୍ପର୍କ ମଧ୍ୟ ନିବିଡ ହୋଇଥିଲା । ଜାତୀୟ ରାଜନୀତିରେ ନବୀନ ଓ ବିଜେଡିର ଦବ୍‌ଦବା ରହିଥିଲା । ହେଲେ ୨୦୨୪ର ନିର୍ବାଚନ ସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି । ବିଜେଡି ସହିତ ବିଜେପିର ଆଉ ସମ୍ପର୍କ ନାହିଁ। ରାଜ୍ୟରେ ବିଜେପିକୁ କ୍ଷମତାକୁ ଆସିବା ସହିତ ୨୦ଟି ଲୋକସଭା ଆସନରୁ ବିଜେପି ଏକାକୀ ୧୯ଟି ବିଜୟୀ ହୋଇଛି । ଗୋଟିଏ କଂଗ୍ରେସ ହାତେଇ ନେଇଛି। ଲୋକସଭାକୁ ହାତେଇବା ପରେ ଏବେ ବିଜେପି ରାଜ୍ୟସଭା ଉପରେ ଆଖି ପକେଇଛି । ଦୁଇ ଦୁଇ ଜଣ ବିଜେଡି ସାଂସଦ ମମତା ମହନ୍ତ ଓ ସୁଜିତ କୁମାର ବିଜେଡି ହାତ ଛାଡି ପଦ୍ମ ଧରିଛନ୍ତି । ଆଗକୁ ଆହୁରି ଆସିବେ ବୋଲି ମମତା ମହନ୍ତ ଓ ସୁଜିତ କୁମାର ପରୋକ୍ଷ ➪ପୃଷ୍ଠା-୬



## ଯୋଡ଼ା ଫ୍ଲାଏ ଓଭର ଉପରେ ୨ ଟ୍ରକ୍ ମୁହାଁମୁହିଁ ଧକ୍କା, ଚାଳକ ଗୁରୁତର

**ଯୋଡ଼ା, ୯।୯ (ସଂଚାର ବ୍ୟୁରୋ):** ଯୋଡ଼ା ସହରର ମଧ୍ୟଦେଇ ଯାଇଥିବା ଫ୍ଲାଏ ଓଭର ଉପରେ ୨ ମାଲ ବାହୀ ଟ୍ରକ୍ ମୁହାଁ ମୁହିଁ ଧକ୍କା ହେବା ଫଳରେ ଗୋଟିଏ ଟ୍ରକ୍ ଚାଳକ ଗୁରୁତର ଆହାତ ହୋଇଥିବା ଜଣା ପଡ଼ିଛି। ଦିନ ପ୍ରାୟ ୧୧ ଟା ୧୫ ସମୟରେ ରଣାସାଳ ଆଡୁ ଆସୁଥିବା ହାଇୱା ଟ୍ରକ୍ ନମ୍ବର ଓଡ଼ି ୦୯ଟି ୬୯୭୦ ସହିତ ବିପରୀତ ଦିଗରୁ ଆସୁଥିବା ଟ୍ରକ ନମ୍ବର ଓଡି ୦୯ଜେଡ ୨୧୦୦ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଧକ୍କା ଏତେ ତୀବ୍ର ଥିଲା ଯେ ହାଇୱା ସମ୍ମୁଖ ଭାଗଟି ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଓ ଚାଳକ ଗାଡ଼ି ଭିତରେ ଚାପି ହୋଇ ରହି ଯାଇଥିଲେ। ତାଙ୍କ ଚିତ୍କାର ଶୁଣି ସେଠାରେ ଅନେକ ଲୋକ ରୁଣ୍ଡ ହୋଇ ସେଠାରୁ ତାଙ୍କୁ ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଚାଳକକୁ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ।

ଦୁର୍ଘଟଣା ଘଟିବା ସ୍ଥାନରେ ଫ୍ଲାଏ ଓଭର କଡରେ ଥିବା ସୁରକ୍ଷା ବାଡରେ ଟ୍ରକଟି ଖୁବ୍ ଜୋରରେ ପିଟି ହୋଇଥିଲା। ଘଟଣାଟି ଦୈନିକ ବଜାର ନିକଟରେ ହୋଇଥିବାବେଳେ ବାଡ଼ ଭାଙ୍ଗି ଟ୍ରକ୍ ଟି ତଳେ ପଡ଼ିଥିଲେ ଅନେକ ମୃତାହତ ହେବାର ସମ୍ଭାବନା ରହିଥିଲା।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗାଁ ଦାଣ୍ଡରେ ଯୁବକଙ୍କୁ ଗୋଡେଇ ହାଣିଲେ

**ଖଣ୍ଡପଡ଼ା, ୯।୯ (ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଁ ଦାଣ୍ଡରେ ଯୁବକକୁ ଗୋଡେଇ ଗୋଡେଇ ଧାରୁଆ ଅସ୍ତ୍ରରେ ହାଣିଲେ କିଛି ଦୃବୃତ୍ତ। ଏଭଳି ଅଭାବନୀୟ ଘଟଣା ଘଟିଛି ଫତେଗଡ ଥାନା ଅନ୍ତର୍ଗତ ଭଗବାନପୁର ଗାଁରେ। ଗୁରୁତର ଭାବେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକ କୁ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରାଯାଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇ ଚିକିତ୍ସା କରାଯାଇଛି । ଉକ୍ତ ଗ୍ରାମର ଯୁବକଙ୍କ ନାମ ଅଖିଳ କୁମାର ସାହୁ ଅଟେ। ଖବର ପାଇ ଘଟଣା ସ୍ଥଳରେ ଫତେଗଡ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଘଟଣା ସ୍ଥଳରୁ ଦୃବୃତ୍ତ ମାନେ ଫେରାର ଥିବା ଜଣା ପଡ଼ିଛି। ନିର୍ବାଚନ ପୂର୍ବରୁ ମଧ୍ୟ ଏହି ଗାଁ ଦାଣ୍ଡରେ ଖଣ୍ଡା ବୁଲିବା ସହ ଆକ୍ରମଣ ଘଟଣା ଦେଖିବାକୁ ମିଳିଥିଲା।

## ଭେଡେନ ଅଞ୍ଚଳରେ ହାତୀ ଆତଙ୍କ, ଲୋକେ ଭୟଭୀତ

**ଭେଡେନ, ୯।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅଂଚଳ ରେ ଦୁଇଦିନ ହେଲା ହାତୀ ଆତଙ୍କ ଲାଗି ରହିଛି । ଦୁଇଗୋଟି ହାତୀ ରବିବାର ଦିନ ଭେଡେନ ବ୍ଲକ ର ସାନ ପିପିଲିପାଲି ସାହାରାଟିକ୍ରା ଅଂଚଳ ରେ ଥିବା ବେଳେ ସୋମବାର ସକାଳୁ ଦୁଇ ହାତୀ କୁ ସଂକ୍ରିଡ଼ା ଗ୍ରାମ ନିକଟ ମା ବିନ୍ଧ୍ୟ ବାସିନୀ ପାହାଡ଼ ନିକଟ ଜଙ୍ଗଲ ରେ ଦେଖିବାକୁ ମିଳିଛି । ଏହି ଦୁଇ ହାତୀ ଧାନ ପାଲ୍ଲା ନଷ୍ଟ କରୁଥିବା ଜଣାପଡିଛି। ବର୍ତମାନ ନୂଆଁଖାଇ ପାଇଁ ବହୁ ସଂଖ୍ୟକ ଲୋକ ଯାତାୟାତ ହେଉଥିବାରୁ ଭୟ ଲାଗି ରହିଛି। ଗତ ବର୍ଷ ହାତୀ ଆକ୍ରମଣ ରେ ଭେଡେନ ବ୍ଲକ ର ଦୁଇଜଣ ଙ୍କ ମୃତ୍ୟୁ ହୋଇଥିଲା । ହାତୀ ଆସିଥିବା ଖବର ପାଇ ବନ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳ ରେ ପହଂଚି ହାତୀ ର ଗତିବିଧି ଉପରେ ନଜର ରଖିଛନ୍ତି ।

# ଲଗାଣ ବର୍ଷାରେ ବୁଡ଼ିଲା ଚାଷ, ଚାଷୀ ଚିନ୍ତାରେ

## ବ୍ରିଜ ଉପରେ ବନ୍ୟା ଜଳ, ଯୋଗାଯୋଗ ବିଚ୍ଛିନ୍ନ

**ବୋରିଗୁମ୍ମା, ୯।୯ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅଞ୍ଚଳରେ ଗତକାଲି ଅପରାହ୍ନରୁ ଲଗାଣ ବର୍ଷାଲାଗି ରହିଛି। ଫଳରେ ଫସଲହାନୀ ସମ୍ଭାବନାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି । ଏବର୍ଷବର୍ଷା ପାଇଁ ଚାଷୀ, ଚାଷ କାର୍ଯ୍ୟକୁ ନେଇ ଆରମ୍ଭରୁ ଚିନ୍ତାରେ ରହିଛନ୍ତି। ଚାଷ ଆରମ୍ଭରେ ବର୍ଷା ବିଳମ୍ବରେ ହୋଇଥିଲା ଫଳରେ ଧାନ ଚାଷୀ ବହୁମାତ୍ରାରେ ଚାପଗ୍ରସ୍ତ ରହୁଥିଲେ। ହେଲେ ବିଳମ୍ବରେ ହେଲେ ମଧ୍ୟ ଭଲ ବର୍ଷା ହେବାରୁ ଚାଷୀ ମନରେ ଆନନ୍ଦ ଭରି ଦେଇଥିଲା।



କ୍ଷେତରେ ଧାନ ଫସଲ ଦେଖି ଚାଷୀ ଭଲ ଅମଳକୁ ନେଇ ଖୁସିରେ ରହୁଥିଲେ । ହେଲେ ଗତକାଲି ଅପରାହ୍ନଠାରୁ ବୋରିଗୁମ୍ମା ବ୍ଲକର ବିଜାପୁର, ବାଣ୍ଡିଗୁଡା, ପଞ୍ଚାୟତର ଜାଣିଗୁଡ଼ା,ସମରଥ ଗୁଡା, ଡେଙ୍ଗାଗୁଡ଼ା ଅଞ୍ଚଳରେ ବର୍ଷା ଯୋଗୁଁ ରାସ୍ତା ଉପରେ ଆଣ୍ଠୁଏ ପାଣି ବୋହୁଛି। ଚାଷ ଜମି ଜଳ ମଗ୍ନ ହୋଇଯାଇଛି। ଆରମ୍ଭ ହୋଇଥିବା ଲଘୁଚାପ ବର୍ଷା ୨ ରୁ ୩ ଦିନପର୍ଯ୍ୟନ୍ତ ଲାଗି ରହିବ ବୋଲି ଜାଣିବା ପରେ ଏହି ଅଞ୍ଚଳର ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି।

ଅଧିକାଂଶ ଜମିରେ ଧାନ ଫସଲ ହାତେ ଲେଖାଏଁ ବଢ଼ିଲା ପରେ ପାଣିରେ ବୁଡି ଯାଇଛି। ଯଦିବର୍ଷା ଦୁଇ ଦିନ ଧରି ଲାଗି ରହେ ତା'ହେଲେ ଧାନ କ୍ଷେତରେ ହିଁ ଖରାପ ହେବାର ସମ୍ଭାବନା ରହିଛି। ଏହାଛଡା ଅଞ୍ଚଳରେ ଚାଷୀମାନେ ପରିବା ଚାଷ କରିଥିବା ବେଳେ ଲଗାଣ ବର୍ଷା ଯୋଗୁଁ ତାହା ମଧ୍ୟ ପ୍ରଭାବିତ ହୋଇଛି । ଲଗାଣ ବର୍ଷା ଯୋଗୁଁ ଲୋକେ ଘରୁ ବାହାରି ପାରୁ ନଥିବା ଦେଖିବାକୁ ମିଳୁଛି ।

# ଭିତରକନିକାରେ ଆରମ୍ଭ ହେଲା ଦେଶୀୟ ପକ୍ଷୀଙ୍କ ଗଣନା

**ରାଜନଗର, ୯।୯ (ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଭିଡ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ଆଜିଠାରୁ ଆରମ୍ଭ ହୋଇଛି। ଭିତରକନିକା ଜାତୀୟ ଉଦ୍ୟାନର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଥିବା ବାଲିଡିଆରେ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ। ସୋମବାର ପ୍ରଥମ ଦିନରେ ମଠଆଡିଆରୁ ପକ୍ଷୀଙ୍କ ଗଣନା ଆରମ୍ଭ ହୋଇଛି। ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପିନାଥ ଯାଦବ ଓ କନିକା ରେଂଜ ଦାୟିତ୍ୱରେ ଥିବା ସହକାରୀ ବନସଂରକ୍ଷକ ମାନସ କୁମାର ଦାସ ଗଣନା ସମୟରେ ଉପସ୍ଥିତ ରହି ଗଣନାରେ ସାମିଲ ଥିବା କର୍ମଚାରୀମାନଙ୍କୁ କିପରି ଗଣନା କରାଯିବ, ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ଆଜି ୩ଟି ଗ୍ରୁପରେ ୪ଜଣ ଲେଖାଏଁ ଅଭିଜ୍ଞ ବନକର୍ମଚାରୀମାନେ ମଠଆଡିଆରେ ପକ୍ଷୀଙ୍କ ଗଣନା ଆରମ୍ଭ କରିଛନ୍ତି। ବାର୍ଡଫ୍ଲୁ ଆଶଙ୍କା ଥିବାରୁ ସମସ୍ତ ଗଣନାକାରୀ ମାସ୍କ ଓ ଗ୍ଲୋବସ ପିନ୍ଧି ଗଣନା କରୁଛନ୍ତି। ପ୍ରଥମ ୩ଦିନ ମଠଆଡିଆରେ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ ଓ ଶେଷ ଦୁଇଦିନରେ ଅନ୍ୟ ୩ଟି ସ୍ଥାନରେ ଗଣନା କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରେ ଠାରୁ ଭିତରକନିକାର ମଠଆଡିଆ, ଦୁର୍ଗାପ୍ରସାଦଡିଆ ଓ ଲକ୍ଷ୍ମୀପ୍ରସାଦଡିଆ ସମେତ ବାଲିଡିଆ ଠାରେ ଦେଶୀୟ ପକ୍ଷୀ ଭିଡ ଜମାଇବା ସହ ବସାକରି ଅଣ୍ଡା ଦେଇଛନ୍ତି। ଆଜି ଠାରୁ ଆରମ୍ଭ ହେଉଥିବା ଗଣନା ୫ ଦିନ ଧରି ଅର୍ଥାତ୍ ୧୩ ତାରିଖ ଯାଏଁ ଚାଲିବ।

# କର୍ଲାକୁଟୁନା ନୂତନ ଅଙ୍ଗନୱାଡ଼ି ଗୃହ ନିର୍ମାଣ କେବେ ?

**ପାଟଣାଗଡ, ୯।୯ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ କର୍ଲାକୁଟୁନା ଗାଁରେ ଅଙ୍ଗନବାଡି ନିର୍ମାଣ ର ମନ୍ଥରତାକୁ ନେଇ ଅସନ୍ତୋଷରେ ଗ୍ରାମବାସୀ । ସୂଚନା ଯୋଗ୍ୟ ଯେ, ଦୀର୍ଘ ୫ ବର୍ଷ ପୂର୍ବ ରୁ ଗାଁରେ ଆରମ୍ଭ ହୋଇଥିଲା ଅଙ୍ଗନବାଡି ଗୃହ ହେଲେ ଅଧାପନ୍ତରିଆ ଅବସ୍ଥା ରେ ପଡିରହିଥିବା କୋଠାରେ କିପରି ଭାବରେ ପାଠ ପଢିବେ ଛାତ୍ରଛାତ୍ରୀ। କୋମଳ ମତି ଛୁଆ ମାନେ ଶିକ୍ଷା ଟିକକ ପାଇଁ ବାରପିଣ୍ଡା ହେଉଛନ୍ତି । ବର୍ତମାନ ନିଜସ୍ୱ କୋଠା ସମ୍ପୂର୍ଣ୍ଣ ନହେବାରୁ ଅନ୍ୟ ଲୋକଙ୍କ ଘର ବାରଣ୍ଡାରେ ପାଠ ପଢୁ ଥିବା ର ଦେଖିବାକୁ ମିଳୁଛି। ଗ୍ରାମବାସୀଙ୍କ ତରଫରୁ ଜିଲ୍ଲପାଳଙ୍କ ଜନଶୁଣାଣି ରେ ମଧ୍ୟ ଅଭିଯୋଗ କରିଥିଲେ । କିନ୍ତୁ କୌଣସି କାମ ଆଗକୁ ବଢ଼ି ପାରିନଥିଲା । ଅନେକ ଥର ଗଣମାଧ୍ୟମ ରେ ଖବର ମଧ୍ୟ ପ୍ରସାରିତ ହୋଇଥିଲା



କିନ୍ତୁ ଫଳ ଶୂନ। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ଅଙ୍ଗନବାଡି କୋଠା କୁ ସମ୍ପୂର୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପବିତ୍ର ନୂଆଁଖାଇ ଅବସରରେ ଅନ୍ନଦାନ

**ବାଲେଶ୍ୱର, ୯।୯ (ସଂଚାର ବ୍ୟୁରୋ):** ପବିତ୍ର ନୂଆଁଖାଇ ଅବସରରେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ସୋମବାର ଦିନ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ଦ୍ୱାରା ସହରର ମିଶନ ସ୍କୁଲ୍ ପରିସରରେ ଥିବା ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନ ଓ ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଂଘର ସଭାପତି ଇଂ. ବନମାଳୀ ନାୟକ, ସାଧାରଣସଂପାଦକ ବୀରେନ୍ଦ୍ର କୁମାର ମହନ୍ତ, ପୂର୍ବତନ ସାଧାରଣସଂପାଦକ ବସନ୍ତ ନାୟକ, ଅର୍ଥ ସମ୍ପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସୁଜିତ କୁମାର ଜେନା, ସାଂସ୍କୃତିକ ସମ୍ପାଦକ ସଞ୍ଜୟ ପଣ୍ଡାଙ୍କ ସମେତ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଖାଦ୍ୟ ପରିବେଷଣରେ ସହଯୋଗ କରିଥିଲେ।

# ନକଲି ମଦ ଠାବ: ୩ ଗିରଫ

**ବ୍ରହ୍ମପୁର, ୯।୯ (ସଂଚାର ବ୍ୟୁରୋ):** ଗୋଷାଣି ଗ୍ରାମ ପୋଲିସ୍ ୩ ଜଣଙ୍କୁ ଗିରଫ କରିଛି । ନକଲି ମଦ କାରବାରକୁ ନେଇ ପୋଲିସ ଏମାନଙ୍କୁ ଉଠାଇ ଥିବା ଗଣ ମାଧ୍ୟମକୁ କହିଛି । ଏହି ଥାନା ଅନ୍ତର୍ଗତ ଓଁ ବିହାର ନିକଟରେ ଏକ ୪ ଚକିଆ ଗାଡ଼ିକୁ ଅଟକାଇଥିଲା । ସନ୍ଦେହ ହେବାରୁ ଏହାକୁ ଥାନାକୁ



ନିଆଯାଇଥିଲା। ପରେ ଟାଉନ, ସଦର, ନିମାଖଣ୍ଡି, ଗୋଷାଣୀ ପୋଲିସ ଏକ କାଳୀନ ଶ୍ରୀ କ୍ଷେତ୍ର ବିହାର ରେ ଚଢ଼ାଉ କରିଥିଲେ । ସେଠାରେ ନକଲି ବିଦେଶୀ ମଦ ତିଆରି ହେଉ ଥିଲା । ଘଟଣାର ତଦନ୍ତ କରି ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ମଦ ଜବତ କରିଛି । ଦକ୍ଷିଣପୁର ଗ୍ରାମର ରାମ କୃଷ୍ଣ ନାହାକ, ମୁମ୍ବାଇ ରୁ ତାଲିମ ନେଇ ଆସିଥିବା ପାଣିଗ୍ରାହୀ ପେଣ୍ଟ ଅଂଚଳର ଅନିଲ କୁମାର ସାହୁ ଓ ସଦର ଅଂଚଳର ଉମା ଶଙ୍କର ଜେନା , କୁ ପୋଲିସ କୋର୍ଟ ଚାଲାଣ କରିଛି । ଏହି ନକଲି ମଦ ତିଆରି ପାଇଁ କୋଲିକୋତ ରୁ ସରଞ୍ଜାମ ଅଣା ଯାଉଥିଲା । ପୋଲିସ୍ ବିଭିନ୍ନ ବ୍ରାଣ୍ଡ ର ମଦ , ୪ ଚକିଆ ଗାଡ଼ି,ଓ ମୋବାଇଲ ଜବତ କରିଥିବା କହିଛି। ମଦ ତିଆରି ପରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ, ଗଜପତି ଜିଲ୍ଲା ଓ ଆନ୍ଧ୍ରର କେତକ ଅଞ୍ଚଳକୁ ଯୋଗାଣ ହେଉଥିଲା। ଏହି ନକଲି ମଦ ପାନ ଦୋକାନ, ଢ଼ାବା ଗୁଡିକରେ ବିକ୍ରି ହେଉଥିବା କୁହାଯାଇଛି । ଏହାର ନମୁନା ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଫେରିବା ପରେ ଆହୁରି ଗୁମୁର ପର୍ଦ୍ଦାଫାଶ ହେବ।

# କଣାସରେ ବାର୍ଡଫ୍ଲୁ , ୭ଶହ କୁକୁଡା ମୃତ

**କଣାସ, ୯।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ନିକଟବର୍ତ୍ତୀ ଡେଲାଙ୍ଗ, ପିପିଲି, ସତ୍ୟବାଦୀ ବ୍ଲକରେ ବାର୍ଡଫ୍ଲୁ ଚିହ୍ନଟ ହେବାପରେ ପ୍ରଶାସନ ପକ୍ଷରୁ ହଜାର ହଜାର କୁକୁଡା ମରାଯାଇଥିବା ବେଳେ କଣାସ ବ୍ଲକରେ ଗତକାଲି ବାର୍ଡ ଫ୍ଲୁରେ ୭ଶହ କୁକୁଡାଙ୍କ ମୃତି ହୋଇଥିବା ଜଣାପଡିଛି । ଡିଲାଙ୍ଗ ବ୍ଲକ ଶେଷସୀମା କଣାସ ବ୍ଲକର ଆରମ୍ଭ ତ୍ରିଲୋଚନପୁର ଗ୍ରାମରେ ସୋମ୍ନାରାଣୀ ତ୍ରିପାଠୀଙ୍କ କୁକୁଡା ଫାର୍ମରେ ୭ଶହରୁ ଉର୍ଦ୍ଧ କୁକୁଡା ଗତକାଲି ମୃତ୍ୟୁବରଣ କରିଥିବା ଜଣାପଡିଛି । ସେହି ଫାର୍ମରେ ବର୍ତ୍ତମାନ ୨୫୦୦ରୁ ଉର୍ଦ୍ଧ କୁକୁଡା ଥିବାରୁ ସେମାନଙ୍କୁ ବାର୍ଡଫ୍ଲୁ ରୋଗ ବ୍ୟାପିବା ଆଂଶଙ୍କା କରି ଉକ୍ତ କୁକୁଡା ଗୁଡିକୁ ଗାତ ଖୋଳି ପୋତିବା ପାଇଁ କଣାସ ମୁଖ୍ୟ ପଶୁଚିକିତ୍ସା କେନ୍ଦ୍ରର ଭାରପ୍ରାପ୍ତ ପଶୁଚିକିତ୍ସକ ଡାକ୍ତର ଅନୁଗତ ଜେନା ପ୍ରକାଶ କରିଛନ୍ତି । କଣାସ ବ୍ଲକରେ ଥିବା ବିଭିନ୍ନ ଗ୍ରାମପାୟତରେ ୧୯ଟି କୁକୁଡା ଫାର୍ମରୁ ଆସନ୍ତାକାଲି ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ ବୋଲି ଡାକ୍ତର ଶ୍ରୀଜେନା ପ୍ରକାଶ କରିଛନ୍ତି । ଆଉ ମଧ୍ୟ ଖବର ନେବାରେ ଜଣାପଡିଛି ବହୁସଂଖ୍ୟକ ବଗ ବିଭିନ୍ନ ଗ୍ରାମପାୟତରେ ମରିପଡୁଥିବା ଦେଖାଯାଇଛି । ବାର୍ଡଫ୍ଲୁ ବ୍ୟାପିବା ଯୋଗୁଁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ଯୋଡା, ୯।୯ (ସଂଚାର ବ୍ୟୁରୋ):** ପଶ୍ଚିମ ଯୋଡା ସ୍ଥିତ ଟାଟା କମ୍ପାନୀ ଙ୍କ ପ୍ରୋଜେକ୍ଟ କ୍ୟାମ୍ପରେ ପିଣ୍ଟୁ ରାମ (୩୪)ନାମକ ଜଣେ ଶ୍ରମିକଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ଶ୍ରମିକ କଲୋନୀରେ ଉତ୍ତେଜନା ଦେଖା ଦେଇଛି । ଟାଟା କମ୍ପାନୀ ରେ କାର୍ଯ୍ୟରତ ଠିକା ସଂସ୍ଥା ଏମ୍ ଏସ ଇଞ୍ଜିନିୟରିଂରେ କାଠ ମିସ୍ତ୍ରୀ ଭାବେ ଭାବେ ସେ କାର୍ଯ୍ୟ କରୁଥିଲେ । ରବିବାର ପ୍ରାୟ ସାଢ଼େ ୧୨ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁ ବେଳେ ସେ ଶ୍ରମିକ କଲୋନୀରେ ହିଁ ରହିଥିଲେ। ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡି ନଥିବା ବେଳେ ମୃତ ଦେହକୁ ଏ ପର୍ଯ୍ୟନ୍ତ ଯୋଡା ଟାଟା ଷ୍ଟିଲ ଡାକ୍ତର ଖାନାର ଶବ ଗୃହରେ ରଖାଯାଇଛି। ପ୍ରୋଜେକ୍ଟ କ୍ୟାମ୍ପରେ ଥିବା ଶ୍ରମିକ ମାନେ କ୍ଷତିପୂରଣ ଦାବିରେ ଶତାଧିକ ଶ୍ରମିକ ବସି ରହି ଥିବା ବେଳେ କମ୍ପାନୀ କତୃପକ୍ଷ ସୁରକ୍ଷା କର୍ମୀ ଲଗାଇ ଶ୍ରମିକଙ୍କୁ କ୍ୟାମ୍ପରେ ଆବଦ୍ଧ କରି ରଖିଛନ୍ତି। ଘଟଣାଟି ଗତକାଲି ଅପରାହ୍ନରୁ ଘଟି ଥିଲେ ମଧ୍ୟ ଏହାକୁ ଚପାଇ ଦେବା ପାଇଁ ଉଦ୍ୟମ କରୁଥିବା କିଛି ଶ୍ରମିକ ନାମ ଗୋପନରଖି ସୂଚନା ଦେଇଛନ୍ତି ।

## ବିଏସ୍ଏନ୍ଏଲ୍ କେବୁଲ ମରାମତି ବେଳେ ଖସିଲା ଅତଡ଼ା

# ଗୁରୁତର ଦୁଇ ଶ୍ରମିକ ମାଟିତଳୁ ଉଦ୍ଧାର

**ଯାଜପୁର, ୯।୯ (ସଂଚାର ବ୍ୟୁରୋ):** ଯାଜପୁର ଟାଉନ ଗାନ୍ଧୀ ଛକ ଠାରେ ବିଏସଏନଏଲ ସଂସ୍ଥାର କେବୁଲ ମରାମତି ବେଳେ ଦୁର୍ଘଟଣା ଘଟିଛି। ମାଟି ଅତଡା ଖସିବାରୁ ୨ ଜଣ ଶ୍ରମିକ ମାଟି ଭିତରେ ଚାପି ହୋଇଯାଇଥିଲେ। ସେମାନଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ତେବେ ବର୍ଷା ସମୟରେ ମାଟି ଖନନ କାର୍ଯ୍ୟ ଚାଲୁଥିବାରୁ ଏପରି ଦୁର୍ଘଟଣା ଘଟିଥିବା କୁହାଯାଉଛି।



ସୂଚନା ଅନୁସାରେ ଯାଜପୁର ବିଏସଏନଏଲ ଡିଭିଜନ ପକ୍ଷରୁ ଯାଜପୁର ସହରର ଗାନ୍ଧୀ ଛକ ଠାରେ ଥିବା ଜଳ ସଂପଦ ବିଭାଗ ଅତିଥି ଭବନ ଠାରେ ସଂସ୍ଥା ପକ୍ଷରୁ କେବୁଲ ସଂଯୋଗ ମରାମତି ପାଇଁ ୧୫ ଫୁଟର ଗର୍ତ୍ତ ଖୋଳା ଯାଇଥିଲା। ଆଜି ସକାଳୁ ଏହି ଖନନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅପରାହ୍ନରେ ହଠାତ୍ ମାଟି ଅତଡା ଖସି ଯାଇଥିଲା। ମାଟି ତଳେ କାର୍ଯ୍ୟ କରୁଥିବା ଦୁଇ ଜଣ କର୍ମଚାରୀ ଚାପି ହୋଇଯାଇଥିଲେ। ଦିନ ସାରା ତୁହାକୁ ତୁହା ବର୍ଷା ହେଉଥିବା ବେଳେ ବିନା ସୁରକ୍ଷାରେ ଏହି କାର୍ଯ୍ୟ ଚାଲୁ ରହିଥିବାର ଅଭିଯୋଗ ହୋଇଛି। ତେବେ ଏହି ଦୁର୍ଘଟଣାରେ ଫଶିଥିବା ଦୁଇ ଶ୍ରମିକ ହେଲେ ଦଶରଥପୁର ବ୍ଲକ ପାଟପୁର ଅଞ୍ଚଳର ଗୌରହରି ପଣ୍ଡା (୪୦) ଓ ନନ୍ଦିପୁର ଗ୍ରାମର ପ୍ରିୟବ୍ରତ ଷଡଙ୍ଗୀ(୪୩)। ଉଭୟ ବିଏସଏନଏଲ ଦ୍ୱାରା ନିୟୋଜିତ ଠିକା ସଂସ୍ଥା ଜରିଆରେ କାର୍ଯ୍ୟ କରୁଥିବା ବେଳେ ଆଜି ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଗୌରହରିଙ୍କ ବାମ ହାତ ଭାଙ୍ଗିବା ସହ ଛାତିରେ ମାଡ ହୋଇଥିବା ବେଳେ ପ୍ରିୟବ୍ରତ ଅତି ଗୁରୁତର ଥିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଶ୍ରମିକଙ୍କୁ ମାଟିତଳୁ ଉଦ୍ଧାର କରିଥିଲା। ତେବେ ଯାଜପୁର ଟାଉନ ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ସ୍ୱାସ୍ଥ୍ୟ କ୍ଲିନିକ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

**କେନ୍ଦ୍ରାପଡ଼ା, ୯।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସହର ଉପକଣ୍ଠ ଗୁଲନଗର ବଉଳବିହାର ନିକଟରେ ଥିବା ସ୍ୱାସ୍ଥ୍ୟ କ୍ଲିନିକ ଓ ଡାଇଗ୍ନୋଷ୍ଟିକସ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାନସିକ ରୋଗୀ, ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ରୋଗୀ, ସ୍ନାୟୁ ରୋଗୀ, ଚର୍ମରୋଗୀ, କର୍କଟ ରୋଗୀ, ଥାଇରଏଡ ରୋଗୀ ମାନଙ୍କୁ ନିଃଶୁଳ୍କ ଚିକିତ୍ସା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଡା. ଦେବାଶିଷ ଜେନା, ଡା. ଅମୀୟ ରଞ୍ଜନ ସାହୁ, ଡା. ନିହାର ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ଚିକିତ୍ସା କରିଥିଲେ । ଏହି କ୍ଲିନିକରେ କ୍ୟାନ୍ସର, ଥାଇରଏଡ଼, ଇସିଜି, ଅଲଟ୍ରାସାଉଣ୍ଡ ସହ ସମସ୍ତ ରକ୍ତ ପରୀକ୍ଷା କରାଯାଏ । ଫଳରେ ରୋଗୀମାନେ ଆଉ କଟକ ଯିବାକୁ ପଡ଼ିବନି। ଏହି ଶିବିରରେ ଶତାଧିକ ରୋଗୀ ନିଃଶୁଳ୍କ ସେବା ପାଇଥିଲେ । ଶିବିର ପରିଚାଳନାରେ ଶୁଭାଶିଷ



ଜେନା, ଫାର୍ମାସିଷ୍ଟ ନୀଳମାଧବ ଦାସ ଓ ଶିଶିର ଘୋଷ, ଲାବ ଟେକନିସିଆନ ମଧୁସ୍ମିତା ରାଉତ ଓ ସିପ୍ରା ସାହୁ, ପିଙ୍କି ବାରିକ ଓ ପଦ୍ମିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ବହୁ ପ୍ରତୀକ୍ଷା ପରେ ୫୦%କୁ ଛୁଇଁଲା ଇନ୍ଦ୍ରାବତୀ ଜଳ ଭଣ୍ଡାର

**କଳାହାଣ୍ଡି, ୯।୯ (ସଂଚାର ବ୍ୟୁରୋ):** ଅନେକ ଦିନର ପ୍ରତୀକ୍ଷା ପରେ କଳାହାଣ୍ଡି ଜିଲ୍ଲାର ଜୀବନ ରେଖା ବୋଲାଉଥିବା ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳସ୍ତର ୫୦ପ୍ରତିଶତକୁ ଛୁଇଁବା ସହ ୬୩୫ ମିଟରରେ ପହଂଚି ସାରିଥିବା ବିଭାଗ ସୂତ୍ରରୁ ଜଣା ପଡ଼ିଛି । ଚଳିତ ବର୍ଷର ଅସ୍ୱାଭାବିକ ବର୍ଷା ହେତୁ କଳାହାଣ୍ଡିର ଚାଷୀ ଇନ୍ଦ୍ରାବତୀର ସ୍ଥିତିକୁ ନେଇ ଆଶଙ୍କା ପ୍ରକାଶ କରି ଆସିଥିବା ବେଳେ ୫୦ ପ୍ରତିଶତ ଜଳ ସଂଗ୍ରହ ନିର୍ଭରଶୀଳ ଚାଷୀଙ୍କ ପାଇଁ ଆଶା ସଂଚାର କଲା ଭଳି ସ୍ଥିତି ସୃଷ୍ଟି କରିଛି ।

ଗତବର୍ଷ କିନ୍ତୁ ଆଜିର ଦିନରେ ଜଳ ଭଣ୍ଡାରର ଜଳସ୍ତର ୩.୧୫ ମିଟର ତଳକୁ ରହି ମୋଟ ୬୩୧.୮୫ ମିଟରରେ ରହିଥିଲା । ଅନିୟମିତ ବର୍ଷା, ଜଙ୍ଗଲ ଅବକ୍ଷୟ ଓ ଖଣି ଉତ୍ତୋଳନ ହେତୁ ଇନ୍ଦ୍ରାବତୀ ଜଳଭଣ୍ଡାର ପାଇଁ ପ୍ରତିକୂଳ ଅବସ୍ଥା ସୃଷ୍ଟି ହେବା ସହିତ ପରବର୍ତ୍ତୀ ଦିନ ପାଇଁ ସତର୍କ ଘଣ୍ଟି ବଜାଇ ସାରିଲାଣି । ଇନ୍ଦ୍ରାବତୀ ଜଳଭଣ୍ଡାରର



କେଚ୍‌ମେଂଟ୍ ଇଲାକା ୨୬୩୦ ବର୍ଗ କିଲୋମିଟର ରହିଥିବା ବେଳେ ତତ୍ ସଂଲଗ୍ନ ଶହ ଶହ ଚିରସ୍ରୋତା ଝରଣା, କପୁର, ମୁରାନ୍, ପୋଡାଗଡ ଓ ଇନ୍ଦ୍ରାବତୀ ଭଳି ନଦୀମାନଙ୍କର ଚିର ପ୍ରବାହମାନ ସ୍ରୋତ ବହୁ ପରିମାଣରେ କମି ସାରିଲାଣି । ଏପରିକି ବର୍ଷା ନହେଲେ ଅନ୍ତଃ ସ୍ରୋତ ମଧ୍ୟ ଏବେ ନିରାଶ କରିବାକୁ ବସିଲାଣି। ଇନ୍ଦ୍ରାବତୀର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୪୨ ମିଟର ଅର୍ଥାତ୍ ୧,୪୫, ୫୫୦ ହେକ୍ଟର ମିଟର ରହିଥିବା ବେଳେ ଉକ୍ତ ଜଳଭଣ୍ଡାର କଳାହାଣ୍ଡି ଜିଲ୍ଲାର ୧.୧୮ଲକ୍ଷ ହେକ୍ଟର ଜମିରେ ଜଳସେଚନ ପରିସର ରଖିବା ସହିତ ୬୦୦ ମେଗା ୱାଟ ବିଦ୍ୟୁତ୍ ଉତ୍ପାଦନର କ୍ଷମତା ରଖି ସମଗ୍ର ରାଜ୍ୟ ପାଇଁ ଏକ ସ୍ୱତନ୍ତ୍ର ପୃଷ୍ଠା ସୃଷ୍ଟି କରିସାରିଛି।

କଳାହାଣ୍ଡିର କୃଷି ଓ କୃଷକଙ୍କ ଅର୍ଥନୀତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣି ପାରିଥିବା ଇନ୍ଦ୍ରାବତୀ ପ୍ରକଳ୍ପ ତାର ସୁରକ୍ଷା ପ୍ରତି ମଧ୍ୟ ସଜାଗ ରହିବାର ଆବଶ୍ୟକତା ପଡ଼ି ସାରିଲାଣି ଜଙ୍ଗଲ ଅବକ୍ଷୟ ସହିତ ଶିଳ୍ପ ପାଇଁ ଦିଆଯାଉଥିବା ଖଣି ଉତ୍ତୋଳନ ଜିଲ୍ଲାର ବିକାଶ ଧାରାକୁ ବ୍ୟାହତ କରିପାରେ ବୋଲି ବୁଦ୍ଧିଜୀବୀ ଆଲୋଚନା କରିବା ଆରମ୍ଭ କଲେଣି । ବେଳ ଥାଇ ସଜାଗ ନ ହେଲେ ପ୍ରକୃତିର ବୈଭବ ମାଳିନୀ ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ବିପଦ ସୃଷ୍ଟି ହୋଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି ।

## ବୁଲା ଗାଈଗୋରୁଙ୍କ ଯୋଗୁଁ ବଢୁଛି ଦୁର୍ଘଟଣା

# ଦୁର୍ଘଟଣା ରୋକିବାକୁ ଅଭିନବ ପ୍ରୟାସ

**କଣାସ, ୯।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକଟି ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବା ବେଳେ ଅନେକ ଜନସାଧାରଣ ଘରେ ରଖିଥିବା ନିଜର ଗାଈଗୋରୁମାନଙ୍କୁ ଫିଟାଇ ଦେଉଥିବାରୁ ଗାଈଗୋରୁମାନେ ବିଭିନ୍ନ ରାସ୍ତା, ନଦୀ ବ୍ରିଜ୍ ଉପରେ ଶୋଇ ରହୁଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟି ଆସୁଛି ।



ଗତ ଗୁରୁବାର ଦିନ ନୂଆଗାଁ, ଗୋପିନାଥପୁର, କଳାପଦର ଗ୍ରାମର କେତେକ ବ୍ୟକ୍ତି ଗାଈ ଗୋରୁଙ୍କ ଯୋଗୁଁ ଘଟୁଥିବା ଦୁର୍ଘଟଣାକୁ ରୋକିବା ପାଇଁ କଳାପଦର ବାତ୍ୟା ଆଶ୍ରୟସ୍ଥଳିରେ ଏକ ବୈଠକ ଆୟୋଜନ କରିଥିଲେ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ବୁଲା ଗାଈଗୋରୁ ମାନଙ୍କୁ ଯୋଗୁଁ ଘଟୁଥିବା ଦୁର୍ଘଟଣାକୁ ରୋକିବାପାଇଁ ତିନି ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ଗଡିଶାଗୋଦା ଥାନାରେ ଦେବା ସହ ଉକ୍ତ ତିନି ଗ୍ରାମରେ ଡେଙ୍ଗୁରା ବଜାଇ ଗାଈଗୋରୁ ନ ଛାଡିବା ପାଇଁ ନିବେଦନ କରିଥିଲେ। ଗାଈଗୋରୁ ଛାଡିଲେ ଉକ୍ତ ଗାଈଗୋରୁମାନଙ୍କୁ ଗଡିଶାଗୋଦା ଥାନାରେ ଜିମା ଦିଆଯିବ। ଏହି କାର୍ଯ୍ୟକ୍ରମକୁ ବଜାୟ ରଖିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏହା ଫଳରେ ପୂର୍ବରୁ ବୁଲୁଥିବା ଶହଶହ ଗାଈଗୋରୁ ଆଉ ଦେଖିବାକୁ ମିଳୁନଥିବା ଜଣାପଡିଛି। ସେହିପରି ଆଖାପାଖ ଅଂଚଳର ଗ୍ରାମବାସୀମାନେ ନିଜ ନିଜ ଗାଈଗୋରୁମାନଙ୍କୁ ନଛାଡିବା ପାଇଁ ଉକ୍ତ ଗ୍ରାମବାସୀ ମାନେ ନିବେଦନ କରିଛନ୍ତି।

## ଭିତରକନିକାରେ ବାର୍ଡ ଫ୍ଲୁ ଆଶଙ୍କା

# ବନବିଭାଗ ପକ୍ଷରୁ ବଣ୍ଟାଗଲା ପ୍ରାଚୀରପତ୍ର

**ରାଜନଗର, ୯।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକରେ ବାର୍ଡ ଫ୍ଲୁ ଚିହ୍ନଟ ହେବା ଓ ଶହ ଶହ ମଲା କୁକୁଡା ମରିବା ପରେ ଏହା ଅନ୍ୟ ବ୍ଲକକୁ ବ୍ୟାପିବାର ଆଶଙ୍କା ବଢିଛି। କେନ୍ଦ୍ରାପଡା ଜିଲ୍ଲାରେ ଭିତରକନିକା ଜାତୀୟ ଉଦ୍ୟାନ ଥିବାରୁ ବାର୍ଡଫ୍ଲୁ ଆଶଙ୍କା ରହିଛି। ଭିତରକନିକାର ମଠଆଡିଆ, ଦୁର୍ଗାପ୍ରସାଦଡିଆ, ଲକ୍ଷ୍ମୀପ୍ରସାଦଡିଆ ଓ ବାଲିଡିଆ ଠାରେ ଲକ୍ଷାଧିକ ଦେଶୀୟ ପକ୍ଷୀ ଭିଡ ଜମାଇଛନ୍ତି। ସବୁଠି ଦେଶୀୟ ପକ୍ଷୀ ଭିଡ ଜମାଇଥିବା ବେଳେ ବାର୍ଡଫ୍ଲୁ ଆଶଙ୍କା ଲୋକଙ୍କୁ ଭୟଭୀତ କରିଛି। ଏଥିସହିତ ଏହାର ସଂଲଗ୍ନ ଗାଁ ଗୁଡିକରେ ଥିବା କୁକୁଡା, ବତକଙ୍କର ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠା ଯାଇଥିଲା। ତାର ରିପୋର୍ଟ ଆସିନଥିଲେ ମଧ୍ୟ ଡେରାବିଶରେ ଚିହ୍ନଟ ହେବା ପରେ ଆଜି ପଶୁ ଚିକିତ୍ସା ବିଭାଗର ବ୍ଲକ ପଶୁ ଚିକିତ୍ସାଧିକାରୀ ଡାଃ. ଅକ୍ଷୟ କୁମାର ଦଳାଇଙ୍କ ନେତୃତ୍ୱରେ ଡାଃ. ପ୍ରକାଶ ଚନ୍ଦ୍ର ଜେନା, ପିନାକ ବରଣ ରାଉତ, ଅନିଲ ଶତପଥି, ଦିଲ୍ଲିପ ମଲ୍ଲିକ ପ୍ରମୁଖ ଭିତରକନିକା ଜାତୀୟ ଉଦ୍ୟାନକୁ ଲାଗିଥିବା ଡାଙ୍ଗମାଳ ଓ ବାଙ୍କୁଆଳ ଗାଁରେ ଆଜି ପ୍ରଥମ ଦିନରେ ଘରକୁ ଘର ବୁଲି ସେମାନଙ୍କ ଘରେ ଥିବା କୁକୁଡା, ବତକ କିପରି ଅଛନ୍ତି, ସେମାନଙ୍କୁ କିଛି ରୋଗ ହୋଇଛି କି ନାହିଁ, କେଉଁ ଲକ୍ଷଣ ସେମାନଙ୍କର ରହିଛି, ନିକଟରେ କୌଣସି ପକ୍ଷୀ ମୃତ୍ୟୁ ବରଣ କରିଛନ୍ତି କି ନାହିଁ ତାର ଯାଂଚ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ସଂକ୍ରମିତ କୁକୁଡା,



ବତକ ଓ ହଂସ ମାନଙ୍କର ଲକ୍ଷଣ, ବ୍ୟାଧି ସଂକ୍ରମିତ ହୁଏ କିପରି, ସଂକ୍ରମିତ ମଣିଷ ମାନଙ୍କର ଲକ୍ଷଣ, ପ୍ରତିଷେଧକ ଓ ନିରାକରଣ ସଂପର୍କରେ ସୂଚନା ପତ୍ର ଆଜି ରାଜନଗର ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ) ଡିଭିଜନ ପକ୍ଷରୁ ଭିତରକନିକା ସଂଲଗ୍ନ ଗାଁ ଗୁଡିକରେ ବଣ୍ଟନ କରାଯାଉଛି।

## ରାସ୍ତାରେ ଜମୁଛି ପଚାପାଣି, ଗାଁ ଲୋକେ ଅତିଷ୍ଟ



**କେନ୍ଦ୍ରାପଡ଼ା, ୯।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଓ ଗୁଲନଗର ପାୟତର ଅଧିବାସୀମାନେ ହନୁମାନ ମନ୍ଦିରଠାରୁ ଗରାପୁର ଭିଆଇପି ରୋଡ଼ କାଳୀମନ୍ଦିର ଛକକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଜମୁଛି ଦୀର୍ଘଦିନର ପଚା ବର୍ଷାପାଣି। ଉକ୍ତ ରାସ୍ତାଦେଇ କପାଳେଶ୍ୱର ଏବଂ ଗୁଲନଗର ଦୁଇଟି ଗ୍ରାମର ଲୋକେ ମା' ଦକ୍ଷିଣକାଳୀ ମନ୍ଦିରକୁ ଦର୍ଶନ କରିବା ନିମନ୍ତେ ଯିବା ସହ କେନ୍ଦ୍ରାପଡ଼ା ସହରକୁ ଗମନାଗମନ କରିଥାନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହିକି ଯେ ପଚା ଜଳ ଜମିବାରୁ ଲୋକେ ରାସ୍ତା ପାରି ହେବା ପାଇଁ ବହୁ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି। ଏହି ପଚା ପାଣି ଦ୍ୱାରା ଶରୀରରେ କାଛୁ କୁଣ୍ଡିଆ ହେବାର ବହୁ ଆଶଙ୍କା ମଧ୍ୟ ରହିଛି। କାଳୀଛକ ବଜାର କମିଟିର କିଛି ଅଧିବାସୀମାନେ ଅଭିଯୋଗ କରିଛନ୍ତି। ଖାଲି ଏତିକି ନୁହେଁ କପାଳେଶ୍ୱର ଓ ଗୁଲନଗର ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲି ଯଦି ଦେଖିବେ ରାସ୍ତା ରାସ୍ତାରେ ବର୍ଷାପାଣି ଜମି ରହିଛି। ମଶା ମାଛିର ଭୟ ବଢିବା ସାଙ୍ଗକୁ ଜର ଝାଡାର ମଧ୍ୟ ଆଶଙ୍କା ରହିଛି। ଲୋକେ ଚଲାବୁଲା କରିବାକୁ ମଧ୍ୟ ବହୁ ସମସ୍ୟା ସୃଷ୍ଟି ହେଉଛି। ଏହାର ପ୍ରତିକାର କରିବା ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଉଭୟ ପଞ୍ଚାୟତବାସୀ ଦାବି କରିଛନ୍ତି ।

ଭୁବନେଶ୍ୱର ମଙ୍ଗଳବାର ୧୦ ସେପ୍ଟେମ୍ବର ୨୦୨୪ SANCHAR ସଂଚାର







ଘାଟିକିଆ ଜୟଦେବ ଯୁଥ କ୍ଲବ, ୟୁନିଟ-୭ ଜେନ ନେକ୍ସ ଯୁଥ କ୍ଲବ ଏବଂ ଜଟଣୀ ଗଣେଶ ମହୋତ୍ସବରେ ପୂଜା ପାଉଥିବା ଗଣେଶ

# ୧୧ରେ ସେମିକନ୍ ଇଣ୍ଡିଆର ଉଦ୍‌ଘାଟନ

**ନୂଆଦିଲ୍ଲୀ, ୯।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୧୧ ସେପ୍ଟେମ୍ବର ପୂର୍ବାହ୍ନ ୧୦:୩୦ ସମୟରେ ଉତ୍ତରପ୍ରଦେଶର ଗ୍ରେଟର ନୋଏଡାରେ ହେବାକୁ ଥିବା ଇଣ୍ଡିଆ ଏକ୍ସପୋ ମାର୍ଟରେ ସେମିକନ୍ ଇଣ୍ଡିଆ ୨୦୨୪ର ଉଦ୍‌ଘାଟନ କରିବେ । ଏହି ଅବସରରେ ସେ ସମାବେଶକୁ ମଧ୍ୟ ସମ୍ବୋଧିତ କରିବେ ।



ସେମିକଣ୍ଡକ୍ଟର ଡିଜାଇନ୍, ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଭାରତକୁ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ରହିଛି । ଏହି ଦୃଷ୍ଟିକୋଣ ଅନୁଯାୟୀ, 'ସେପିଂ ଦ ସେମିକଣ୍ଡକ୍ଟର୍ ଫ୍ୟୁଚର' ବିଷୟବସ୍ତୁ ସହିତ ୧୧ରୁ ୧୩ ସେପ୍ଟେମ୍ବର ମଧ୍ୟରେ ସେମିକନ୍ ଇଣ୍ଡିଆ ୨୦୨୪ ଆୟୋଜିତ ହେଉଛି । ସେପ୍ଟେମ୍ବର ୧୧ରୁ ୧୩ ପର୍ଯ୍ୟନ୍ତ ତିନି ଦିନିଆ ସମ୍ମିଳନୀରେ ଭାରତର ସେମିକଣ୍ଡକ୍ଟର ରଣନୀତି ଏବଂ ନୀତି ପ୍ରଦର୍ଶିତ ହେବ ଯାହା ଭାରତକୁ ସେମିକଣ୍ଡକ୍ଟର ପାଇଁ ଏକ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ କରିବ । ଏଥିରେ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟରର ପ୍ରମୁଖ ନେତୃତ୍ୱ ଯୋଗଦେବା ସହ ବିଶ୍ୱସ୍ତରୀୟ ନେତା, କମ୍ପାନୀ ଏବଂ ସେମିକଣ୍ଡକ୍ଟର ଶିଳ୍ପର ବିଶେଷଜ୍ଞମାନଙ୍କୁ ଏହି ସମ୍ମିଳନୀ ଏକତ୍ର କରିବ । ଏହି ସମ୍ମିଳନୀରେ ୨୫୦ରୁ ଅଧିକ ପ୍ରଦର୍ଶକ ଏବଂ ୧୫୦ ବକ୍ତା ଅଂଶଗ୍ରହଣ କରିବେ ।

# ଅମିତ ଶାହ ପୁଣି ସଂସଦର ସରକାରୀ ଭାଷା କମିଟି ଅଧ୍ୟକ୍ଷ ନିର୍ବାଚିତ

**ନୂଆଦିଲ୍ଲୀ, ୯।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ସର୍ବସମ୍ମତିକ୍ରମେ ସଂସଦୀୟ ସରକାରୀ ଭାଷା କମିଟିର ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ନୂଆ ସରକାର ଗଠନ ପରେ ସରକାରୀ ଭାଷା କମିଟିର ପୁନର୍ଗଠନ ନେଇ ଆଲୋଚନା କରିବା ପାଇଁ ଆଜି ନୂଆଦିଲ୍ଲୀରେ କମିଟି ବୈଠକ ବସିଥିଲା। ଏହି ବୈଠକରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀଙ୍କୁ କମିଟିର ଅଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି। ୨୦୧୯ରୁ ୨୦୨୪ ମଧ୍ୟରେ ମଧ୍ୟ ଶ୍ରୀ ଅମିତ ଶାହ ଏହି କମିଟିର ଅଧ୍ୟକ୍ଷ ଥିଲେ। ସର୍ବସମ୍ମତିକ୍ରମେ ତାଙ୍କୁ ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ କରିଥିବାରୁ ଗୃହ ମନ୍ତ୍ରୀ ସରକାରୀ ଭାଷା ସଂକ୍ରାନ୍ତ ସଂସଦୀୟ କମିଟିର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

ନିଜ ଅଭିଭାଷଣରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଗତ ୭୫ ବର୍ଷ ଧରି ଆମେ ସରକାରୀ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିଆସୁଛୁ, କିନ୍ତୁ ଗତ ୧୦ ବର୍ଷ ମଧ୍ୟରେ ଏହାର ପଦ୍ଧତିରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ସେ କହିଥିଲେ ଯେ କେ ଏମ୍ ମୁନ୍ସି ଏବଂ ଏନ୍ ଜି ଆୟଙ୍ଗର ବହୁ ସଂଖ୍ୟକ ଲୋକଙ୍କ ସହ ଆଲୋଚନା କରିବା ପରେ ହିନ୍ଦୀକୁ ସରକାରୀ ଭାଷା ଭାବରେ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ସରକାରୀ କାର୍ଯ୍ୟରେ ଆଗକୁ ବଢ଼ାଇବା ସମୟରେ କୌଣସି ସ୍ଥାନୀୟ ଭାଷା ସହିତ ହିନ୍ଦୀର ପ୍ରତିଯୋଗିତା ହେବା ଉଚିତ୍ ନୁହେଁ। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଗତ ୧୦ ବର୍ଷ ମଧ୍ୟରେ ଏହି କମିଟି ହିନ୍ଦୀକୁ ସମସ୍ତ ସ୍ଥାନୀୟ ଭାଷାର ବନ୍ଧୁ କରିବା ପାଇଁ ଲଗାତାର ଚେଷ୍ଟା କରିଛି ଏବଂ କାହା ସହିତ ପ୍ରତିଦ୍ୱନ୍ଦ୍ୱିତା ହେବା ଉଚିତ୍ ନୁହେଁ । ସରକାରୀ ଭାଷା ବିଭାଗ ଏଭଳି ଏକ ସଫ୍ଟୱେର



ବିକଶିତ କରୁଛି ଯାହା ଦ୍ୱାରା ଅଷ୍ଟମ ଅନୁସୂଚୀର ସମସ୍ତ ଭାଷା ବୈଷୟିକ ଭିତ୍ତିରେ ସ୍ୱତଃସ୍ଫୂର୍ତ୍ତ ଭାବେ ଅନୁବାଦ ହୋଇପାରିବ। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଆମ କାର୍ଯ୍ୟରେ ହିନ୍ଦୀର ଦ୍ରୁତ ଗ୍ରହଣୀୟତା ଓ ବିକାଶ ହୋଇପାରିବ। ଆମ ଦେଶରେ ଏମିତି ଗୋଟିଏ ଭାଷା ରହିବା ଉଚିତ ଯାହା ଗୋଟିଏ ରାଜ୍ୟ ଓ ଅନ୍ୟ ରାଜ୍ୟ ମଧ୍ୟରେ ଯୋଗାଯୋଗ ପାଇଁ କାର୍ଯ୍ୟ କରିବ। ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଆଣିଥିବା ନୂତନ ଶିକ୍ଷା ନୀତିରେ ଆମେ ପିଲାଙ୍କ ପ୍ରାଥମିକ ଶିକ୍ଷା ମାତୃଭାଷାରେ ହେବା ପ୍ରତି ଗୁରୁତ୍ୱ ଦେଇଛୁ । ସଂସଦୀୟ ସରକାରୀ ଭାଷା କମିଟିକୁ ମନୋନୀତ ରାଜ୍ୟସଭା ଓ ଲୋକସଭା ସାଂସଦଙ୍କ ସମେତ ସରକାରୀ ଭାଷା ବିଭାଗ ସଚିବ ଶ୍ରୀମତୀ ଅଂଶୁଲି ଆର୍ଯ୍ୟଙ୍କ ନେତୃତ୍ୱରେ ସରକାରୀ ଭାଷା ବିଭାଗର ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ଏହି ବୈଠକରେ ସଂସଦୀୟ କମିଟିର ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ।

## ପଦ୍ମ ପୁରସ୍କାର

# ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କୁ ମନୋନିତ କରିବାକୁ ଦେଶବାସୀଙ୍କୁ ଅନୁରୋଧ କଲେ

**ନୂଆଦିଲ୍ଲୀ, ୯।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମାନଜନକ ପଦ୍ମ ପୁରସ୍କାର ପାଇଁ ନାମାଙ୍କନ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି । ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ଦେଇଥିବା ତୃଣମୂଳ ସ୍ତରର ଯୋଦ୍ଧାମାନଙ୍କୁ ସ୍ୱୀକୃତି ଦେବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ନାମାଙ୍କନ ପ୍ରକ୍ରିୟାର ସ୍ୱଚ୍ଛ ଏବଂ ସହଭାଗୀ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ ପୂର୍ବରୁ ମିଳିଥିବା ନାମାଙ୍କନ ସଂଖ୍ୟାକୁ ନେଇ ଖୁସି ବ୍ୟକ୍ତ କରିବା ସହ awards.gov.in ସରକାରୀ ପୋର୍ଟାଲ ମାଧ୍ୟମରେ ସମ୍ମାନଜନକ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କୁ ମନୋନୀତ କରିବାକୁ ଅଧିକରୁ ଅଧିକ ଲୋକଙ୍କୁ ଅନୁରୋଧ କରିଛନ୍ତି ।

ଏକ ଏକ୍ସ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି; ''ଗତ ଏକ ଦଶନ୍ଧି ମଧ୍ୟରେ ଆମେ ଅଗଣିତ ତୃଣମୂଳ ସ୍ତରର ଯୋଦ୍ଧାମାନଙ୍କୁ #PeoplesPadmaରେ ସମ୍ମାନିତ କରିଛୁ। ପୁରସ୍କାର ବିଜେତାଙ୍କ ଜୀବନ ଯାତ୍ରା ଅଗଣିତ ଲୋକଙ୍କୁ ପ୍ରେରଣା ଦେଇଛି। ସେମାନଙ୍କର ଧୈର୍ଯ୍ୟ ଓ ଦୃଢ଼ତା ସେମାନଙ୍କ ସମୃଦ୍ଧ କାର୍ଯ୍ୟରେ ସ୍ପଷ୍ଟ ଭାବେ ଦୃଶ୍ୟମାନ। ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ ଅଂଶୀଦାର କରିବା ଉଦ୍ଦେଶ୍ୟରେ ଆମ ସରକାର ବିଭିନ୍ନ ପଦ୍ମ ପୁରସ୍କାର ପାଇଁ ଅନ୍ୟମାନଙ୍କୁ ମନୋନୀତ କରିବା ପାଇଁ ଲୋକଙ୍କୁ ଆମନ୍ତ୍ରଣ କରୁଛନ୍ତି । ଅନେକ ନାମାଙ୍କନ ଆସିଥିବାରୁ ମୁଁ ଖୁସି। ନାମାଙ୍କନ ଦାଖଲର ଶେଷ ଦିନ ହେଉଛି ଚଳିତ ମାସ ୧୫ ତାରିଖ। ମୁଁ ଅଧିକରୁ ଅଧିକ ଲୋକଙ୍କୁ ଅନୁରୋଧ କରୁଛି ଯେ ସେମାନେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ପାଇଁ ମନୋନୀତ କରନ୍ତୁ। ଆପଣମାନେ ଏହା - awards.gov.in ରେ କରିପାରିବ ।''

# ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଶ୍ରୀହୀନ

**ଭୁବନେଶ୍ୱର, ୯।୯ (ସଂଚାର ବ୍ୟୁରୋ):** ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ରଜତ ଜୟନ୍ତୀ ଅବସରରେ 'ଶ୍ରୀଜଗନ୍ନାଥ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ର ପରିଚାୟକ' ଶୀର୍ଷକ ଆଲୋଚନାଚକ୍ର ଶ୍ରୀ ସୀତା ବଲ୍ଲଭ ମହାପାତ୍ର ଙ୍କ ପୌରହିତ୍ୟରେ ଗଜପତିନଗର ସ୍ଥିତ ବାଣିଜ୍ୟ ଭବନ ପ୍ରେକ୍ଷାଳୟ ରେ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗ ର ପ୍ରାକ୍ତନ ନିର୍ଦ୍ଦେଶକ ତଥା ସୁସାହିତ୍ୟିକ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ କୁମାର ରଥ ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ କହିଲେ ଯେ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଶ୍ରୀଜଗନ୍ନାଥଙ୍କୁ ବାଦ୍ ଦେଇ କଳ୍ପନା କରାଯାଇ ନ ପାରେ। ମୁଖ୍ୟବକ୍ତା ଭାବେ ଶ୍ରୀ ପୀତବାସ ରାଉତରାୟ , ସମ୍ମାନିତ ଅତିଥି ଭାବେ ଶ୍ରୀ ପ୍ରଭାତ କୁମାର ନନ୍ଦ, ବକ୍ତା ଓ ଆଲୋଚକ ଭାବେ ପ୍ରଫେସର ଶରତ ଚନ୍ଦ୍ର ରଥ, ଡକ୍ଟର ଆରତି କର, ଶ୍ରୀ ଗଣେଶ ଚନ୍ଦ୍ର ପଣ୍ଡା ଯୋଗଦାନ କରି ଶ୍ରୀ ଜଗନ୍ନାଥ ଙ୍କୁ ନେଇ ଆମ ସାହିତ୍ୟ, ସଂସ୍କୃତି ଗତିଶୀଳ ଓ ତାଙ୍କୁ ଛାଡି ଏ ସବୁ ଶ୍ରୀହୀନ ବୋଲି ମତ ପ୍ରକାଶ କରିଥିଲେ। ନ୍ୟାସୀ ମଣ୍ଡଳର ସାଧାରଣ ସମ୍ପାଦକ ଶ୍ରୀ ପର୍ଶୁରାମ ଦ୍ୱିବେଦୀ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଆମ ଭାଷା , ସାହିତ୍ୟ ଓ



ଶ୍ରୀଜଗନ୍ନାଥ ସଂସ୍କୃତି ର ପ୍ରଚାର ଓ ପ୍ରସାର ପ୍ରତ୍ୟେକ ଓଡ଼ିଆଙ୍କ ଧ୍ୟେୟ ହେବା ଉଚିତ୍ ବୋଲି ଆହ୍ୱାନ ଦେଇଥିଲେ।ଏହି ପରିପ୍ରେକ୍ଷୀରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ମୁଖପତ୍ର 'ମୈତ୍ରୀ- ସମ୍ପର୍କର ସେତୁ'ର ରଜତ ଜୟନ୍ତୀ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ସଂସ୍କୃତି ସମ୍ପାଦକ ଶ୍ରୀ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀ ବିରଜା ପ୍ରସାଦ ଶତପଥୀ , କୈଳାସ ଚନ୍ଦ୍ର ରଥ ଓ ନିରଞ୍ଜନ ନାଥ ସଭାଟିକୁ ପରିଚାଳନା କରିଥିଲେ ଏବଂ ଶ୍ରୀ ରାମନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।ଶ୍ରୀ ବିଜୟ କୁମାର ଦାଶ, ଶ୍ରୀ ମନୋଜ କୁମାର ମହାପାତ୍ର, ପରମେଶ୍ୱର ମିଶ୍ର, ହିମାଂଶୁ ଶେଖର ମହାପାତ୍ର ଓ ବାଳକୃଷ୍ଣ ସାହୁ ପ୍ରଭୃତି ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ରାଜପଥ ପ୍ରକଳ୍ପ କାର୍ଯ୍ୟାଳୟ ଘେରିଲା ଜାଗରଣ ମଞ୍ଚ

**ଟାଙ୍ଗୀ–ଚୌଦ୍ୱାର, ୯।୯ (ସଂଚାର ବ୍ୟୁରୋ):** ୫୫ନଂ ଜାତୀୟ ରାଜପଥ ମଙ୍ଗୁଳି ଠାରୁ ଧୁମାବତୀ ପର୍ଯ୍ୟନ୍ତ ପ୍ରାୟ ୬କି.ମି ରାସ୍ତା ସଂପ୍ରସାରଣକୁ ୬ବର୍ଷ ବିତି ଯାଇଥିଲେବି ତାହା ସଂପୂର୍ଣ୍ଣ ହୋଇ ପାରୁନାହିଁ। ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚୌଦ୍ୱାର ସହରବାସୀଙ୍କ ସମେତ ଅନେକ ଲୋକ। ଇତି ମଧ୍ୟରେ ବହୁବାର ଆନ୍ଦୋଳନ, ରାସ୍ତାରୋକ, ଧାରଣା ଆଦି କାର୍ଯ୍ୟକ୍ରମ ବହୁବାର କରାଯାଇଛି। ହେଲେ ଜାତୀୟ ରାଜପଥ ପ୍ରାଧିକରଣ ଉକ୍ତ ୬କିମି ରାସ୍ତା ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରୁନଥିବା ଅଭିଯୋଗ ହେଉଛି। ବିଭିନ୍ନ ସମୟରେ ରାଜପଥ ପ୍ରାଧୀକରଣ ତଥା ନିର୍ମାଣକାରୀ ଠିକା ସଂସ୍ଥା ନିର୍ଭର ପ୍ରତିଶୃତି



ଦେଇ ମଧ୍ୟ ବିଫଳ ହେଉଛନ୍ତି। ଫଳରେ ଧର୍ଯ୍ୟର ସବୁସୀମା ଉଲଘଂନ ହୋଇ ସାରିଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି ଚୌଦ୍ୱାର ସହରବାସୀ। ଜାତୀୟ ରାଜପଥର ନିମ୍ନମାନର କାମ, ବିପର୍ଯ୍ୟସ୍ତ ରାସ୍ତା ଅବସ୍ଥା ଓ ସର୍ଭିସ ରୋଡର ମରାମତି କରାଯାଉନଥିବା ବିରୁଦ୍ଧରେ ସୋମବାର ଚୌଦ୍ୱାର ଜାଗରଣ ମଞ୍ଚ ନେତୃତ୍ୱରେ ଚୌଦ୍ୱାର ସହରର ବିଭିନ୍ନ ବ୍ୟବସାୟ ସଂଗଠନର କର୍ମକର୍ତ୍ତା, ସାଧାରଣ ଜନତା, ଖବରଦାତା ଓ ବୁଦ୍ଧିଜୀବୀ ଏକତ୍ରୀତ ହୋଇ ଢେଙ୍କାନାଳ ସ୍ଥିତ ରାଜପଥ ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ କରିଥିଲେ। ଦିନ ୧୧ଟା ଠାରୁ ୨ଟା୩୦ମି ପର୍ଯ୍ୟନ୍ତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଘେରାଉ କରାଯାଇ ବିଭିନ୍ନ ନାରାବାଜୀ କରିଥିଲେ ଜାଗରଣ ମଞ୍ଚର କର୍ମକର୍ତ୍ତାମାନେ। ପରେ ଏକ ଲିଖିତ ଦାବିପତ୍ର ଜାତୀୟ ରାଜପଥ ପ୍ରାଧିକରଣ ଟେକନିକାଲ ମ୍ୟାନେଜର ଧୀରଜ ପାଣ୍ଡେଙ୍କୁ ପ୍ରଦାନ କରାଯାଇଥିଲା। ଆସନ୍ତା ୨ମାସ ଅର୍ଥାତ ନଭେମ୍ବର ମାସ ସୁଦ୍ଧା ରାସ୍ତା କାର୍ଯ୍ୟ ସଂପୁର୍ଣ୍ଣ କରାଯିବା ବୋଲି ଅଧିକାରୀ ପାଣ୍ଡେ ପ୍ରତିଶୃତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା।

## ସୁଭଦ୍ରା ୱେବସାଇଟ୍

# ଧିମା ଗତିରେ ଚାଲୁଛି

**ଭୁବନେଶ୍ୱର, ୯।୯ (ତଥ୍ୟ):** ସୁଭଦ୍ରା ଯୋଜନାରେ ମହିଳାମାନେ ସହଜରେ ଯେଭଳି ନିଜ ନାମ ଦରଜ କରିପାରିବେ ସେଥିପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଥିବାବେଳେ ଏଥିପାଇଁ ପ୍ରସ୍ତୁତ ହୋଇଥିବା ୱେବସାଇଟ୍‌ଟି କିନ୍ତୁ ସଠିକ ଭାବେ କାର୍ଯ୍ୟ କରୁନାହିଁ। ୱେବସାଇଟ୍‌ଟି ଅତ୍ୟନ୍ତ ଧିମା ଚାଲିବା ଏବଂ ବାରମ୍ବାର ଏଥିରେ ଅପଗ୍ରେଡସେନ ହେଉଥିବାରୁ ଗାଁ ଗହଳର ମହିଳାମାନେ ନାମ ଦରଜ ପାଇଁ ଦିନ ଦିନ ଧରି ଅପେକ୍ଷା କରୁଛନ୍ତି।

ସୁଭଦ୍ରା ଯୋଜନାଟି ଚଳିତ ମାସ ୧୭ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ଶୁଭାରମ୍ଭ ହେବ ଏବଂ ନାମ ଦରଜ ହୋଇଥିବା ମହିଳାମାନେ ସେହିଦିନ ପ୍ରଥମ କିସ୍ତି ବାବଦରେ ୫୦୦୦ ଟଙ୍କା କରି ପାଇବେ ବୋଲି ଘୋଷଣା ହୋଇଛି। ଏହି ଘୋଷଣା ପରେ ଏବେ କିଏ ଆଗୁଆ ଭାବେ ନିଜ ନାମ ଦରଜ କରିବ ସେଥିପାଇଁ ଗାଁ ଠାରୁ ସହର ପର୍ଯ୍ୟନ୍ତ ଚାଲିଛି ପ୍ରତିଯୋଗିତା। ଏଥିପାଇଁ ଚଳିତ ମାସ ୪ ତାରିଖରୁ ପଞ୍ଜିକରଣ ଆରମ୍ଭ ହୋଇଛି।

ଜନସେବାକେନ୍ଦ୍ର ଓ ଅଙ୍ଗନବାଡି ଦିଦିଙ୍କ ଠାରୁ ସୁଭଦ୍ରା ଫର୍ମ ନେଇ ତାହାକୁ ପୂରଣ କରିବାପରେ ମହିଳାମାନେ ଜନସେବା କେନ୍ଦ୍ର ସମ୍ମୁଖରେ ଦାଖଲ ପାଇଁ ଧାଡି ଲଗାଉଛନ୍ତି। ହେଲେ ଜନସେବାକେନ୍ଦ୍ରଗୁଡିକୁ ଏଥିପାଇଁ ଯେଉଁ ଲିଙ୍କ୍ ଦିଆଯାଉଛି ତାହା ଅତ୍ୟନ୍ତ ଧିମା ଗତିରେ ଚାଲିଛି। ଗୋଟିଏ ନାମ ଦରଜ ପାଇଁ ୧୦ରୁ ମିନିଟ୍ ଲାଗିବା ସ୍ଥଳରେ ଘଣ୍ଟାଏ ଦୁଇଘଣ୍ଟା ଲାଗିଯାଉଛି। ଜନସେବା କେନ୍ଦ୍ରର କର୍ତ୍ତୃପକ୍ଷ ବି ନାଚାର। ସେମାନେ ଉପରକୁ ଜଣାଇଲେ ଗୋଟିଏ ଉତ୍ତର ମିଳୁଛି ୱେବସାଇଟ୍ ଅପଗ୍ରେଡ୍ ହେଉଛି।

ଏ ସଂକ୍ରାନ୍ତରେ କାହାରି ନିକଟରେ ସଠିକ ସୂଚନା ନଥିବାବେଳେ ଏଣେ କିନ୍ତୁ ସରକାର ଗାଁ ଗହଳରେ ରଥ ବୁଲାଇ ମହିଳା କିଭଳି ଟଙ୍କା ପାଇବେ ସେଥିପାଇଁ ବୁଝାଇ ଚାଲିଛନ୍ତି। ରଥ ପରିକ୍ରମା ଯେତିକି ବେଗରେ ହେଉଛି ନାମ ଦରଜ ପାଇଁ ଥିବା ୱେବସାଇଟ୍‌ଟି ସେତିକି ଧିମା ଗତିରେ ଚାଲୁଛି। କାଳେ ବିଳମ୍ବିତ ରାତିରେ ୱେବସାଇଟ୍ କାଳେ ଦ୍ରୁତି ଗତିରେ ଚାଲିବ ସେଥିପାଇଁ ମହିଳାମାନେ ରାତିରେ ବି ଜନସେବା କେନ୍ଦ୍ରରେ ଧାଡି ଲଗାଉଛନ୍ତି।

ୱେବସାଇଟ୍‌ର ଧିମା ଗତି ସହିତ ରାଜ୍ୟରେ ଏବେ ଝଡବର୍ଷା ଲାଗି ରହିଥିବାରୁ ଅନେକ ସ୍ଥାନରେ ବିଜୁଳି ଓ ଇଣ୍ଟରସେଟ୍ ବି ଲୁଚକାଳି ଖେଳୁଛି। ତେଣୁ ବହୁ ସ୍ଥାନରେ ଦିନକ ମଧ୍ୟରେ ୮/୧୦ଟି ସୁଭଦ୍ରା ଫର୍ମ ଅପଲୋଡ୍ କରିବା ବି କଷ୍ଟକର ହୋଇପଡୁଛି। ସୁଭଦ୍ରା ଫର୍ମ ପୂରଣ କ୍ଷେତ୍ରରେ କେତେକ ପରିବର୍ତ୍ତନ ହୋଇଛି। ବ୍ୟାଙ୍କ୍ ଆକାଉଣ୍ଟ ସହିତ ଆଧାର ସଂଯୋଗ ଦେବାପାଇଁ ବ୍ୟବସ୍ଥାଟିକୁ ପ୍ରତ୍ୟାହାର କରାଯାଇଛି। କାରଣ କେତେକ ସ୍ଥାନରେ ଆଧାର ନମ୍ବର ଦେଇ ବ୍ୟାଙ୍କ୍ ଖୋଜିଲା ବେଳକୁ ଅନ୍ୟ ରାଜ୍ୟର ବ୍ୟାଙ୍କର ନାମ ଦେଖାଇଥିଲା।

ତେବେ କର୍ତ୍ତୃପକ୍ଷ ଯଦି ତୁରନ୍ତ ୱେବସାଇଟ୍‌ର ଗତି ନବଢାଇବେ ତେବେ ୧୭ ତାରିଖ ବେଳକୁ ୧୭ ପ୍ରତିଶତ ସୁଭଦ୍ରା ହିତାଧିକାରୀ ନାମ ପଞ୍ଜିକରଣ କରିବା କଷ୍ଟକର ହୋଇପଡିବ ବୋଲି ମତପ୍ରକାଶ ପାଉଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ଯେଭଳି ମହିଳା ହିତାଧିକାରୀମାନେ କାମଧନ୍ଦା ଛାଡି ଜନସେବା କେନ୍ଦ୍ର ସମ୍ମୁଖରେ ଧାଡି ରହି ଧସ୍ତାଧସ୍ତି ହେଉଛନ୍ତି ତାହା ଅତ୍ୟନ୍ତ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି।

## ସମ୍ ହସ୍ପିଟାଲ୍‌ରେ ଭାରତୀୟ ସ୍ପାଇନ୍ ସର୍ଜନ ଆସୋସିଏସନ୍‌ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

# ମେରୁଦଣ୍ଡ ଅସ୍ତ୍ରୋପଚାର ୯୫ % ସୁରକ୍ଷିତ : ବିଶେଷଜ୍ଞ

**ଭୁବନେଶ୍ୱର, ୯।୯ (ସଂଚାର ବ୍ୟୁରୋ):** ଚିକିତ୍ସା ଓ ଅସ୍ତ୍ରୋପଚାର କ୍ଷେତ୍ରରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ, ଅସ୍ତ୍ରୋପଚାର ପଦ୍ଧତି ଏବଂ ପ୍ରଶିକ୍ଷଣ ଯୋଗୁଁ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳ ହୋଇପାରୁଛି। ମେରୁଦଣ୍ଡ ଅସ୍ତ୍ରୋପଚାର ୯୫ ପ୍ରତିଶତ ସୁରକ୍ଷିତ ବୋଲି କହିଛନ୍ତି ବିଶିଷ୍ଟ ସ୍ପାଇନ୍ ସର୍ଜନ୍ ପ୍ରଫେସର (ଡାକ୍ତର) ଶଙ୍କର ଆଚାର୍ଯ୍ୟ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଆସୋସିଏସନ୍ ଅଫ୍ ସ୍ପାଇନ୍ ସର୍ଜନ୍ସ ଅଫ୍ ଇଣ୍ଡିଆ (ଏଏସ୍ଏସ୍ଆଇ) ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ଆଚାର୍ଯ୍ୟ ମେରୁଦଣ୍ଡ ଅସ୍ତ୍ରୋପଚାରକୁ ନେଇ ଆଦୌ ଭୟ ନ କରିବାକୁ ପରାମର୍ଶ ଦେଇଛନ୍ତି।

ନୂଆଦିଲ୍ଲୀ ସ୍ଥିତ ସାର୍ ଗଙ୍ଗାରାମ ହସ୍ପିଟାଲ୍‌ର ସ୍ପାଇନ୍ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଆଚାର୍ଯ୍ୟ ଏହି ଅବସରରେ କହିଛନ୍ତି ଯେ ଏହି ଅସ୍ତ୍ରୋପଚାର ବେଶ ଫଳପ୍ରଦ ଓ ସୁରକ୍ଷିତ। ବର୍ତ୍ତମାନ ଯୁବକଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଠାରେ ମେରୁଦଣ୍ଡ ଜନିତ ସମସ୍ୟା ଦେଖାଦେଉଥିବା ବେଳେ ଜୀବନଶୈଳୀରେ ପରିବର୍ତ୍ତନ, ଖାଦ୍ୟ ଗ୍ରହଣ କରିବାରେ ଅନିୟମିତତା ଏବଂ ଶାରିରୀକ ବ୍ୟାୟାମରେ ଅବହେଳା



ଯୋଗୁଁ ମେରୁଦଣ୍ଡ ଜନିତ ସମସ୍ୟା ଦେଖା ଦେଉଛି ବୋଲି ସେ କହିଛନ୍ତି। ପୁଷ୍ଟିହୀନତା ଏବଂ ମଧୁମେହ ଜନିତ ସମସ୍ୟା ମଧ୍ୟ ମେରୁଦଣ୍ଡରେ ସଂକ୍ରମଣର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ସେ କହିଛନ୍ତି। ରାସ୍ତା ଦୁର୍ଘଟଣାର ଶିକାର ହେବା ପରେ ଅନେକ କ୍ଷେତ୍ରରେ ମେରୁଦଣ୍ଡରେ ଆଘାତ ସମସ୍ୟାର କାରଣ ହେଉଛି। ବିଶେଷ ଭାବରେ ଯୁବପିଢ଼ିଙ୍କ ନିକଟରେ ଏହି ବିପଦ ବେଶୀ ଦେଖାଦେଉଥିବା ବେଳେ ବେପରୁଆ ଗାଡ଼ି ଚାଳନା ଏହାର ମୁଖ୍ୟ କାରଣ ପାଲଟିଛି। ତେଣୁ ଟ୍ରାଫିକ ନିୟମ ପାଳନ କରିବା ଦିଗରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ ବୋଲି ସେ କହିଥିଲେ। ସେପ୍ଟେମ୍ବର ପ୍ରଥମ ସପ୍ତାହକୁ ମେରୁଦଣ୍ଡ ଆଘାତ ନିରାକରଣ ସପ୍ତାହ ଭାବେ ପାଳନ କରାଯାଉଛି ବୋଲି ସେ କହିଛନ୍ତି।

ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଥିଲେ ଯେ ଏହି ପ୍ରଶିକ୍ଷଣ ଶିବିରରେ କିଭଳି ସୁବିଧାରେ ଓ କମ୍ ସମୟରେ ହସ୍ପିଟାଲ୍‌ରେ ରହି ମେରୁଦଣ୍ଡର ଅସ୍ତ୍ରୋପଚାର କରାଯାଇପାରିବ ସେ ଦିଗରେ ପ୍ରଶିକ୍ଷଣ ଦିଆଯାଉଛି।

କାର୍ଯ୍ୟକ୍ରମର ଅର୍ଗାନାଇଜିଂ ସେକ୍ରେଟାରୀ ତଥା ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅର୍ଥୋପେଡିକ୍ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ସୁବ୍ରତ ମହାପାତ୍ର କହିଥିଲେ ଯେ ଏଥିରେ ଯୋଗ ଦେଇଥିବା ଯୁବ ଡାକ୍ତରମାନଙ୍କୁ ମେରୁଦଣ୍ଡ ଅସ୍ତ୍ରୋପଚାରର ନୂତନ ଓ ସୁରକ୍ଷିତ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା ସ୍ପାଇନ୍ ସୋସାଇଟିର ଅଧ୍ୟକ୍ଷ ପ୍ରଫେସର (ଡାକ୍ତର) ମଦନମୋହନ ସାହୁ ଓ ଅର୍ଗାନାଇଜିଂ ଚେୟାରମ୍ୟାନ ଡାକ୍ତର ଅଭିଶେକ ଶ୍ରୀବାସ୍ତବ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଡାକ୍ତର ସାମିଲ ହୋଇଥିଲେ।

# ଗାଁସାଥୀଙ୍କ ଦ୍ୱାରା ହେବାକୁ ଥିବା ସେପ୍ଟେମ୍ବର ୧୦ ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ୯।୯ (ସଂଚାର ବ୍ୟୁରୋ):** ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶ ସଂଗଠନ ତରଫରୁ ୧୦ ତାରିଖରେ ଆନ୍ଦୋଳନ କରିବା ପାଇଁ ସଂଘ ଆଗରୁ ପୋଲିସ ପ୍ରଶାସନ, ରାଜ୍ୟ ସରକାର ଓ ଗଣମାଧ୍ୟମକୁ ଜଣାଇଥିଲେ। ଚଳିତ ୬ ସେପ୍ଟେମ୍ବରରେ ସ୍ଥାନୀୟ ପୋଲିସ୍, ବିଜେପିର ରାଜ୍ୟ ସଭାପତି ଶ୍ରୀଯୁକ୍ତ ମନମୋହନ ମହୋଦୟ ଓ ମନ୍ତ୍ରୀ ପଞ୍ଚାୟତିରାଜ, ଓଡ଼ିଶା ସରକାର ଶ୍ରୀଯୁକ୍ତ ରବି ନାରାୟଣ ନାଏକ ଆଜ୍ଞାଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ଫଳରେ ଉକ୍ତ ସଂଘର ଏକାଧିକ ଦାବିର ସମାଧାନ ପାଇଁ କିଛି ପଥ ପ୍ରସ୍ତୁତ ହୋଇଥିବାରୁ ଉକ୍ତ ଆନ୍ଦୋଳନ ବର୍ତ୍ତମାନ ସ୍ଥିତିରେ ସାମୟିକ ଭାବରେ ସ୍ଥଗିତ ରଖାଗଲା ବୋଲି ଏହି ସଂଘର ରାଜ୍ୟ ସଭାପତି ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗଣମାଧ୍ୟମକୁ ଜଣାଇଛନ୍ତି। କଥା ଅନୁଯାୟୀ କାର୍ଯ୍ୟ ଠିକ୍‌ଠାକ୍ ନ ହେଲେ ଆଗାମୀ ଦିନରେ ସଂଘ ବାଧ୍ୟ ହୋଇ ଆନ୍ଦୋଳନକୁ ଜୋର୍‌ଦାର କରିବ ବୋଲି ଶ୍ରୀ ବିଶ୍ୱାଳ ଗଣମାଧ୍ୟମକୁ ଜଣାଇଛନ୍ତି ।

# କମିଛି ଦାରିଦ୍ର୍ୟ: ମାଲ ମାଲ ମାଗଣା ଯୋଜନା

**ଭୁବନେଶ୍ୱର,୯।୯ (ତଥ୍ୟ):** ଖାଦ୍ୟ ସୁରକ୍ଷା ଯୋଜନାରେ ଓଡିଶାରେ ଏବେ ୩କୋଟି ୩୫ଲକ୍ଷ ରୁ ଅଧିକ ଲୋକ ଉପକୃତ ହେଉଥିବାବେଳେ ସୁଭଦ୍ରା ଯୋଜନାରେ ପ୍ରାୟ କୋଟିଏ ମହିଳାଙ୍କୁ ଆର୍ଥିକ ସହାୟତା ଦେବାପାଇଁ ଯେଉଁ ଅଭିଯାନ ଆରମ୍ଭ ହୋଇଛି ତାହା ସଫଳ ହେଲେ ସେମାନଙ୍କ ପରିବାରର ୩କୋଟିରୁ ଅଧିକ ଲୋକ ଉପକୃତ ହେବେ।

ଓଡିଶାରେ ଦାରିଦ୍ର୍ୟ କମିଛି ବୋଲି ସରକାରୀ ପରିସଂଖ୍ୟାନରେ କୁହାଯାଉଥିବାବେଳେ ୩କୋଟି ୩୫ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ମାଗଣା ଚାଉଳ ବ୍ୟବସ୍ଥା କରାଯାଇଥିବା ପରିପ୍ରେକ୍ଷୀରେ ଏହି ପରିସଂଖ୍ୟାନ ପ୍ରତି ଅର୍ଥନୀତି ବିଶାରଦମାନେ ସନ୍ଦେହ ପ୍ରକଟ କରୁଛନ୍ତି।

ଓଡିଶାରେ ଏବେ ବାର୍ଦ୍ଧକ୍ୟଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ମଧୁବାବୁ ପେନସନ ଯୋଜନାରେ ପ୍ରାୟ ୫୭ଲକ୍ଷ ଲୋକ ଉପକୃତ ହେଉଛନ୍ତି। ଏଥିରୁ କେନ୍ଦ୍ରୀୟ ଯୋଜନାରେ ପ୍ରାୟ ୨୦ଲକ୍ଷ ଲୋକ ସାମିଲ ହୋଇଥିବାବେଳେ ରାଜ୍ୟ ଯୋଜନାରେ ପ୍ରାୟ ୩୭ଲକ୍ଷ ଲୋକ ଭତ୍ତା ପାଉଛନ୍ତି। ଏଥିଯୋଗୁଁ ପ୍ରାୟ ୫୦ଲକ୍ଷ ପରିବାର ମଧ୍ୟ ଉପକୃତ ହେଉଛନ୍ତି।

ଚଳିତ ମାସ ୧୭ତାରିଖରେ ଓଡିଶାରେ ଉଦଘାଟିତ ହେବାକୁ ଯାଉଥିବା ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ୫ବର୍ଷରେ ୫୦ହଜାର ଟଙ୍କାର ସହାୟତା ରାଶି ମିଳିବ। ଏଥିରେ ବି ୭୦ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବେ ବୋଲି କୁହାଯାଉଛି। ଏହାଛଡା ରାଜ୍ୟରେ ଏବେ ମିଶନ ଶକ୍ତି କାର୍ଯ୍ୟକ୍ରମରେ ପ୍ରାୟ ୭୦ଲକ୍ଷ ମହିଳା ସାମିଲ ଅଛନ୍ତି। ଏହି



ଯୋଜନାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠିଗୁଡିକୁ ବିପୁଳ ପରିମାଣର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।

କୃଷି ଓ କୃଷକଙ୍କ ବିକାଶ ପାଇଁ ଅତୀତରେ ପିଏମକିଷାନ ଓ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ମାଧ୍ୟମରେ କୃଷକମାନଙ୍କ ଖାତାକୁ ପ୍ରୋତ୍ସାହନ ରାଶି ଯାଉଥିଲା। ଆଜି ରାଜ୍ୟ ସରକାର ଆରମ୍ଭ କରିଥିବା ସିଏମକିଷାନ ଯୋଜନାରେ ୪୬ଲକ୍ଷ କୃଷକ ଉପକୃତ ହେବେ ବୋଲି କୁହାଯାଉଛି। ଏହାଛଡା ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୫ଟଙ୍କିଆ ଆହାର କାର୍ଯ୍ୟକ୍ରମ ମଧ୍ୟ ଚାଲୁଛି। କେବଳ ସେତିକି ନୁହେଁ ପ୍ରାୟ ୪୦ଲକ୍ଷ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମାଗଣାରେ ମଧ୍ୟାହ୍ନଭୋଜନ ଦିଆଯାଉଥିବାବେଳେ ୫ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଓ ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ଔଷଧ ଓ ଖାଦ୍ୟ ଯୋଗାଣର ବ୍ୟବସ୍ଥା ଅଛି।

ଓଡିଶାରେ ଚିକିତ୍ସା ପାଇଁ କେବଳ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ମାସିକ ପ୍ରାୟ ୨୨୫ କୋଟି ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବାପରେ ଏହି ପରିମାଣ ଢେର ବଢ଼ିଯିବ। କେବଳ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ନୁହେଁ, ମାଗଣାରେ ବିଦ୍ୟୁତ୍ ଯୋଗାଣ ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ବିଜୁଳି ଯୋଜନା ମାଧ୍ୟମରେ ଘରେ ଘରେ ସୌରଶକ୍ତି ଉତ୍ପାଦନ ପାଇଁ ବିପୁଳ ଆର୍ଥିକ ସହାୟତାର ବନ୍ଦୋବସ୍ତ କରାଯାଉଛି।

ଆବାସ ଯୋଜନାରେ ଗାଁରୁ ସହର ପର୍ଯ୍ୟନ୍ତ ମାଗଣାରେ ଘର ଠାରୁ ଆରମ୍ଭ କରି ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ପାଇଖାନା ନିର୍ମାଣ ପାଇଁ ବି ସହାୟତା ମିଳୁଛି। ବିଶେଷକରି ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ମଧ୍ୟ ବିପୁଳ ଅର୍ଥ ରାଜକୋଷରୁ ଯାଉଛି। କୃଷକମାନଙ୍କୁ କୃଷି ସାମଗ୍ରୀ କିଣିବା ଲାଗି ମଧ୍ୟ ବିପୁଳ ସରକାରୀ ସହାୟତା ଦିଆଯାଉଛି। ଏସଏସଏମଇ କ୍ଷେତ୍ରରେ ବି ସରକାରୀ ପ୍ରୋତ୍ସାହନ ରହିଛି। ଏସବୁ ସତ୍ତ୍ୱେ ଗ୍ରାମାଞ୍ଚଳରେ ବର୍ଷକୁ ବର୍ଷ ଅଧିକ ଅଧିକ ପରିମାଣର ଚାଷଜମି ପଡିଆ ପଡିବା ସହିତ ବେକାରୀ, ବେରୋଜଗାରୀ, ମୂଲ୍ୟବୃଦ୍ଧି, ବିଭିନ୍ନ ସାମଗ୍ରୀ ପାଇଁ ନିର୍ଭରଶୀଳତା ଆଦି ପ୍ରମୁଖ ପ୍ରସଙ୍ଗ ହୋଇ ରହିଛି।

# ଡ. ସତୀଶଙ୍କୁ ଜାତୀୟ ପୁରସ୍କାର

**ଭୁବନେଶ୍ୱର, ୯।୯ (ସଂଚାର ବ୍ୟୁରୋ):** ନୂଆ ଖାଇ ପର୍ବ ଉପଲକ୍ଷେ ସାମ୍ବାଦିକ ଡ. ସତୀଶ କୁମାର ଦାସ ଙ୍କୁ ସାମ୍ବାଦିକତା ନିକ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ "First Indian Icon Award" ରେ ସମ୍ମାନୀତ କରାଯାଇଛି। "ଜଳବାୟୁ ପରିବର୍ତ୍ତନ ଏବଂ ଗ୍ରାମୀଣ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଖବର ସରକାରଙ୍କ ନିକଟର ପହଞ୍ଚାଇବା ନିମନ୍ତେ ଶ୍ରୀ ଦାସଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନ ଯୋଗଦାନ କରି ସମ୍ମାନିତ କରିଥିଲେ। ୱାର୍ଲ୍ଡ ହୋମ ଇଣ୍ଟରନେସନାଲ୍ ଏବଂ ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ, ନୂଆଦିଲ୍ଲୀର ମିଳିତ ଆନୁକୁଲ୍ୟରେ ନୂଆଁ ଖାଇ ପର୍ବ ଉପଲକ୍ଷେ ଭୁବନେଶ୍ୱର ଠାରେ ଆୟୋଜିତ ଜାତୀୟ ସମ୍ବର୍ଦ୍ଧିତ ସଭାରେ ଶ୍ରୀ ଦାସଙ୍କୁ ସମ୍ମାନୀତ କରାଯାଇଛି। ଡ. ସତୀଶ କୁମାର ଦାଶ ପ୍ରଥମେ ଏନ୍ଆଇ, ପରେ ଭରତ ୨୪ ଏବଂ ବର୍ତ୍ତମାନ ସେ ଟାଇମ୍ସ ନାଓ ନବଭାରତରେ କାମ କରୁଛନ୍ତି। ୱାର୍ଲ୍ଡ ହୋମ ଇଣ୍ଟରନେସନାଲ୍, ଦିଲ୍ଲୀ ର ସାଧାରଣ ସମ୍ପାଦିକା ଶ୍ରୀମତୀ ରମେଶ୍ୱରି ନନ୍ଦ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ ହେବା ପାଇଁ ନିମନ୍ତ୍ରିତ କରିଥିବାରୁ ଶ୍ରୀ ଦାସ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି। ସୂଚନା ଥାଉକି,ସାମ୍ବାଦିକ ସତୀଶ କୁମାର ମଧ୍ୟ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ ପୁରସ୍କାର ଯେପରିକି ଆନ୍ତର୍ଜାତୀୟ କଲ୍କୀ ଗୌରବ ପୁରସ୍କାର, ଜ୍ୟୋତି ଷ୍ଟାର ପ୍ରତିଭା ସମ୍ମାନ ୨୦୨୩, ସ୍ୱାମୀ ବିବେକାନନ୍ଦ ସେବା ରତ୍ନ ପୁରସ୍କାର, ଇଣ୍ଡୋ- ସ୍ପେନିଶ୍ ଆନ୍ତର୍ଜାତୀୟ ପୁରସ୍କାର ୨୦୨୪, ଭାରତୀୟ ବ୍ୟକ୍ତିଗତ ଉତ୍କର୍ଷ ପୁରସ୍କାର ୨୦୨୪ ପାଇଛନ୍ତି। ସେ ଦେଶର ବହୁ ଖ୍ୟାତିସମ୍ପନ୍ନ ନ୍ୟୁଜ୍ ଚ୍ୟାନେଲ ଏବଂ ଖବରକାଗଜ ସହିତ ଜଡିତ ଅଛନ୍ତି।



SANCHAR
ସଂଚାର

୪ ମଙ୍ଗଳବାର ୧୦ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Tuesday 10 September 2024 Bhubaneswar

# ଯୁଦ୍ଧବିରତି ପାଇଁ ଶେଷ ଚେଷ୍ଟା

ୟୁକ୍ରେନ ଓ ରଷିଆ ମଧ୍ୟରେ ଯୁଦ୍ଧର ପରିସମାପ୍ତି ଅତ୍ୟନ୍ତ ଜରୁରୀ। ଏଥିପାଇଁ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ୟୁକ୍ରେନ ସହ ଶାନ୍ତି ଆଲୋଚନା ନିମନ୍ତେ ସେ ପ୍ରସ୍ତୁତ ବୋଲି କହିଛନ୍ତି। ଏଥିଲାଗି ଭାରତ, ଚୀନ ଏବଂ ବ୍ରାଜିଲ ମଧ୍ୟସ୍ଥତା କରିବା ଉଚିତ ବୋଲି ସେ କହିଛନ୍ତି। ବାସ୍ତବରେ ଭାରତ ହିଁ ଏକମାତ୍ର ରାଷ୍ଟ୍ର ଯାହା ରୁଷ ଏବଂ ୟୁକ୍ରେନକୁ ଗୋଟିଏ ଟେବଲରେ ବସାଇପାରିବ ଏବଂ ସମାଧାନର ସୂତ୍ର ବାହାରିପାରିବ। ଏଥିଲାଗି ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମସ୍କୋ ଗସ୍ତରେ ଯାଉଛନ୍ତି। ଡୋଭାଲଙ୍କ ଏହି ଗସ୍ତ ନିର୍ଣ୍ଣାୟକ ହେବ ବୋଲି ଆଶା। ଯୁଦ୍ଧର ପରିସମାପ୍ତି ନିମନ୍ତେ ଏହାକୁ ଶେଷ ଉଦ୍ୟମ ବୋଲି କୁହାଯାଇପାରେ। ଡୋଭାଲଙ୍କର ଏ କ୍ଷେତ୍ରରେ ଯଥେଷ୍ଟ ଦକ୍ଷତା ଏବଂ ଅଭିଜ୍ଞତା ରହିଛି। ଏହାର ସେ ସଦୁପଯୋଗ କରିବେ ବୋଲି ଆଶା। ଯଦି ଏହି ଉଦ୍ୟମ ବିଫଳ ହେବ ତେବେ ଯୁଦ୍ଧର ପରିସମାପ୍ତି ଲାଗି ଆହୁରି ଅନେକ ବର୍ଷ ଲାଗିଯିବ। ଆହୁରି ଅନେକ ନିରୀହ ବ୍ୟକ୍ତିଙ୍କ ଜୀବନ ଯିବ, ଅନେକ ସମ୍ପତ୍ତି ନଷ୍ଟ ହେବ। ଇତିମଧ୍ୟରେ ୟୁକ୍ରେନ ଉପରେ ରଷିଆର ଆକ୍ରମଣକୁ ଅଢ଼େଇ ବର୍ଷ ବିତିଗଲାଣି। କିନ୍ତୁ ଯୁଦ୍ଧ ଶେଷ ହେବାର ନାଁ ଧରୁନାହିଁ। ସାରା ବିଶ୍ୱର ଅନୁରୋଧ ସତ୍ତ୍ୱେ ରଷିଆ ଆକ୍ରମଣରୁ ବିରତ ହେଉନି। ଜାତିସଂଘ ସାଧାରଣ ପରିଷଦ ବୈଠକରେ ରଷିଆକୁ ନିନ୍ଦା କରାଗଲା। ଯୁଦ୍ଧ ବାନ୍ଦ ଲାଗି ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ)ର ନିର୍ଦ୍ଦେଶକୁ ରଷିଆ ପ୍ରତ୍ୟାଖ୍ୟାନ କଲା। ଆମେରିକା ପକ୍ଷରୁ ରଷିଆ ବିରୋଧରେ କଠୋର ଆର୍ଥିକ ଓ ସାମରିକ ପ୍ରତିବନ୍ଧକ ଲଗାଯାଇଛି। ଆମେରିକାର ସହଯୋଗୀ ରାଷ୍ଟ୍ରମାନେ ମଧ୍ୟ ରଷିଆ ସହ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଛନ୍ତି। ରଷିଆ ରାଷ୍ଟ୍ରପତି ପୁଟିନଙ୍କୁ ଆମେରିକା ଯୁଦ୍ଧ ଅପରାଧି ଘୋଷଣା କରିଛନ୍ତି। ରଷିଆରୁ ତୈଳ ଆମଦାନୀ ଉପରେ କଟକଣା ଜାରି କରିଛି। ଏହା ସତ୍ତ୍ୱେ ରଷିଆ ଯୁଦ୍ଧରୁ ବିରତ ହୋଇନାହିଁ। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ନାଟୋରେ ସାମିଲ ହେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ପୁଟିନ ନିଜ ଯିଦରୁ ଓହରିବାର କୌଣସି ସଙ୍କେତ ମିଳୁନି। ବରଂ ୟୁକ୍ରେନ ଉପରେ ରଷିଆର ଆକ୍ରମଣ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଏବେ ସୁଦ୍ଧା ଆମେରିକା ଓ ନାଟୋ ସଦସ୍ୟଭୁକ୍ତ ରାଷ୍ଟ୍ରମାନେ ଯଥେଷ୍ଟ ସଂଯମତା ରକ୍ଷା କରିଛନ୍ତି। ୟୁକ୍ରେନକୁ ଆମେରିକା ବିପୁଳ ଆର୍ଥିକ ଓ ସାମରିକ ସହାୟତା ପ୍ରଦାନ କରିଛି। କିନ୍ତୁ ଏବେ ସୁଦ୍ଧା ୟୁକ୍ରେନ ସପକ୍ଷରେ ଅନ୍ୟ କୌଣସି ଦେଶ ଅସ୍ତ୍ର ଉତ୍ତୋଳନ କରି ନାହାଁନ୍ତି। ଯଦି ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ର ସମୂହ ୟୁକ୍ରେନକୁ ସହାୟତା ଲାଗି ସୈନ୍ୟ ପ୍ରେରଣ କରନ୍ତି ଏବଂ ଯୁଦ୍ଧ ଘୋଷଣା କରନ୍ତି , ତେବେ ତୃତୀୟ ବିଶ୍ୱଯୁଦ୍ଧ ଲାଗିବା ନିଶ୍ଚିତ। ରଷିଆର ଆକ୍ରମଣରେ ୟୁକ୍ରେନ ଏକରକମ ଧ୍ୱସ୍ତ ବିଧ୍ୱସ୍ତ ହୋଇଗଲାଣି। ହଜାର ହଜାର ସାଧାରଣ ନାଗରିକ ପ୍ରାଣ ହରାଇଲେଣି। ୟୁକ୍ରେନର ଭିତ୍ତିଭୂମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରାଜଧାନୀ କିଭକୁ ଦଖଲ କରିବା ନିମନ୍ତେ ରଷିଆ ସେନା ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। କିନ୍ତୁ ୟୁକ୍ରେନ ସେନା ଏବଂ ସାଧାରଣ ନାଗରିକମାନେ ରଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ସେମାନେ ରଷିଆ ସେନାର ଯେପରି ଭାବେ ପ୍ରବଳ ପ୍ରତିରୋଧ କରୁଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ। ଅନ୍ୟ ପକ୍ଷରେ ଯୁଦ୍ଧରେ ରଷିଆର ମଧ୍ୟ ବିପୁଳ କ୍ଷତି ହୋଇଛି। ରଷିଆର ବହୁ ଲଢ଼ୁଆ ବିମାନ, ଟ୍ୟାଙ୍କ ଓ ସେନା ଗାଡ଼ି ଧ୍ୱଂସ ହୋଇଥିବା ବେଳେ ଅନେକ ଅସ୍ତ୍ରଶସ୍ତ୍ର ମଧ୍ୟ ଧ୍ୱଂସ ହୋଇଛି। ରଷିଆର ଗଚ୍ଛିତ ଅସ୍ତ୍ରଶସ୍ତ୍ର ସରି ଆସୁଛି। କୁହାଯାଉଛି ଯେ, ଆଉ ଦୁଇ ସପ୍ତାହ ପରେ ରଷିଆ ନିକଟରେ ଆକ୍ରମଣ ଲାଗି ଆଉ ଅସ୍ତ୍ର ନଥିବ। ରଷିଆକୁ ସାମରିକ ସହାୟତା ପ୍ରଦାନ କରିବାକୁ ଚୀନ ମନା କରି ଦେଇଛି। ଏଭଳି ପରିସ୍ଥିତିରେ ରଷିଆ ଯୁଦ୍ଧ ଶେଷ କରିବାକୁ ପରମାଣୁ ଅସ୍ତ୍ର ପ୍ରୟୋଗ ମଧ୍ୟ କରିପାରେ। ଏହା ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିପାରେ। ରଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ଭଳି ଜଣେ ଏକଛତ୍ରବାଦୀ ରାଷ୍ଟ୍ରମୁଖ୍ୟ ଏଭଳି ଅପରିଣାମଦର୍ଶୀ ପଦକ୍ଷେପ ନେବା ଅସମ୍ଭବ ନୁହେଁ। ଆଉ ଯଦି ଏବେ ଆମେରିକା ବା ନାଟୋ ସଦସ୍ୟମାନେ ରଷିଆ ବିରୋଧରେ ଯୁଦ୍ଧ ଘୋଷଣା କରନ୍ତି ତେବେ ଏହାର ମୁକାବିଲା କରିବା ରଷିଆ ନିକଟରେ ଅସମ୍ଭବ ହୋଇପଡ଼ିବ। ରଷିଆ ଆକ୍ରମଣରେ ୟୁକ୍ରେନ ଏକପ୍ରକାର ଧ୍ୱଂସସ୍ତୁପରେ ପରିଣତ ହୋଇଗଲାଣି। ତେବେ ଯୁଦ୍ଧ ପରେ ୟୁକ୍ରେନର ପୁନର୍ଗଠନ ନିମନ୍ତେ ବିପୁଳ ଆର୍ଥିକ ସହାୟତା ମିଳିବ। ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘର ସହାୟତାରେ ୟୁକ୍ରେନର ପୁନର୍ଗଠନ ଓ ଆର୍ଥିକ ପୁନରୁଦ୍ଧାର ସମ୍ଭବ ହୋଇପାରିବ। କିନ୍ତୁ ରଷିଆ ବିରୋଧରେ ଆମେରିକା ଯେଉଁ ଆର୍ଥିକ ପ୍ରତିବନ୍ଧକ ଲଗାଇଛି ରଷିଆ ଉପରେ ତାହାର ପ୍ରଭାବ ଅନେକ ବର୍ଷ ପର୍ଯ୍ୟନ୍ତ ରହିବ। ଆର୍ଥିକ ଓ ସାମରିକ ଦୃଷ୍ଟିରୁ ରଷିଆ ଯେଉଁ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛି ତାହାକୁ ଭରଣା କରିବା ଲାଗି ରଷିଆକୁ ଅନେକ ବର୍ଷ ଲାଗିଯିବ। ତେବେ ପ୍ରଶ୍ନ ହେଉଛି ବିଶ୍ୱଜନମତ ରଷିଆ ବିରୋଧରେ ଯାଉଥିବା ବେଳେ ଏବଂ ଆଇସିଜେ ଯୁଦ୍ଧ ବନ୍ଦ ଲାଗି ରଷିଆକୁ ନିର୍ଦ୍ଦେଶ ଦେବା ପରେ ମଧ୍ୟ ପୁଟିନ କାହିଁକି ଯୁଦ୍ଧରୁ ବିରତ ହେଉ ନାହାଁନ୍ତି ? ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ନାଟୋରେ ସାମିଲ ନହେବାକୁ ନିଷ୍ପତ୍ତି ନେବା ପରେ ମଧ୍ୟ ପୁଟିନ କାହିଁକି ଯୁଦ୍ଧରୁ ବିରତ ହେଉ ନାହାଁନ୍ତି। ୟୁକ୍ରେନକୁ ନିଜ ଦଖଲକୁ ନେବା ଅଭିପ୍ରାୟ ନାହିଁ ବୋଲି ରଷିଆ କହିଛି। ତେବେ ୟୁକ୍ରେନ ଉପରେ ଆକ୍ରମଣ ଜାରି ରଖିବାର ଉଦ୍ଦେଶ୍ୟ କ'ଣ ହୋଇପାରେ? ୟୁକ୍ରେନ ଭଳି ଏକ ଅପେକ୍ଷାକୃତ ଛୋଟ ଦେଶକୁ ତଳିତଳାନ୍ତ କରିବା ଦ୍ୱାରା ରଷିଆର କ'ଣ ଲାଭ ହେବ? ଏକଦା ୟୁକ୍ରେନ ଅବିଭକ୍ତ ସୋଭିଏତ ରୁଷର ଏକ ଅଂଶବିଶେଷ ଥିଲା। ଏହା ପରମାଣୁ ଶକ୍ତି ସମ୍ପନ୍ନ ହେଲେ ମଧ୍ୟ ଏହା ନିକଟରେ ପରମାଣୁ ଅସ୍ତ୍ର ନାହିଁ। ତେବେ ୟୁକ୍ରେନକୁ ରଷିଆର ଭୟ କାହିଁକି? ରଷିଆର ଭୟ ହେଲା କାଳେ ୟୁକ୍ରେନ ନାଟୋରେ ସାମିଲ ହୋଇଯିବ ଏବଂ ଆମେରିକା ସେନା ରୁଷ ସୀମା ନିକଟକୁ ଆସିଯିବେ। କିନ୍ତୁ ପୁଟିନଙ୍କ ଏଭଳି ଚିନ୍ତାଧାରା ସମ୍ପୂର୍ଣ୍ଣ ଅମୂଳକ ଏବଂ ଭିତ୍ତିହୀନ। ୟୁକ୍ରେନ ଏକ ସ୍ୱାଧୀନ ରାଷ୍ଟ୍ର। ନିଜସ୍ୱ ନିଷ୍ପତ୍ତି ନେବାର ଅଧିକାର ଏହାର ରହିଛି। ଏହା ନାଟୋର ସଦସ୍ୟଭୁକ୍ତ ହେବ କି ନାହିଁ ତାହା ୟୁକ୍ରେନ ଉପରେ ନିର୍ଭର କରେ। ଏଥିରେ ପୁଟିନ ବିଚଳିତ ହେବାର କିଛି ଯଥାର୍ଥତା ନାହିଁ। ପୁଟିନଙ୍କ ଏହି ଆଭିମୁଖ୍ୟକୁ ତାଙ୍କ ନିଜ ଦେଶରେ ମଧ୍ୟ ବିରୋଧ କରାଯାଉଛି। ଯୁଦ୍ଧ ସବୁବେଳେ କ୍ଷତିକାରକ ଏବଂ ମାନବସମାଜ ବିରୋଧୀ। ୟୁକ୍ରେନକୁ ଧ୍ୱଂସମୁଖକୁ ଠେଲିଦେବାର ଅଧିକାର କାହାର ନାହିଁ। ଏବେ ସମୟ ଆସିଛି ବିଶ୍ୱ ସମୁଦାୟ ୟୁକ୍ରେନକୁ କେବଳ କଥାରେ ସମର୍ଥନ ନୁହେଁ, କାର୍ଯ୍ୟକ୍ଷେତ୍ରରେ ସହାୟତା କରିବାକୁ ଆଗେଇ ଆସିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ସହରାଞ୍ଚଳ ବନ୍ୟା ମନୁଷ୍ୟକୃତ

ମହାଶୟ,

ଗତ କିଛି ବର୍ଷ ହେବ ରାଜ୍ୟରେ ବଡ଼ ବନ୍ୟା ଦେଖିବାକୁ ମିଳୁନି। ଏହାର ମୁଖ୍ୟ କାରଣ ହେଲା ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳସ୍ରୋତକୁ ଅଟକାଇଛନ୍ତି। ଫଳରେ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ କମିଛି। ତେବେ ବଡ଼ ବନ୍ୟା ପ୍ରକୋପ ହ୍ରାସ ପାଇଥିଲେ ମଧ୍ୟ ସହରାଞ୍ଚଳରେ ଏବେ ଏକପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି ଯାହାକୁ ମନୁଷ୍ୟକୃତ ବୋଲି କୁହାଯାଇପାରେ। ସାମାନ୍ୟ ବର୍ଷାରେ ସହରର ତଳି ଅଞ୍ଚଳ ଜଳାର୍ଣ୍ଣବ ହେଉଛି। ରାସ୍ତାରେ ପାଣି ସୁଅ ଛୁଟୁଛି। ଯାନବାହନ ଚଳାଚଳ କିଛି ସମୟ ପାଇଁ ଠପ ହୋଇଯାଉଛି। ଆଉ ବେଳେ ଏହା ଦ୍ୱାରା ଜୀବନ ହାନୀ ମଧ୍ୟ ହେଉଛି। ବିଶେଷ କରି କଟକ-ଭୁବନେଶ୍ୱରରେ ପ୍ରତି ବର୍ଷ ଦୁଇ ତିନିଜଣ ବର୍ଷା ପାଣିରେ ଭାସି ଯାଇ ପ୍ରାଣ ହରାଉଛନ୍ତି। ବର୍ଷାରେ ସହର ଭିତରେ ଥିବା ବିଭିନ୍ନ ନାଳରୁ ପାଣି ଉଛୁଳି ରାସ୍ତାରେ ଲହଡ଼ି ମାରୁଛି। ବେଳେବେଳେ ଏହା ଦୁର୍ଘଟଣାର କାରଣ ହେଉଛି। ରାସ୍ତାରେ ପ୍ରବଳ ଜଳସ୍ରୋତରେ ଭାସି ଯାଇ ଅନେକ ପିଲା ପ୍ରାଣ ହରାଇବାର ଘଟଣା ପ୍ରତିବର୍ଷ ଦେଖିବାକୁ ମିଳୁଛି। ଏହାର କାରଣ ହେଲା ସହରାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସବୁଠି ବେଆଇନ ନିର୍ମାଣ। ନାଳ ଉପରେ ଘର ତିଆରି କରାଯାଇଛି। ରାସ୍ତା କଡ଼ରେ ଆଉ ମାଟି ନାହିଁ। ସବୁଠି କଙ୍କ୍ରିଟ। ମାଟିରେ ପାଣି ଭେଦିବାକୁ ସୁଯୋଗ ନାହିଁ। ସହରରର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫ୍ଲାଇଓଭର ନିର୍ମାଣ କରାଯାଇଛି। ଏସବୁ ଫ୍ଲାଇ ଓଭରରୁ ପାଣି ଗଡ଼ି ଆସି ଗୋଟିଏ ସ୍ଥାନରେ ଜମା ହେବା ଫଳରେ ରାସାରେ ୨ରୁ ୪ ଫୁଟ ଉଚ୍ଚର ପାଣି ଜମି ଯାଉଛି। ଭୂତଳ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତିକରଣ ହେଉନି। ପୁରୀ ବଡ଼ ଦାଣ୍ଡରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜଳ ନିଷ୍କାସନ ବ୍ୟବସ୍ଥା ହେଲା। କିନ୍ତୁ ତାହା ବିଫଳ ହେଲା। ଅନେକ ସ୍ଥାନରେ ଜଳର ପ୍ରାକୃତିକ ସ୍ରୋତକୁ ଅଟକାଇବାକୁ ପ୍ରୟାସ କରାଯାଉଛି। ଏହା ହିଁ ସହରାଞ୍ଚଳ ବନ୍ୟାରେ ପ୍ରକୃତ କାରଣ। ଏହାର ପ୍ରତିକାର ଜରୁରୀ।

ମାଧବାନନ୍ଦ ମହାପାତ୍ର, ରାହାମା, ଜଗତସିଂହପୁର

# ବିଶ୍ୱଶାନ୍ତି ପାଇଁ ଆତଙ୍କବାଦୀଙ୍କ ସମୂହ ବିନାଶ ଅପରିହାର୍ଯ୍ୟ

ଆଶୁତୋଷ ନାୟକ

ଏକବିଂଶ ଶତାବ୍ଦୀରେ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ। ବିଶ୍ୱ ବ୍ୟାପି ସମସ୍ୟା ଭାବେ ଏହା ଉଭା ହୋଇଛି। ଆନ୍ତଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ। ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଧ୍ୱଂସର ତାଣ୍ଡବଲୀଳା ରଚିବା ଏବଂ ହିଂସା ମାଧ୍ୟମରେ ବର୍ବରତା ଓ ନିଷ୍ଠୁରତାର ସହ ନିରୀହ ମନୁଷ୍ୟଙ୍କୁ ହତ୍ୟା କରିବା। ଆତଙ୍କବାଦୀ ମାନେ ସମଗ୍ର ମାନବ ଜାତି ପାଇଁ କଳଙ୍କ। ସେମାନଙ୍କ ପାଖରେ ମନୁଷ୍ୟତ୍ୱ ନଥାଏ। ଆତଙ୍କବାଦୀଙ୍କ ପାଖରେ କୌଣସି ମାନବୀୟ ଗୁଣ ନଥାଏ।ଦୟା, କ୍ଷମା, ସହନଶୀଳତା,ସାଧୁତା, ନମ୍ରତା, ଭଳି ମହନୀୟ ଗୁଣ ତାଙ୍କ ପାଖରେ ଆଶା କରିବା ସୈତାନର ବେଦ ପାଠ ସଦୃଶ। ଆତଙ୍କବାଦର ଫରାସୀ ଶବ୍ଦ "ଟେରୋରିଜମେ " ଯାହା ଲାଟିନ କ୍ରିୟା ଟେରେରେ ରୁ ଆସୁଅଛି। ଏହାର ଅର୍ଥ ଭୟ ଦେଖାଇବା। ଆତଙ୍କବାଦ ଏକ ପନ୍ଥା ଯାହାଦ୍ୱାରା ଏକ ସଂଗଠିତ ଗୋଷ୍ଠୀ ବା ଦଳ ନିଜର ଲକ୍ଷ୍ୟ ସାଧନ ପାଇଁ ହିଂସାର ପଦ୍ଧତି ଅବଲମ୍ବନ କରନ୍ତି। "ହାନସ ଯେ ମୋର୍ଗେଥାଉ" ମତରେ " ଖରାପ ଲୋକମାନେ ଯାହା କରନ୍ତି ତାହା ହେଉଛି ଆତଙ୍କବାଦ "। ଜଣେ ଚୀନ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ୟ ଲକ୍ଷ୍ୟ ହେଉଛି ଜଣକୁ ହତ୍ୟା କରି ଅନେକଙ୍କୁ ଭୟଭୀତ କରାଇବା।

ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ। ମାନବ ଜନ୍ମର ସାର୍ଥକତା ଥାଏ ସୁନ୍ଦର ସମାଜ ଗଠନରେ। ମାତ୍ର ଅନେକ ସମୟରେ ନିର୍ବୋଧ ସ୍ୱାର୍ଥପର ମାନବ ପରିବେଶ ଓ ପରିସ୍ଥିତିର ପ୍ରଭାବରେ ପାଶବିକ ଆଚରଣ କରିଥାଏ ଏବଂ ନିଜ ପ୍ରାଣରେ ଭରିଦିଏ ପଶୁତ୍ୱ। ଏହି ପଶୁତ୍ୱରୁ ଜନ୍ମ ହୁଏ ଆତଙ୍କବାଦ। ମନୁଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥବାଦୀ ଅଭିଳାଷା ଚରିତାର୍ଥ କରିବା ନିମନ୍ତେ ବାଛିନିଏ ଆତଙ୍କର ପଥ,ଖେଳେ ରକ୍ତର ପୈଶାଚିକ ହୋଲି। ସେ କେବଳ ବୁଝେ ବନ୍ଧୁକ ଗୁଳିଗୋଳା ଓ ରକ୍ତର ପରିଭାଷା। ହିଂସା ହୁଏ ତାର ଅଳଙ୍କାର। ଏହି ଆତଙ୍କବାଦ ଭାରତବର୍ଷ ତଥା ସମଗ୍ର ବିଶ୍ୱର ଅନେକ ଦେଶକୁ କବଳିତ କରିଛି।ଏହିଭଳି ପରିସ୍ଥିତିକୁ ଲକ୍ଷ୍ୟ କରି କୁହାଯାଇଛି।"ମାନବ ପିଶାଚ କରିଅଛି ଆଜି ଭାରତ ମାକୁ ବନ୍ଦୀ କେତେ ନରହନ୍ତା କରନ୍ତି ତାଣ୍ଡବ ନେତ୍ରରେ ପୁଟୁଳୀ ବାନ୍ଧି "ମୁମ୍ବାଇର ୨୬/୧୧ ଆତ୍ମଘାତୀ ଆକ୍ରମଣରେ ୨୫୦ରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା।ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର ଉପରେ ୯/୧୧ରେ ଅପହୃତ ବିମାନକୁ ଧକ୍କା କରାଇବା ଫଳରେ ୩୦୦୦ରୁ ଅଧିକ ବ୍ୟକ୍ତି ଚିରନିଦ୍ରାରେ ଶୋଇଗଲେ। ଆମେରିକା ଏହାର ପ୍ରତିଶୋଧ ନେଇ ଉକ୍ତ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ଓସାମାବିନ ଲାଡେନକୁ ମୃତ୍ୟୁର ସ୍ୱାଦ ଚଖାଇଥିଲେ। ମୁମ୍ବାଇ ଆକ୍ରମଣରେ ଧରାପଡିଥିବା ମୁଖ୍ୟ ଖଳନାୟକ କସାବକୁ ଭାରତ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ।

ପୁଲୱାମାରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଉର୍ଦ୍ଧ ଆମ ଦେଶର ଲଢୁଆ ସାହସୀ ବୀର ଯବାନ ସହୀଦ ହୋଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ୧୪୦କୋଟି ଭାରତୀୟଙ୍କ ଦୁଃଖ ଓ କ୍ରୋଧ ଜର୍ଜରିତ ହୃଦୟରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲେ। " ସେଣ୍ଟର ଫୋ଼ର ରିସର୍ଚ୍ଚ ଷ୍ଟଡି " ପାକିସ୍ଥାନ ପକ୍ଷରୁ ଆସିଥିବା ରିପୋର୍ଟ ଅନୁସାରେ ଆତଙ୍କବାଦୀଙ୍କ ପୋଷ୍ଟପୋଷାକତା ଓ ହର୍ତ୍ତାକର୍ତ୍ତା ଦୈବ୍ୟବିଧାତା ସାଜିଥିବା ପାକିସ୍ଥାନରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୨୩ରେ ୭୦୦ରୁ ଉର୍ଦ୍ଧ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଛି। ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୫ ମଧ୍ୟରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିଲା ବେଳେ, ୧୮,୮୪୨ରୁ ଉର୍ଦ୍ଧ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା।୨୦୧୬ସେପ୍ଟେମ୍ବର୧୮ରେ କାଶ୍ମୀରର ଉରୀରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ଆମ ଦେଶର ୧୯ଜଣ ସାହସୀ ବୀର ଯବାନ ସହୀଦ ହୋଇଥିଲେ। ୨୦୧୯ ଫେବୃଆରୀ୧୪ରେ ବିଶ୍ୱ ଭାଲେଣ୍ଟାଇନସ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ ୪୨ଜଣ ସହୀଦ ହୋଇଥିଲେ। ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ହମାସ ୨୦୦୭ରେ ଆତଙ୍କୀ ଗତିବିଧି କାର୍ଯ୍ୟକଳାପ ଦ୍ୱାରା ନିଜର ଉପସ୍ଥିତ ଜାହିର କରିଆସିଛି। ଗାଜା ଷ୍ଟ୍ରିପକୁ ନିଜ ନିୟନ୍ତ୍ରଣରେ ରଖିଥିବା ପାଲେଷ୍ଟାଇନ ଆତଙ୍କବାଦୀ ଗୋଷ୍ଠୀ ହମାସ ଏବେ ନିକଟରେ ଇସ୍ରାଏଲ ଉପରେ ଭୟଙ୍କର ଆକ୍ରମଣ କରିଛି। ସମଗ୍ର ବିଶ୍ୱରେ ଏଭଳି ଆତଙ୍କବାଦୀ ଆକ୍ରମଣ ପୂର୍ବରୁ କେବେ ଦୃଶ୍ୟମାନ ହୋଇନଥିଲା।




ବିଶ୍ୱର ଦ୍ୱିତୀୟ ବୃହତ୍ତ ଆତଙ୍କବାଦୀ ଆକ୍ରମଣ ବୋଲି ଏହାକୁ ଦାବି କରାଯାଉଛି।ଏହି ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପାଇଁ ୧୪୦୦ରୁ ଉର୍ଦ୍ଧ ନିରୀହ ଇସ୍ରାଏଲ ଜନତାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି। ଏଥିରେ ଅନେକ ବ୍ୟକ୍ତି ପଙ୍ଗୁ ଏବଂ ଗୁରୁତର ଆହତ ହୋଇଛନ୍ତି। ଏହାସହିତ ଅନେକ କୋମଳମତି ଶିଶୁ ଅନାଥ ହୋଇଯାଇଛନ୍ତି। ଏହି ବର୍ବରୋଚିତ ନରସଂହାର ପାଇଁ ହମାସ ନିଜକୁ ଦାୟୀ କରିଛି। ଏହି ହମାସ ଆତଙ୍କବାଦୀ ସଂଗଠନ ଏବେବି ୨୦୦ରୁ ଉର୍ଦ୍ଧ ନିରୀହ ଇସ୍ରାଏଲ ବ୍ୟକ୍ତିଙ୍କୁ ପଣବନ୍ଦୀ କରିରଖିଛି। ଇସ୍ରାଏଲ ଉପରକୁ ହଜାର ହଜାର ରକେଟ ମାଡ଼ ଏବଂ ପାଲଷ୍ଟାଇନ ଆତଙ୍କବାଦୀମାନେ ଇସ୍ରାଏଲରେ ଅନୁପ୍ରବେଶ କରି ବିଭତ୍ସ ସଂହାରଲୀଳା ଘଟାଇବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଏବଂ ଲୋମହର୍ଷଣକାରୀ। ଏହି ବର୍ବରୋଚିତ ନରସଂହାର ଆତଙ୍କବାଦୀ ସଂଗଠନ ହମାସ ୨୦ମିନିଟରେ ୫୦୦୦ ରକେଟ ମାଡ଼କରି ଇସ୍ରାଏଲରେ ଧ୍ୱଂସର ତାଣ୍ଡବଲୀଳା ଘଟାଇଥିଲେ। ଏହାକୁ ଶବ୍ଦ ରେ ପ୍ରକାଶ କରିବା ଅସମ୍ଭବ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ଜନତାଙ୍କ ଉଦ୍ଦେଶ୍ୟରେ ଦେଇଥିବା ବାର୍ତ୍ତା ଅନୁସାରେ ପାଲେଷ୍ଟାଇନ ଆତଙ୍କବାଦୀ ଗୋଷ୍ଠୀ ହମାସର ମୂଳଉତ୍ପାଟନ କରିବାପାଇଁ ଏବଂ ସେଇ ଆତଙ୍କବାଦୀ ଗୋଷ୍ଠୀଙ୍କ ସମୂହ ବିନାଶ ପାଇଁ ଶପଥ ନେଇଛନ୍ତି। ଏହା ସହିତ ସେ କହିଛନ୍ତି ହମାସ ଆତଙ୍କବାଦୀ ମାନେ ଯୁଦ୍ଧ ଆରମ୍ଭ କରିଥିଲେ , ଆଉ ଯୁଦ୍ଧର ଅନ୍ତ ଇସ୍ରାଏଲ ସେନା କରିବ ଯାହାକୁ ସାରା ବିଶ୍ୱ ଦେଖିବ। ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ମନ୍ତବ୍ୟ ଅନୁସାରେ ଆଜି ପ୍ରଯ୍ୟନ୍ତ ୪୪୬୯ଜଣ ନିରୀହ ପାଲେଷ୍ଟାଇନ ଜନତାଙ୍କର ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ୧୪୦୦ଜଣ ନିରୀହ ଇସ୍ରାଏଲ ଜନସାଧାରଣଙ୍କ ଅକାଳ ବିୟୋଗ ଘଟିଛି ଏହି ରକ୍ତାକ୍ତ ସଙ୍ଘର୍ଷ ହେବା ଦ୍ୱାରା। ଏଥିପାଇଁ ଏବେ ସମୟ ଆସିଛି ଜାତି,ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ନିଜର ପୂର୍ବ ଶତ୍ରୁତା ଭୁଲି ବିଶ୍ୱର ସମସ୍ତ ରାଷ୍ଟ୍ର ଏହି ବିଜୟା ଦଶମୀରେ ଶପଥ ନିଅନ୍ତୁ ଯେପରିକି ସବୁ ଛୋଟ, ବଡ ଆତଙ୍କବାଦୀ ଗୋଷ୍ଠୀଙ୍କ ସମୂହ ବିନାଶ କରିବେ।

ସାରା ବିଶ୍ୱରେ ଶାନ୍ତି ଓ ଏକତା ପାଇଁ ଆତଙ୍କବାଦୀ ମାନଙ୍କର ସମୂହ ବିନାଶ ଅପରିହାର୍ଯ୍ୟ।ପାକିସ୍ଥାନ ଓ କାନାଡ଼ା ଭଳି କିଛି ରାଷ୍ଟ୍ର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେଉଛନ୍ତି। ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେବା ଅର୍ଥ ବିଷଧର ସର୍ପକୁ ଦଂଶନ ପାଇଁ ଆମନ୍ତ୍ରଣ କରିବା ସଦୃଶ। ଭସ୍ମାସୁର ପରି ପରିସ୍ଥିତି ସୃଷ୍ଟି ହେବ, ରକ୍ଷା କରିବା ପାଇଁ କେହିନଥିବେ। ସେଥିପାଇଁ ଆମ ଭାଗବତ ରେ କୁହାଯାଇଛି-

" ଆପଣା ହସ୍ତେ ଜିହ୍ୱା ଛେଦି,
କେ ଅଛି ତାର ପ୍ରତିବାଦୀ "

ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ମିଳିତ ଉଦ୍ୟମ ଓ ପ୍ରଚେଷ୍ଟା ବଳରେ ଆତଙ୍କବାଦୀଙ୍କ ସମୂହ ବିନାଶ ସମ୍ଭବ ହୋଇପାରିବ। ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

ମୋବାଇଲ-୭୦୨୦୬୧୧୩୦୦

# ପରିବର୍ତ୍ତିତ ଓଡ଼ିଶା



ଶୁଭ୍ରଜିତ୍ ଦାଶ



୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା କିନ୍ତୁ ଓଡ଼ିଶା ରେ ସେବେଠୁ ଏ ପର୍ଯ୍ୟନ୍ତ ଓଡ଼ିଆ ଇତିହାସ, ଓଡ଼ିଆ ସାହିତ୍ୟ, ଓଡ଼ିଆ ସଂସ୍କୃତିର କଥା କୌଣସି ସ୍ଥାନ ରେ ସେ ଭଳି ଚର୍ଚ୍ଚା ହେଉନଥିଲା ଯେପରି ହେବା ଦରକାର କିନ୍ତୁ ଆଜି ନୂତନ୍ ସୂର୍ଯ୍ୟର ଉଦୟ ହୋଇଛି। ଓଡ଼ିଶାର ବିଭିନ୍ନ କଥାକୁ ବିଶ୍ୱ ଦରବାରରେ ଏକ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ଜି-୨୦ ସମ୍ମିଳନୀରେ ଓଡ଼ିଶାର କୋଣାର୍କ ମନ୍ଦିର ସୋଉନ୍ଦର୍ଯ୍ୟ ଉପସ୍ଥାପନ ହେଉ କିମ୍ବା ଓଡ଼ିଶାର ବାଲିଯାତ୍ରାକୁ ବିଶ୍ୱଦରବରରେ ପ୍ରତିଷ୍ଠିତ କରିବା ହେଉ ସବୁ କ୍ଷେତ୍ରରେ ଆଜି ଓଡ଼ିଆ ଅସ୍ମିତା ତଥା ଓଡ଼ିଆ ଇତିହାସର ଗାଥା ଆଜି ସ୍ୱର୍ଣ୍ଣୀମ ଶିଖରକୁ ଛୁଇଁପାରିଛି। ଓଡ଼ିଆ ଆଜି ପୁଣିଥରେ ସେ ଇତିହାସର ସାଧବ ପୁଅ ପରି ଅଗପରି ବେପାର ବାଣିଜ୍ୟରେ ଆଗଭର ହେବ ସେଥିପାଇଁ ପ୍ରୋତ୍ସାହନ ହେଉ କିମ୍ବା ନବନିଯୁକ୍ତି ଘଟଣା ହେଉ ସବୁଥିରେ ଆଜି ଓଡ଼ିଆ ଆଗକୁ ବଢ଼ି ବଢ଼ି ଚାଲିଛି। ଓଡ଼ିଶାରେ ଆଜି ଓଡ଼ିଆଙ୍କ ଶାସନ କ୍ଷମତା ଆଜି ଓଡ଼ିଆଙ୍କ ସ୍ୱର କୁ ବହୁଗୁଣିତ କରିଛି। ଓଡ଼ିଶାର ଝିଅ ଆଜି ରାଷ୍ଟ୍ରର ସବୁଠାରୁ ବଡପଦବିରେ ଅଧିଷ୍ଠିତ ହେବା ଘଟଣା ହେଉ କି ରିଜର୍ଭ ବ୍ୟାଙ୍କର ମୁଖ୍ୟ ଓଡ଼ିଆ ପୁଅ ଘଟଣା ହେବା ହେଉ ସବୁଥିରେ ଓଡ଼ିଆ ଙ୍କ ଛାତି ଆଜି କୁଣ୍ଢେମୋଟ। ସମ୍ବଲପୁରୀ ଶାଢ଼ି କୁ ବିଶ୍ୱପ୍ରସିଦ୍ଧ କରିବାକୁ ସରକାରଙ୍କ ପ୍ରଚେଷ୍ଟା ହେଉ କିମ୍ବା କନ୍ଧମାଳ ହଳଦୀର ବିଶ୍ୱ ଚାହିଦା ବୃଦ୍ଧି ହେଉ ସବୁଥିରେ ଆଜି ଆଗକୁ ବଢ଼ି ବଢ଼ି ଚାଲିଛନ୍ତି ଓଡ଼ିଶାବାସୀ। ଆଜି ଧୀରେଧୀରେ ଓଡ଼ିଶାରେ ଦାଦନ ସମସ୍ୟା ଦୂରୀକରଣ ହେବାକୁ ଲାଗିଛି। ଓଡ଼ିଶାରେ ସବୁଜିମା ବଢ଼ିବାରେ ଲାଗିଛି, ପୁରୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ଗରିମା କଥାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିବାକୁ ଉଦ୍ୟମିତ ଆଜି ଓଡ଼ିଆ। ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଆଜି ଅଗ୍ରଗତି ଦେଖିବାକୁ ଯାଉଛି ଓଡ଼ିଶା। ଓଡ଼ିଶାରେ ଖୁବ୍ ଶୀଘ୍ର ମେଟ୍ରୋ ଲାଇନ୍ର ପ୍ରତିଷ୍ଠା ହେବ ଯାହାକି ଅତ୍ୟନ୍ତ ଶୁଭ ସଂକେତ। ମହମେଘବାହନ ଐର ଖାରବେଳଙ୍କ ଗାଥାକୁ ପଢ଼ିବେ ଆମ ଛାତ୍ରଛାତ୍ରୀ, ପଢ଼ିବେ କିପରି ଓଡ଼ିଶାକୁ ଗଡ କରି ରଖିଥିଲେ ସେହି ରାଜା କପିଳେନ୍ଦ୍ରଦେବ। ଓଡ଼ିଶାର ପରମବୀର ରାଜାଙ୍କ ଗାଥାକୁ ପଢିବାକୁ ଆଜି ଓଡିଶାର ଅସ୍ମିତାକୁ ପୁଣିଥରେ ଫେରାଇ ଆଣିବାକୁ ପ୍ରଚେଷ୍ଟିତ ଓଡ଼ିଆ ଯୁବକ ଯୁବତୀ। ଆଉ କିଛିଦିନ ପରେ ଓଡ଼ିଶା ସେଇ ସ୍ୱର୍ଣ୍ଣୀମ ଓଡ଼ିଶାରେ ପରିଣତ ହେବ।

ଜୟ ଜଗନ୍ନାଥ
ଜୟ ଓଡ଼ିଶା
ବନ୍ଦେ ଉତ୍କଳ ଜନନୀ

ସାମାଜିକ କର୍ମକର୍ତ୍ତା
ଭେଷଜ ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର , ଭୁବନେଶ୍ୱର

# କେନ୍ଦ୍ର-ରାଜ୍ୟ ଟିକସ ବିବାଦ

ଏଲିଜା ମହାପାତ୍ର

ଭାରତରେ ପେଟ୍ରୋଲ ଓ ଡିଜେଲ ଦରଦୀର୍ଘ ଦିନ ହେବ ସ୍ଥିର ରହିଛି। ନିର୍ବାଚନ ପୂର୍ବରୁ ସରକାର ଗ୍ୟାସ ଦର କମାଇଛନ୍ତି। ୨୦୨୨ଫେବୃଆରୀ ୨୪ରେ ୟୁକ୍ରେନ ଉପରେ ରଷିଆର ଆକ୍ରମଣ ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ଭାବେ ବଢ଼ିଥିଲା। ଏକ ସମୟରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର 140 ଡଲାର ପର୍ଯ୍ୟନ୍ତ ଚାଲିଯାଇଥିଲା। ଏହାର ପ୍ରଭାବରେ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ମଧ୍ୟ ବଢ଼ିଥିଲା। ଭାରତରେ ଯେତିକି ପେଟ୍ରୋଲ ଓ ଡିଜେଲ ବ୍ୟବହାର ହୁଏ ତାହାର 85 ପ୍ରତିଶତ ବିଦେଶରୁ ଆମଦାନୀ ହୋଇଥାଏ। ତେଣୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବଢ଼ିଲେ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ସ୍ୱାଭାବିକ। ଏଥିରେ ସରକାରଙ୍କର କିଛି କରିବାର ନାହିଁ। ସରକାର କେବଳ ଏତିକି କରିପାରିବେ ଯେ, ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କରିପାରିବେ। ଯଦି ପେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସରଭୁକ୍ତ କରାଯାଇପାରନ୍ତା ତେବେ ଏହାର ଦର କିଛିଟା ହ୍ରାସ ପାଇପାରନ୍ତା। କିନ୍ତୁ ରାଜ୍ୟମାନେ ଏଥିପାଇଁ ରାଜି ନୁହଁନ୍ତି। କାରଣ ଥରେ ପେଟ୍ରୋଲ ଓ ଡିଜେଲ ଜିଏସଟି ପରିସରଭୁକ୍ତ ହେଲେ ଏହା ଉପରେ ଆଉ ସରକାରଙ୍କର ନିୟନ୍ତ୍ରଣ ରହିବ ନାହିଁ ଏବଂ ଜିଏସଟିର ସର୍ବାଧିକ ସ୍ଲାବ 28 ପ୍ରତିଶତରୁ କେହି ଅଧିକ ଟିକସ ଆଦାୟ କରିପାରିବେ ନାହିଁ। ପେଟ୍ରୋଲ ଓ ଡିଜେଲରୁ ଆଦାୟ ହେଉଥିବା ଟିକସ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ସଂଗ୍ରହର ଏକ ମୁଖ୍ୟ ଉତ୍ସ। ଏହାକୁ କେହି ହାତଛଡ଼ା କରିବାକୁ ପ୍ରସ୍ତୁତ ନାହାଁନ୍ତି। ଯେଉଁମାନେ କେନ୍ଦ୍ରକୁ ଦରବୃଦ୍ଧି ଲାଗି ଦାୟୀ କରୁଛନ୍ତି ସେମାନେ ଯେଉଁସବୁ ରାଜ୍ୟରେ କ୍ଷମତାରେ ଅଛନ୍ତି ସେଠାରେ ଟିକସ ହ୍ରାସ ଲାଗି ପ୍ରସ୍ତୁତ ନାହାଁନ୍ତି। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଷଜଲ ଉପରେ ଯେଉଁ ଟିକସ ଆଦାୟ କରୁଛନ୍ତି ସେଥିରୁ ରାଜ୍ୟକୁ ଅଂଶ ମିଳୁଛି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟମାନେ ମଧ୍ୟ ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ଆଦାୟ କରି ଲୋକଙ୍କ ଉପରେ ଆର୍ଥିକ ବୋଝ ଲଦିବା ସହିତ ଏହି ଟିକସ ଅର୍ଥକୁ ଶସ୍ତା ରାଜନୈତିକ କାର୍ଯ୍ୟକ୍ରମରେ ବ୍ୟବହାର କରୁଛନ୍ତି। କିନ୍ତୁ ସବୁ ବେଳେ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଲାଗି କେନ୍ଦ୍ର ସରକାରଙ୍କୁ ଦାୟୀ କରାଯାଇଥାଏ। କେହି ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ଯେ, ରାଜ୍ୟମାନେ ଅଧିକ ଟିକସ ଆଦାୟ କରୁଛନ୍ତି। କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଯେଉଁ ଟିକସ ଆଦାୟ କରୁଛନ୍ତି ତାହା ଦେଶର ସୁରକ୍ଷା, ବିକାଶ ଓ କଲ୍ୟାଣକାରୀ ଯୋଜନାରେ ବ୍ୟୟ କରାଯାଉଛି। ଦେଶର ପ୍ରତିରକ୍ଷା ବାବଦରେ ଯେଉଁ ବିପୁଳ ଅର୍ଥ ପ୍ରତିବର୍ଷ ବ୍ୟୟ କରାଯାଉଛି ତାହା କେଉଁଠୁ ଆସିବ? କର୍ମଚାରୀଙ୍କୁ ଯେଉଁ ଦରମା ଓ ଭତ୍ତା ପ୍ରଦାନ କରାଯାଉଛି ତାହା କିପରି ସମ୍ଭବ ହେବ? ଲୋକଙ୍କୁ ମାଗଣା ଟିକା, ଚିକିତ୍ସା, ଔଷଧ ଏବଂ ମାଗଣା ରାସନ କିପରି ଦିଆଯାଇପାରିବ? ରେଳଲାଇନ, ଜାତୀୟ ରାଜପଥ, ବିମାନ ବନ୍ଦର , ଉଚ୍ଚ ଶିକ୍ଷାନୁଷ୍ଠାନ, ମହାକାଶ ବିଜ୍ଞାନର ବିକାଶ ଏବଂ ଗବେଷଣା ନିମନ୍ତେ ଅର୍ଥ କେଉଁଠୁ ଆସିବ? ତେଣୁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଯେଉଁ ଟିକସ ଆଦାୟ କରୁଛନ୍ତି ତାହାର ସଦୁପଯୋଗ ହେଉଛି। ଏହା ସତ୍ତ୍ୱେ ସରକାରଙ୍କୁ ତୈଳ ଦରବୃଦ୍ଧି ଲାଗି ସମାଲୋଚିତ ହେବାକୁ ପଡୁଛି। ସଚେତନତାର ଅଭାବ ହେତୁ ଏହା ହେଉଛି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗରେ ବିରୋଧୀ ଦଳ ମାନଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ଗତ ନଭେମ୍ବର ମାସରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କରିବା ସହିତ ବିଭିନ୍ନ ରାଜ୍ୟ ସରକାରଙ୍କୁ ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ ଲାଗି ଅନୁରୋଧ କରିଥିଲେ। କିନ୍ତୁ ଅନେକ ବିରୋଧୀ ଦଳ ଶାସିତ ରାଜ୍ୟ ଏହାକୁ ଗ୍ରହଣ କରିନାହାଁନ୍ତି। ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ରାଜସ୍ଥାନ, କେରଳ, ତାମିଲନାଡ଼ୁ, ଆନ୍ଧ୍ର, ତେଲେଙ୍ଗାନା, ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଟିକସ ହ୍ରାସ କରିନାହାଁନ୍ତି। ସମ୍ଭବତଃ ରାଜନୈତିକ ଦୃଷ୍ଟିଭଙ୍ଗୀ ରଖି ସେମାନେ ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ ରକ୍ଷା କରିନାହାଁନ୍ତି। ଦେଶର ପ୍ରଧାନମନ୍ତ୍ରୀଙ୍କୁ ସେମାନେ ଏକ ନିର୍ଦ୍ଦିଷ୍ଟ ଦଳର ପ୍ରଧାନମନ୍ତ୍ରୀ ଭାବେ ବିବେଚନା କରୁଛନ୍ତି। ଏହା ଦୁର୍ଭାଗ୍ୟଜନକ। ଯେଉଁସବୁ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ ହ୍ରାସ କରିନାହାଁନ୍ତି, ସେସବୁ ରାଜ୍ୟରେ ଏହାର ଦର ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ ଅଧିକ ରହିଛି। ଏହା ସମ୍ପୃକ୍ତ ରାଜ୍ୟବାସୀଙ୍କ ପ୍ରତି ଘୋର ଅନ୍ୟାୟ। ଗୋଟିଏ ରାଜ୍ୟରେ ପେଟ୍ରୋଲ 102 ଟଙ୍କା ଥିବା ବେଳେ ପଡ଼ୋଶୀ ରାଜ୍ୟରେ ଏହା 118 ଟଙ୍କା ରହିଛି। ଏହା କେତେଦୂର ସମୀଚିନ? ଗତ 6 ମାସ ଭିତରେ ସମ୍ପୃକ୍ତ ରାଜ୍ୟମାନେ ବର୍ଦ୍ଧିତ ଟିକସ ବାବଦରେ ବିପୁଳ ଅର୍ଥ ସଂଗ୍ରହ କଲେଣି। ଏହାକୁ ସେମାନେ ଜନକଲ୍ୟାଣ ଯୋଜନାରେ ବ୍ୟୟ କରି ଏବେ ଟିକସ କମାଇବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ଏକ ଜନକଲ୍ୟାଣ ରାଷ୍ଟ୍ରରେ ବିଶେଷ କରି ସଂଘୀୟ ବ୍ୟବସ୍ଥାରେ ଲୋକଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ମିଳିତ ଭାବେ କାର୍ଯ୍ୟ କରିବା ଜରୁରୀ। ଏହାକୁ ରାଜନୈତିକ ଦୃଷ୍ଟିରୁ କଦାପି ଦେଖାଯିବା ଉଚିତ ନୁହେଁ। ଯେଉଁମାନେ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ପାଇଁ କେନ୍ଦ୍ରକୁ ଦାୟୀ କରୁଛନ୍ତି ସେମାନେ ଆତ୍ମସମୀକ୍ଷା କରିବା ଉଚିତ। ଦରବୃଦ୍ଧି ଲାଗି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବାର ଅଧିକାର ସେମାନଙ୍କର ନାହିଁ। ଏବେ ଦେଶବାସୀ ବାସ୍ତବତା ସମ୍ପର୍କରେ ଅବଗତ ହେବା ଉଚିତ ଏବଂ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଲାଗି କିଏ ଦାୟୀ, ଟିକସ ହ୍ରାସ କିପରି ସମ୍ଭବ, ଏହା କେତେ ଦୂର ଗ୍ରହଣୀୟ ସେ ସମ୍ପର୍କରେ ସାଧାରଣ ନାଗରିକ ଭଲଭାବେ ଜାଣିବା ଉଚିତ, ସଚେତନ ହେବା ଉଚିତ। ଅଯଥା ଆନ୍ଦୋଳନ, ରାସ୍ତାରୋକରୁ ଜନତା ଦୁରେଇ ରହିବା ଉଚିତ। ପ୍ରଧାନମନ୍ତ୍ରୀ ମୋଦି ଠିକଣା ସମୟରେ ସଠିକ ତଥ୍ୟ ରଖିଛନ୍ତି। ଏହା ଉପରେ ବିତର୍କ ହେବା ଉଚିତ।




ଛତିଆ, ଯାଜପୁର

### କେନ୍ଦ୍ରର ଏମପକ୍ସ ଆଡଭାଇଜରି

# ସ୍କ୍ରିନିଂ ଓ କଣ୍ଟାକ୍ଟ ଟ୍ରେସିଂ ବଢ଼ାଅ




**ନୂଆଦିଲ୍ଲୀ, ୯।୯:** ଦେଶରେ ଜଣେ ସନ୍ଦିଗ୍ଧ ଏମପକ୍ସ ସଂକ୍ରମିତ ଚିହ୍ନଟ ହେବା ପରେ କେନ୍ଦ୍ର ସରକାର ଏଥିନେଇ ସତର୍କ ହୋଇଯାଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏଥିନେଇ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଆଡଭାଇଜରି ଜାରି କରାଯାଇଛି। ଏମପକ୍ସ ସଂକ୍ରମଣ ରୋକିବା ଲାଗି ସ୍କ୍ରିନିଂ ଏବଂ କଣ୍ଟାକ୍ଟ ଟ୍ରେସିଂ ବଢ଼ାଇବାକୁ ପରାମର୍ଶ ଦିଆଯାଇଛି। ଯେଉଁ ସନ୍ଦିଗ୍ଧ ଏମପକ୍ସ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି ତାଙ୍କ ଅବସ୍ଥା ସ୍ଥିର ରହିଛି। ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କୁ ଆଇସୋଲେସନରେ ରଖାଯାଇଛି। ନିକଟରେ ସେ ବିଦେଶରୁ ଫେରିଥିଲେ। ବିଦେଶରୁ ଫେରିବା ପରେ ସେ କାହା ସହିତ ମିଶିଛନ୍ତି, ସେମାନଙ୍କୁ ଚିହ୍ନଟ ଏବଂ ଠାବ କରିବା ପାଇଁ ଉଦ୍ୟମ କରାଯାଉଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ କୁହାଯାଇଛି ଯେ, ବିଭିନ୍ନ ବିମାନ ବନ୍ଦର ଉପରେ ନଜର ରଖ। ଯେଉଁମାନେ ଏମପକ୍ସ ସଂକ୍ରମିତ ଦେଶରୁ ଆସୁଛନ୍ତି ସେମାନଙ୍କ ଉପରେ ବିଶେଷ ଦୃଷ୍ଟି ଦିଆଯିବା ଉଚିତ ବୋଲି କୁହାଯାଇଛି। ଏମପକ୍ସ ଆକ୍ରାନ୍ତଙ୍କୁ ଚିହ୍ନଟ କରିବା ପାଇଁ ସର୍ଭିଲାନ୍ସ ଏବଂ ଟେଷ୍ଟିଂ ଫ୍ରେମୱାର୍କ ପରିବର୍ତ୍ତନ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିନେଇ ଆତଙ୍କିତ ହେବାର କାରଣ ନାହିଁ। ଏହାକୁ ରାକିବା ପାଇଁ ପଦକ୍ଷେପ ନେବା ଏବଂ ଜନସଚେତନତା ସୃଷ୍ଟି ଲାଗି କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଭାଇରୋଲୋଜିରେ ସନ୍ଦିଗ୍ଧ ଏମପକ୍ସ ଆକ୍ରାନ୍ତଙ୍କ ନମୂନା ଟେଷ୍ଟ କରାଯାଉଛି। ଏହି ଟେଷ୍ଟିଂ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ଟେଷ୍ଟିଂ ଲ୍ୟାବ ବ୍ୟବସ୍ଥା କରିବାକୁ ଏବେ କ୍ନେନ୍ଦ୍ର ସରକାର ଚିନ୍ତା କରୁଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ବିଶ୍ୱର ବିଭିନ୍ନ ଦେଶରେ ଏମପକ୍ସ ଆକ୍ରାନ୍ତ ଚିହ୍ନଟ ହେବା ପରେ ହୁ' ପକ୍ଷରୁ ପବ୍ଲିକ ହେଲଥ ଇମର୍ଜେନ୍ସି ଜାରି କରାଯାଇଛି। ୨୦୨୨ରେ ପ୍ରଥମେ ଏହି ଭାଇରସ ଆଫ୍ରିକାରେ ଚିହ୍ନଟ ହୋଇଥିଲା। ଇତିମଧ୍ୟରେ ଏହାର ମ୍ୟୁଟେସନ ହୋଇ ଅଧିକ ଶକ୍ତିଶାଳି ଭାଇରସ ସୃଷ୍ଟି ହୋଇଛି। ଏହାର ସଂକ୍ରମଣ କ୍ଷମତା ଅଧିକ ଏବଂ ଏଥିରେ ଆକ୍ରାନ୍ତଙ୍କ ମୃତ୍ୟୁ ହାର ମଧ୍ୟ ଯଥେଷ୍ଟ ଅଧିକ।



# କାର୍ଯ୍ୟକ୍ଷେତ୍ରକୁ ଫେରିଯିବା ପାଇଁ ଡାକ୍ତରଙ୍କୁ ନିର୍ଦ୍ଦେଶ

**ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ୨୩ ରୋଗୀଙ୍କ ଜୀବନ ଗଲାଣି**

**ନୂଆଦିଲ୍ଲୀ, ୯।୯:** ଆରଜି କର ମେଡିକାଲ କଲେଜର ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ଘଟଣା ପ୍ରତିବାଦରେ କୋଲକାତାରେ ଜୁନିୟର ଡାକ୍ତରମାନେ ଆନ୍ଦୋଳନ ଚଳାଇଛନ୍ତି। ପାଖାପାଖି ମାସେ ହେବ ଏହି ଆନ୍ଦୋଳନ ଚାଲିଛି। ଫଳରେ କୋଲକାତାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। ଡାକ୍ତରଙ୍କ ଆନ୍ଦୋଳନ ଫଳରେ ୨୩ ଜଣ ରୋଗୀ ପ୍ରାଣ ହରାଇଥିବା ପଶ୍ଚିମବଙ୍ଗ ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ସୁପ୍ରିମକୋର୍ଟଙ୍କ ପରାମର୍ଶକ୍ରମେ ଦେଶର ଅନ୍ୟ ରାଜ୍ୟରେ ଡାକ୍ତରମାନେ ଧର୍ମଘଟ ପ୍ରତ୍ୟାହାର କରିଥିବା ବେଳେ କୋଲକାତାର ଡାକ୍ତରମାନେ କିନ୍ତୁ ଏ ଯାବତ ସେମାନଙ୍କ ଆନ୍ଦୋଳନ ଜାରି ରକିଛନ୍ତି। ଏଥିନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା କାର୍ଯ୍ୟକ୍ଷେତ୍ରକୁ ଫେରିଯାଅ, ନଚେତ କାର୍ଯ୍ୟାନୁଷ୍ଠାନର ଶିକାର ହେବ ବୋଲି ଚେତାବନୀ ଦେଇଛନ୍ତି। ଆଜି ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣୀ ବେଳେ ପ୍ରଧାନବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୁଡ଼ କହିଥିଲେ ଯେ, ଡାକ୍ତରଙ୍କ ସୁରକ୍ଷା ପ୍ରସଙ୍ଗରେ କୋର୍ଟ ସଚେତତନ ଅଛନ୍ତି। ଏଥିଲାଗି ପୂର୍ବରୁ ଅଦାଲତ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆରଜି କର ମେଡିକାଲ କଲେଜରେ ଦୁଷ୍କର୍ମ ଏବଂ ହତ୍ୟାର ଶିକାର ହୋଇଥିବା ମହିଳା ଡାକ୍ତରଙ୍କ ପରିବାରକୁ ଯେପରି ନ୍ୟାୟ ମିଳିବ ସେଥିଲାଗି ସିବିଆଇକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସପ୍ତାହକ ଭିତରେ ତଦନ୍ତ ସାରିବା ଲାଗି କୁହାଯାଇଛି। ତେଣୁ ଡାକ୍ତରମାନେ ନିଜ କର୍ତ୍ତବ୍ୟ ପାଳନରୁ ଆଉ ବିରତ ରହିବା ଅନୁଚିତ। ସେମାନେ ନିଜର ସାମାଜିକ ଦାୟିତ୍ୱ ପାଳନ କରିବା ଉଚିତ। ଡାକ୍ତରମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧର୍ମଘଟ କରିବା ଅନୁଚିତ ବୋଲି ପ୍ରଧାନ ବିଚାରପତି କହିଛନ୍ତି।

# ଅନୁପ୍ରବେଶ ଉଦ୍ୟମ ପଣ୍ଡ, ଟଳିଲେ ୨ଆତଙ୍କବାଦୀ



**ଶ୍ରୀନଗର, ୯।୯:** ପଣ୍ଡ ହେଲା ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମ। ସେନା ଗୁଳିରେ ଟଳିଲେ ୨ଆତଙ୍କବାଦୀ। ଜାମ୍ମୁ କାଶ୍ମୀର ଏଲ୍‌ଓସି ନିକଟରେ ୨ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି। ପାକିସ୍ତାନରୁ କିଛି ଆତଙ୍କବାଦୀ ନୋସେରା ସୀମା ଦେଇ ଅନୁପ୍ରବେଶ କରିବାକୁ ଉଦ୍ୟମ କରୁଥିବା ନେଇ ଭାରତୀୟ ସେନାକୁ ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିଲା। ଏହାପରେ ଭାରତୀୟ ସେନା ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥଲା। ଏହି ସମୟରେ ସେନା ଉପରକୁ ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ସେନା ମଧ୍ୟ ଏହାର ପାଲଟ ଜବାବ ଦେଇଥିଲା। ସେନା ଗୁଳିରେ ୨ ଆତଙ୍କୀ ନିହତ ହୋଇଥିଲେ। ଏଥିସହ ବିପୁଳ ମାରଣାସ୍ତ୍ର ଜବତ କରିଥିଲା ସେନା।ଆତଙ୍କୀ ଲୁଚି ରହିଥିବା ସନ୍ଦେହରେ ସେନା ପକ୍ଷରୁ ପକ୍ଷରୁ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଜମ୍ମୁକଶ୍ମୀରରେ ନିର୍ବାଚନ ପାଖରେ ଆସୁଥିବା ବେଳେ ଏହାପୂର୍ବରୁ ପାକିସ୍ତାନ ଜାଣିଶୁଣି ଉପତ୍ୟକାରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚେଷ୍ଟା କରୁଛି ବୋଲି କୁହାଯାଇଛି।

# ଦିଲ୍ଲୀରେ ବାଣ ପ୍ରସ୍ତୁତି-ବିକ୍ରି ଓ ବ୍ୟବହାର ଉପରେ କଟକଣା

ନୂଆଦିଲ୍ଲୀ, ୯।୯: ଆସନ୍ତା ଜାନୁଆରୀ ପହିଲା ପର୍ଯ୍ୟନ୍ତ ଦିଲ୍ଲୀରେ ବାଣ ତିଆରି, ବିକ୍ରୀ ଏବଂ ବ୍ୟବହାର ଉପରେ କଟକଣା ଲଗାଯାଇଛି। ବାଣ ତିଆରି, ବିକ୍ରୀ ବା ବ୍ୟହାର କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏପରିକି ଅନଲାଇନରେ ବାଣ ବିକ୍ରୀ ଏବଂ ଡେଲିଭରି ଉପରେ ମଧ୍ୟ କଯକଣା ଜାରି କରାଯାଇଥିବା ଦିଲ୍ଲୀର ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି। ଆଗକୁ ଦୀପାବଳି ସହିତ ବିବାହ ଋତୁ ଆସୁଛି। ନୂଆ ବର୍ଷରେ ମଧ୍ୟ ଲେକେ ବାଣ ଫୁଟାନ୍ତି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଶୀତଦିନେ ଦିଲ୍ଲୀର ବାୟୁ ପ୍ରଦୂଷଣ ମାତ୍ରା ଏତେ ଅଧିକ ହୋଇଯାଏ ଯେ, ଲୋକେ ନିଶ୍ୱାସ ନେବା କଷ୍ଟକର ହୋଇଯାଏ। ଏହି ସମୟରେ ଉତ୍ତର ଭାରତରେ ଚାଷୀମାନେ କୃଷି ବର୍ଜ୍ୟ ବସ୍ତୁ ବା ନଡ଼ା ଜାଳିଥାଆନ୍ତି। ଏହି ନିଆଁରୁ ବାହାରୁଥିବା ଧୂଆଁ ଉତ୍ତରା ପବନରେ ମାସି ଆସି ଦିଲ୍ଲୀର ବାୟୁ ପ୍ରଦୂଷଣକୁ ବଢ଼ାଇଥାଏ। ପ୍ରଦୂଷଣ ସମସ୍ୟାର ମୁକାବିଲା ପାଇଁ ଦିଲ୍ଲୀ ସରକାର ବାଣ ଉପରେ କଟକଣା ଲଗାଇଛନ୍ତି।

### କଂଗ୍ରେସ ସହ ଛିଡ଼ିଲାନି ଅଙ୍କ

# ପ୍ରାର୍ଥୀ ତାଲିକା ଘୋଷଣା କଲା ଆପ୍

**ଲକ୍ଷ୍ନୌ, ୯।୯:** ୟାଣାରେ କଂଗ୍ରେସ ସହ ମେଣ୍ଟ କରି ବିଧାନସଭା ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ଆପ୍ ଆଜି ବଡ଼ ପଦକ୍ଷେପ ନେଇଛି। କଂଗ୍ରେସ ସହ ହରିୟାଣା ପାଇଁ ସିଟ ଶେୟାରିଂ ଫର୍ମୁଲା ନ ଛିଡ଼ିବାରୁ ଆଜି ଆପ୍ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୨୦ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ଆପ୍ ଓ କଂଗ୍ରେସ ହରିୟାଣାରେ ଏକାଠି ଲୋକସଭା ନିର୍ବାଚନ ଲଢ଼ିଥିଲେ। ତେଣୁ ବିଧାନସଭା ନିର୍ବାଚନ ମଧ୍ୟ ଏକାଠି ଲଢ଼ିବାକୁ ଆଗ୍ରହ ଦେଖାଇଥିଲେ। ସମ୍ଭାବ୍ୟ ମେଣ୍ଟକୁ ନେଇ ଆଲୋଚନା ହୋଇଥିଲା ଓ ସିଟ ଶେୟାରିଂ କଥା ମଧ୍ୟ ଉଠିଥିଲା। ହେଲେ ଉଭୟ ଦଳ ସିଟ୍ ଶେୟାରିଂ ଫର୍ମୁଲାକୁ ନେଇ ଏକମତ ହୋଇ ପାରିନାହାନ୍ତି। ଆପ୍ ରାଜ୍ୟର ୯୦ଟି ବିଧାନସଭା ଆସନରୁ ୧୦ଟିରେ ପ୍ରାର୍ଥୀ ଦେବାକୁ ଚାହୁଁଥିଲା। କିନ୍ତୁ କଂଗ୍ରେସ କେବଳ ୭ଟି ଆସନ ଅରବିନ୍ଦ କେଜ୍ରିୱାଲଙ୍କ ଆପ୍‌କୁ ଦେବ ବୋଲି ସର୍ତ୍ତ ରଖିଥିଲା। ସେହିପରି ଆପ୍ ଏମିତି କିଛି ସ୍ଥାନରେ ପ୍ରାର୍ଥୀ ଦେବାକୁ ଚାହିଁଥିଲା, ଯେଉଁଠି କଂଗ୍ରେସର ବରିଷ୍ଠ ନେତାମାନେ ଟିକେଟ ଆଶାରେ ରହିଛନ୍ତି। ବିଶେଷ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ହୁଡାଙ୍କ ବିଶ୍ୱସ୍ତମାନଙ୍କ ଆସନ ଉପରେ ଆପ୍‌ର ନଜର ରହିଥିଲା। ତେଣୁ ଉକ୍ତ ଆସନ ଗୁଡ଼ିକ ଛାଡ଼ିବା ମୁଡରେ ମଧ୍ୟ କଂଗ୍ରେସ ନଥିଲା। ଉଭୟ ଦଳ ନିଜ ନିଜ ଜିଦରେ ଅଟଳ ରହିବାରୁ ମେଣ୍ଟ ସମ୍ଭବ ପର ହୋଇ ପାରିନାହିଁ। ମେଣ୍ଟ ଆଶା ମଉଳି ଯିବାରୁ ଆଜି ଆପ୍ ୨୦ଟି ଆସନ ପାଇଁ ପ୍ରାର୍ଥୀ ତାଲିକା ଜାରି କରିଛି। ଏହାପୂର୍ବରୁ କଂଗ୍ରେସ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ୪୧ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା।

### ଜବାବ ମାଗିଲେ ସୁପ୍ରିମକୋର୍ଟ

# କାହିଁକି ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରିଥିଲ ?

**କୋଲକାତା, ୯।୯:** କୋଲକାତା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାର ଏକ ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ଆଜି ପୁଲିସକୁ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରିବା ଉପରେ ପ୍ରଶ୍ନ କରିଛନ୍ତି। ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ସିବିଆଇ ବର୍ତ୍ତମାନ ସୁଦ୍ଧା କରିଥିବା ତଦନ୍ତ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିଥିଲା। ଆଜି ଏହି ରିପୋର୍ଟ ଉପରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ, ଜଷ୍ଟିସ ଜେପି ପରଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ତର୍ଜମା କରିଥିଲେ।

ବିଚାର ସମୟରେ ବରିଷ୍ଠ ଆଡଭୋକେଟ କପିଲ ସିବଲ ଖଣ୍ଡପୀଠଙ୍କୁ କହିଥିଲେ ଯେ, ମୃତ୍ୟୁ ପ୍ରମାଣପତ୍ର ହତ୍ୟାର ପର ଦିନ ଅପରାହ୍ଣ ୧ଟା ୪୭ରେ ଦିଆଯାଇ ଥିବାବେଳେ ଅପରାହ୍ନ ୨ଟା ୫୫ ମିନିଟରେ ପୁଲିସ ଏକ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରିଥିଲା। ଏହାପରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କାଉଣ୍ଟର କରି କହିଥିଲେ, ରେକର୍ଡ ଅନୁଯାୟୀ, ରାତି ୧୧ଟା ୩୦ରେ ଏହି ରିପୋର୍ଟ ଦାଖଲ କରାଯାଇଥିଲା।

# ଅଭିଷେକ ବାନାର୍ଜୀଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ



ତୃଣମୂଳ କଂଗ୍ରେସ ସାଂସଦ ତଥା ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ଲାଗିଛି ବଡ଼ ଝଟକା। ପଶ୍ଚିମ ବଙ୍ଗରେ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ମନି ଲଣ୍ଡରିଂ ଦିଗରେ ଖୋଳତାଡ଼ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଜାରି ସମନ ବିରୋଧରେ ଅଭିଷେକ ସୁପ୍ରିମକୋର୍ଟରେ କରିଥିବା ଆବେଦନ ଖାରଜ ହୋଇଯାଇଛି। ସେହିଭଳି ଏହି ମାମଲାରେ ଇଡିର ସମନ ବିରୋଧରେ ଅଭିଷେକଙ୍କ ପତ୍ନୀ କରିଥିବା ଆବେଦନକୁ ମଧ୍ୟ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି।

ପଶ୍ଚିମ ବଙ୍ଗର ସ୍କୁଲଗୁଡ଼ିକରେ ଶିକ୍ଷକ ନିଯୁକ୍ତିରେ ଅଭିଷେକ ବାନାର୍ଜୀ ଓ ତାଙ୍କ ପତ୍ନୀ ରୁଜିରା ବାନାର୍ଜୀ କୋଟି କୋଟି ଟଙ୍କାର ଘୋଟାଲ କରିଥିବା ଅଭିଯୋଗ ହୋଇଥିବା ବେଳେ ଇଡି ଏହାର ତଦନ୍ତ କରୁଛି। ଇଡି ପକ୍ଷରୁ ପଚରାଉଚରା ପାଇଁ ଅଭିଷେକ ବାନାର୍ଜୀଙ୍କୁ ଅନେକ ଥର ସମନ ପଠାଯାଇଥିଲେ ହେଁ ସେ ଏହାକୁ ଏଡ଼ାଇ ଯାଇଥିଲେ। ଏହା ସହିତ ସେ ଇଡିର ସମନ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଇଡି ତାଙ୍କୁ ଦିଲ୍ଲୀ କାର୍ଯ୍ୟାଳୟରେ ହାଜର ହେବାକୁ ସମନ କରିଥିବା ବେଳେ ଅଭିଷେକ ଏହାକୁ ବିରୋଧ କରିଥିଲେ। ଇଡି ତାଙ୍କୁ କୋଲକାତା କାର୍ଯ୍ୟାଳୟରେ ହାଜର ହେବାକୁ ସମନ ଦେବା କଥା ବୋଲି ସେ ଯୁକ୍ତି ବାଢ଼ିଥିଲେ। ତେବେ ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ଅଗଷ୍ଟ ୧୩ ତାରିଖରେ କୋର୍ଟ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ମାମଲାରେ ଗତ ବର୍ଷ ଜୁନ୍ ମାସରେ ଏକ ଚାର୍ଜଶିଟ୍ ଦାଖଲ କରିଥିବା ବେଳେ ସେଥିରେ ଅଭିଷେକ ବାନାର୍ଜୀଙ୍କ ନାଁ ରହିଥିଲା। ଇଡିର ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ଶିକ୍ଷକ ଚାକିରି ପାଇବା ପାଇଁ ତୃଣମୂଳ କଂଗ୍ରେସ ନେତା କୁନ୍ତଳ ଘୋଷଙ୍କୁ ଟଙ୍କା ଦେଇଥିଲେ। କୁନ୍ତଳ ଘୋଷ ସେହି ଟଙ୍କା ନେଇ ସୁଜୟ କୃଷ୍ଣ ଭଦ୍ରାଙ୍କୁ ଦେଇଥିଲେ। ସୁଜୟ ଭଦ୍ରା ହେଉଛନ୍ତି ଜଣେ ତୃଣମୂଳ କଂଗ୍ରେସ ନେତା ଯିଏ ଅଭିଷକ ବାନାର୍ଜୀଙ୍କ ସମସ୍ତ ଆର୍ଥିକ କାରବାର କଥା ପରିଚାଳନା କରୁଥିଲେ। ସେତେବେଳେ ଅଭିଷେକ ବାନାର୍ଜୀ ଅଖିଳ ଭାରତୀୟ ତୃଣମୂଳ କଂଗ୍ରେସ ଯୁବ ଶାଖାର ସଭାପତି ଥିଲେ।

ଏହି ଘୋଟାଲାରେ ଅଭିଷେକ ବାନାର୍ଜୀଙ୍କ ପରିବାରର ସଂପୃକ୍ତି ରହିଛି ବୋଲି ଇଡି କହିଛି। ଇଡିର କହିବା ଅନୁଯାୟୀ, ଅଭିଷେକଙ୍କ ପତ୍ନୀ ଏକ ଘରୋଇ କମ୍ପାନୀରେ ନିର୍ଦ୍ଦେଶକ ଅଛନ୍ତି। ଶିକ୍ଷକ ନିଯୁକ୍ତି ଦୁର୍ନୀତିରୁ ଯେଉଁ ସବୁ ଟଙ୍କା ଅଭିଷେକ ଠୁଳ କରିଥିଲେ, ସେଗୁଡ଼ିକୁ ତାଙ୍କ ପତ୍ନୀ ନେଇ ସେହି କମ୍ପାନୀରେ ଲଗାଇଥିଲେ। ତେବେ ଅଭିଷେକ ବାନାର୍ଜୀ ଓ ତୃଣମୂଳ କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରିଆସୁଛନ୍ତି। ଏହା ପଛରେ ରାଜନୀତିକ ଷଡ଼ଯନ୍ତ୍ର ରହିଛି ବୋଲି ସେମାନେ କହୁଛନ୍ତି।

# ଲୁଟେରାଙ୍କ ଗୁଳିମାଡ଼ରେ ବିଜେପି ନେତା ମୃତ



ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ବିଜେପି ନେତାଙ୍କ ମୃତ୍ୟୁ ଘଟିଛି। ଘଟଣାଟି ଘଟିଛି ବିହାରର ରାଜଧାନୀ ପାଟନାରେ। ମୃତ ବିଜେପି ନେତାଙ୍କ ନାଁ ଶ୍ୟାମ ସୁନ୍ଦର ଶର୍ମା ଓରଫ ମୁନା ଶର୍ମା (୫୫)। କୁହାଯାଉଛି, ମୁନା ଶର୍ମାଙ୍କୁ ଗୁଳି କରି ହତ୍ୟା କରିଥିବା ବ୍ୟକ୍ତିମାନେ ଚେନ୍ ଲୁଟେରା। ସେମାନେ ଚେନ୍ ଲୁଟ୍ କରିବାକୁ ତାଙ୍କୁ ବନ୍ଧୁକ ଦେଖାଇଥିଲେ। ସେ ପ୍ରତିବାଦ କରିବାକୁ ତାଙ୍କୁ ଲୁଟେରାମାନେ ମାରି ଦେଇଥିଲେ।

ଅନ୍ୟପକ୍ଷରେ ତାଙ୍କୁ ମାରିବା ସତ୍ତ୍ୱେ ଲୁଟେରାମାନେ ଚେନ୍ ନେଇ ନଥିଲେ। ତେଣୁ ଏହି ଘଟଣାର ପଛରେ ଆଉ କିଛି କାରଣ ଥାଇପାରେ ବୋଲି ଆଲୋଚନା ହେଉଛି। ମୃତ ମୁନା ଶର୍ମାଙ୍କ ବେକରେ ସୁନା ଚେନ୍ ଥିଲା ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ପୁଲିସ୍ ବି ଏହାକୁ ସ୍ପଷ୍ଟ କରିଛି। ମୁନା ଶର୍ମାଙ୍କୁ ସୋମବାର ଭୋର ପ୍ରାୟ ସାଢ଼େ ୪ଟା ବେଳେ ହତ୍ୟା କରାଯାଇଥିଲା। ଗତକାଲି ତାଙ୍କ ପୁଅଙ୍କ ନିର୍ବନ୍ଧ ଥିଲା। ସେଥିପାଇଁ ତାଙ୍କ ଘରକୁ କିଛି ବନ୍ଧୁବାନ୍ଧବ ଆସିଥିଲେ। ସେହି ବନ୍ଧୁବାନ୍ଧବଙ୍କ ମଧ୍ୟରୁ କେତେ ଜଣଙ୍କୁ ଆଜି ଭୋରରେ ସେ ଅଟୋରେ ବସାଇବା ପରେ ରାସ୍ତାକଡ଼ରେ ବସିଥିବା ବେଳେ ତିନି ଜଣ ବ୍ୟକ୍ତି ବାଇକରେ ଆସି ତାଙ୍କ ନିକଟରେ ପହଞ୍ଚିଥିଲେ। ସେମାନେ ତାଙ୍କୁ ବନ୍ଧୁକ ଦେଖାଇ ଥିଲେ। ବାଇକ୍‌ରୁ ଓହ୍ଲାଇଥିବା ଜଣେ ଦୁର୍ବୃତ୍ତଙ୍କ ସହିତ ତାଙ୍କର ଟଣାଓଟରା ହୋଇଥିଲା। ସେହି ସମୟରେ ତାଙ୍କ ଉପରକୁ ଗୁଳି କରାଯାଇଥିଲା। ଗୁଳିମାଡ଼ ପରେ ସେ ସେଠାରେ ପଡ଼ି ଯାଇଥିବା ବେଳେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏହି ଦୃଶ୍ୟ ସିସିଟିଭିରେ ରେକର୍ଡ ହୋଇଥିବା ବେଳେ ପୁଲିସ ଏହାକୁ ଭଲ ଭାବେ ଯାଞ୍ଚ କରୁଛି। ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣଙ୍କୁ ପୁଲିସ ଚିହ୍ନଟ କରିଥିବା କହିଛି। ଘଟଣା ସଂପର୍କରେ ପୁଲିସ୍ ସକାଳ ୬ଟା ୧୫ରେ ଖବର ପାଇଥିଲା। ପାଟନାର ଚୌକ ପୁଲିସ ଷ୍ଟେସନ ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଚୌକ ପୁଲିସ୍ ଷ୍ଟେସନର ମୁଖ୍ୟ ଶଶୀ କୁମାର ରାଣା କହିଛନ୍ତି, ଏକ ରେଷ୍ଟୁରାଣ୍ଟ ପାଖରେ ମୁନା ଶର୍ମାଙ୍କୁ ଗୁଳି କରାଯାଇଥିବା ନେଇ ଆମେ ଆଜି ସକାଳ ପ୍ରାୟ ୬ଟା ୧୫ରେ ଖବର ପାଇଥିଲୁ। ମୁନା ଶର୍ମାଙ୍କୁ ତାଙ୍କ ପରିବାର ଲୋକେ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳ ଆଖପାଖରେ ଥିବା ସିସିଟିଭିଗୁଡ଼ିକୁ ଯାଞ୍ଚ କରାଯାଉଛି। ଏହା ସହିତ ଅନ୍ୟାନ୍ୟ ବୈଷୟିକ ତଦନ୍ତ ମଧ୍ୟ ଚାଲିଛି।

ପାଟନା ସିଟି-୨ର ଡିଏସ୍‌ପି ଗୌରବ ଶର୍ମା କହିଛନ୍ତି ଯେ ମୃତ ମୁନା ଶର୍ମାଙ୍କ ବେକରେ ସୁନା ଚେନ୍ ଥିଲା। ଏକ ସ୍ୱତନ୍ତ୍ର ଟିମ୍ ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ଆମେ ଏହି ହତ୍ୟାକାଣ୍ଡର ପ୍ରକୃତ କାରଣ ଖୋଜୁଛୁ। ଜଣେ ଅଭିଯୁକ୍ତକୁ ଚିହ୍ନଟ କରାଯାଇଛି। ତାକୁ ଧରିବାକୁ ପ୍ରାୟାସ ଚାଲିଛି।

### ଟଳିଲା ବଡ଼ ଅଘଟଣ

# ଗ୍ୟାସ ସିଲିଣ୍ଡରକୁ ପିଟିଲା କାଳିନ୍ଦୀ ଏକ୍ସପ୍ରେସ୍

ଉତ୍ତର ପ୍ରଦେଶର କାନପୁର ଜିଲ୍ଲାରେ ଗତକାଲି ପ୍ରୟାଗରାଜ-ଭିୱାନୀ କାଳିନ୍ଦୀ ଏକ୍ସପ୍ରେସ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତି ଯାଇଛି। କାନପୁରର ଶିବରାଜପୁର ଅଞ୍ଚଳ ଅତିକ୍ରମ କରୁଥିବା ବେଳେ ରେଳ ଧାରଣା ଉପରେ ରଖାଯାଇଥିବା ଏକ ଗ୍ୟାସ ସିଲିଣ୍ଡରକୁ ଧକ୍କା ଦେଇଥିଲା କାଳିନ୍ଦୀ ଏକ୍ସପ୍ରେସ। ତେବେ ଏଥିରେ ଟ୍ରେନ୍‌ର ଅବା ଟ୍ରେନ୍‌ରେ ଥିବା ଯାତ୍ରୀମାନଙ୍କର କୌଣସି କ୍ଷତି ହୋଇନାହିଁ। ଅନ୍ୟପକ୍ଷରେ ଏହା ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ଥିଲା ବୋଲି କାନପୁର ପୁଲିସ ସନ୍ଦେହ କରୁଛି। କାରଣ ଗ୍ୟାସ ସିଲିଣ୍ଡର ବ୍ୟତୀତ ଉକ୍ତ ସ୍ଥାନରୁ ଏକ ବୋତଲ ପେଟ୍ରୋଲ, କିଛି ବିସ୍ଫୋରକ ଓ ଦିଆସିଲି ବକ୍ସ ମିଳିଛି।

କାଳିନ୍ଦୀ ଏକ୍ସପ୍ରେସ ଉତ୍ତର ପ୍ରଦେଶର ପ୍ରୟାଗରାଜରୁ ହରିୟାଣାର ଭିୱାନୀ ଅଭିମୁଖେ ଯାଉଥିବା ବେଳେ ଶିବରାଜପୁର ଅତିକ୍ରମ କଲା ବେଳେ ରେଳ ଧାରଣା ଉପରେ ଏକ ଗ୍ୟାସ ସିଲିଣ୍ଡର ଥିବା ଲୋକୋ ପାଇଲଟ ଦେଖିବାକୁ ପାଇଥିଲେ। ସେ ସଙ୍ଗେ ସଙ୍ଗେ ବ୍ରେକ୍ ମାରିଥିଲେ। ତଥାପି ଅଟକିବା ପୂର୍ବରୁ ସିଲିଣ୍ଡରକୁ ଧକ୍କା ଦେଇଥିଲା ଟ୍ରେନ୍।

ଘଟଣା ସଂପର୍କରେ ଖବର ପାଇ କାନପୁର ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଣ୍ଟି-ଟେରୋରିଜିମ ସ୍କ୍ୱାଡ୍ (ଏଟିଏସ୍) ସେଠାରେ ପହଞ୍ଚିଥିଲେ। ସେମାନେ ଘଟଣାସ୍ଥଳରୁ ଗ୍ୟାସ ସିଲିଣ୍ଡର ସହିତ ଏକ ବୋତଲ ପେଟ୍ରୋଲ, କିଛି ବିସ୍ଫୋରକ ଓ ଦିଆସିଲି ବକ୍ସ ଜବତ କରିଥିଲେ।

ଏହି ଘଟଣା ପରେ ଘଟଣାସ୍ଥଳରେ ପ୍ରାୟ ୨୦ ମିନିଟ ଧରି ଅଟକି ଥିଲା କାଳିନ୍ଦୀ ଏକ୍ସପ୍ରେସ। ଏହା ପରେ କାନପୁରର ବିଲହୌର ଷ୍ଟେସନରେ ଏହା ଅଟକି ଥିଲା। ସେଠାରେ କିଛି ସମୟ ଯାଞ୍ଚ କରାଯିବା ପରେ ଟ୍ରେନ୍‌ଟିକୁ ଆଗକୁ ବଢ଼ିବାକୁ ଅନୁମତି ମିଳିଥିଲା। ଏହି ଘଟଣାକୁ ନେଇ କାନପୁର ପୁଲିସ୍ ଏକ ମାମଲା ରୁଜୁ କରିଛି ଓ ଦୁଇ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। କାନପୁର ପୁଲିସ ଘଟଣାର ତଦନ୍ତ କରିବା ପାଇଁ ୫ଟି ଟିମ୍ ଗଠନ କରିଛି।

ଗତମାସରେ କାନପୁରରେ ସାବରମତୀ ଏକ୍ସପ୍ରେସ ଲାଇନଚ୍ୟୁତ ହୋଇଥିଲା। ବାରାଣସୀରୁ ସାବରମତୀ ଯିବା ବାଟରେ ଏହାର ୨୨ଟି କୋଚ୍ ଲାଇନଚ୍ୟୁତ୍ ହୋଇଥିଲା। ଏହି ଦୁର୍ଘଟଣା ପରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ରେଳ ଧାରଣାରେ ରଖାଯାଇଥିବା କୌଣସି ଏକ ଜିନିଷ ସହିତ ଟ୍ରେନ୍‌ର ଇଞ୍ଜିନ ପିଟି ହୋଇଯିବାରୁ ଏହି ଘଟଣା ଘଟିଥିଲା।

# ଆମେରିକାରୁ ବିଜେପି ଓ ଆର୍‌ଏସ୍‌ଏସ୍‌କୁ ଟାର୍ଗେଟ



**ୱାସିଂଟନ୍, ୯।୯:** ଆମେରିକା ଗସ୍ତରେ ଥିବା କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ବିଜେପି ଏବଂ ଆରଏସଏସକୁ ଟାର୍ଗେଟ କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଜେପି ପ୍ରତି ଲୋକଙ୍କ ଭୟ ଲୋପ ପାଇ ଯାଇଥିବା ସେ କହିଛନ୍ତି। ଏଥିସହ ବିଦେଶ ମାଟିରୁ ଆରଏସଏସକୁ ସମାଲୋଚନା କରିଛନ୍ତି ରାହୁଲ ଗାନ୍ଧି।

ବିରୋଧୀ ଦଳ ନେତା ହେବା ପରେ ପ୍ରଥମ ଥର ପାଇଁ ଆମେରିକା ଗସ୍ତ ଅଛନ୍ତି ରାହୁଲ ଗାନ୍ଧି। ଏହା ତାଙ୍କର ଅନୌପଚାରିକ ଗସ୍ତ। ଗତକାଲି ସେ ଆମେରିକାରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସେ ଡାଲାସ୍, ଟେକ୍ସାସ୍ ଏବଂ ୱାଶିଂଟନ୍ ଡିସିରେ ଭାରତୀୟ ପ୍ରବାସୀ ତଥା ଯୁବକମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଗତକାଲି ଡାଲାସରେ ଭାରତୀୟ ସମ୍ପ୍ରଦାୟଙ୍କୁ ଉଦବୋଧନ ଦେଇ ରାହୁଲ ଗାନ୍ଧି କହିଛନ୍ତି, ଭାରତୀୟ ରାଜନୀତିରେ ପ୍ରେମ, "ସମ୍ମାନ ଏବଂ ନମ୍ରତା ହଜିଯାଉଛି। ଦେଶର ରାଜନୈତିକ ବାର୍ତ୍ତାଳାପ କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ଆପଣଙ୍କୁ ପ୍ରେମ ବୋଲି କିଛି ମିଳିବ ନାହିଁ। ଯଦି କିଛି ମିଳିବ, ତାହା ହେଉଛି ଘୃଣା, ହିଂସା ଏବଂ ଅନ୍ୟାୟ।" ସେ ଆହୁରି କହିଛନ୍ତି, "RSS ବିଶ୍ୱାସ କରେ ଯେ ଭାରତ ଗୋଟିଏ ଧାରଣା। କିନ୍ତୁ ଆମେ ବିଶ୍ୱାସ କରୁ- ଭାରତ ହେଉଛି ବହୁଗୁଣ ଧାରଣା। ଆମେରିକା ପରି, ଆମେ ବିଶ୍ୱାସ କରୁ ସମସ୍ତଙ୍କୁ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବା ଉଚିତ୍। ଆମେ ବିଶ୍ୱାସ କରୁ ସମସ୍ତଙ୍କୁ ସ୍ୱପ୍ନ ଦେଖିବାର ସୁଯୋଗ ମିଳୁ ଏବଂ ଜାତି, ଭାଷା, ଧର୍ମ, ପରମ୍ପରା, ଇତିହାସ ନିର୍ବିଶେଷରେ ସମସ୍ତଙ୍କୁ ସ୍ଥାନ ଦିଆଯିବା ଚିନ୍ତାଧାରାରେ ଆମେ ବିଶ୍ୱାସ କରୁ।"

ଏହା ହେଉଛି ସଂଗ୍ରାମ। ନିର୍ବାଚନରେ ଏହି ସଂଗ୍ରାମ ସ୍ଫଟିକ ହୋଇଥିଲା ଯେତେବେଳେ ଭାରତର ଲକ୍ଷ ଲକ୍ଷ ଲୋକ ସ୍ପଷ୍ଟ ଭାବ ରେ ବୁଝିଥିଲେ ଯେ ଭାରତର ପ୍ରଧାନମନ୍ତ୍ରୀ ଭାରତର ସମ୍ବିଧାନ ଉପରେ ଆକ୍ରମଣ କରୁଛନ୍ତି। ୨୦୨୪ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ନରେନ୍ଦ୍ର ମୋଦି ଏବଂ ବିଜେପି ପ୍ରତି ଲୋକଙ୍କର ଭୟ କମି ଯାଇଛି। ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ବିଫଳ ହେବା ପରେ ଏହି ଭୟ ଲୋପ ପାଇ ଯାଇଥିବା ରାହୁଲ ଗାନ୍ଧି କହିଛନ୍ତି।

ସେ ଆହୁରି କହିଛନ୍ତି, "ମୋର ଭୂମିକା ହେଉଛି ଭାରତୀୟ ରାଜନୀତିରେ ପ୍ରେମ, ସମ୍ମାନ ଏବଂ ନମ୍ରତାର ମୂଲ୍ୟବୋଧକୁ ବୁଝିବା। ମୁଁ ଭାବୁଛି ଆମର ରାଜନୈତିକ ବ୍ୟବସ୍ଥାରେ ଏବଂ ଦଳଗୁଡିକରେ ଯାହା ଅଭାବ ରହିଛି, ତାହା ହେଉଛି ପ୍ରେମ, ସମ୍ମାନ ଏବଂ ନମ୍ରତା। ପ୍ରତିଟି ମଣିଷକୁ ପ୍ରେମ, କେବଳ ଗୋଟିଏ ଧର୍ମ, ଗୋଟିଏ ସମ୍ପ୍ରଦାୟ, ଗୋଟିଏ ଜାତି, ଗୋଟିଏ ରାଜ୍ୟ କିମ୍ବା ଗୋଟିଏ ଭାଷା କହୁଥିବା ଲୋକଙ୍କୁ ନୁହେଁ।" ସେ ଆହୁରି କହିଛନ୍ତି, "ଭାରତ ଗଠନ କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କୁ ସମ୍ମାନ ଦିଅନ୍ତୁ, ନୁହେଁକି ଯିଏ ସବୁଠାରୁ ଶକ୍ତିଶାଳୀ ତାଙ୍କୁ।"

## ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

**ହୁଲୁନବୁଇର (ଚୀନ୍), ୯।୯ (ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଏସୀୟ ଚାମ୍ପିଅନ୍ସ ଟ୍ରଫି ପୁରୁଷ ହକି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଆୟୋଜକ ଚୀନ୍‌କୁ ୩-୦ରେ ହରାଇବା ପରେ ସୋମବାର ଜାପାନକୁ ମଧ୍ୟ ୫-୧ରେ ମାତ୍ ଦେଇଛି ହରମନପ୍ରୀତ ସିଂହଙ୍କ ଟିମ୍।

ଭାରତ ପକ୍ଷରୁ ସୁଖଜିତ୍ ସିଂହ ଦୁଇଟି ଗୋଲ୍ ଦେଇଥିବା ବେଳେ ଅଭିଷେକ, ସଞ୍ଜୟ ଓ ଉତ୍ତମ ସିଂହ ଗୋଟିଏ ଲେଖାଏଁ ସ୍କୋର୍ କରିଥିଲେ। ସୁଖଜିତ୍, ଅଭିଷେକ ଓ ଉତ୍ତମ ପୂର୍ବ ମ୍ୟାଚ୍‌ରେ ବି ଗୋଲ୍ ଦେଇଥିଲେ। ଜାପାନ ପକ୍ଷରୁ ମାତସୁମୋତୋ କଜୁମାସା ଏକମାତ୍ର ଗୋଲ୍ କରିଥିଲେ। ଅଭିଷେକ 'ହିରୋ ଅଫ୍ ଦ ମ୍ୟାଚ୍' ବିବେଚିତ ହୋଇଥିଲେ।

କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ବି ଭାରତୀୟ ଟିମ୍ ଜୋର୍ଦାର ଢଙ୍ଗରେ ଖେଳ ଆରମ୍ଭ କରିଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେହିଁ ସୁଖଜିତ୍ ଏକ ଫିଲ୍ଡ ଗୋଲ୍ ଦେଇ ଟିମ୍‌କୁ ଅଗ୍ରଣୀ କରିଥିଲେ। ସଞ୍ଜୟଙ୍କ ପାଇଥିବା ଏକ କ୍ରସ୍‌ରୁ ସେ ଏହି ଗୋଲ୍ ଦେଇଥିଲେ। ଏହାର ପର ମିନିଟ୍‌ରେ ଅଭିଷେକ ଭାରତର ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲେ। ଜାପାନର ଅନେକ ରକ୍ଷଣଭାଗ ଖେଳାଳି ଓ ଗୋଲ୍‌କିପରଙ୍କୁ ମାତ୍ ଦେଇ ସେ ଚିତ୍ତାକର୍ଷକ ଢଙ୍ଗରେ ବଲ୍‌କୁ ଗୋଲ୍‌ପୋଷ୍ଟକୁ ପଠାଇ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟର୍‌ରେ ଭାରତର ଅଗ୍ରଣୀ ୩-୦ରେ ହୋଇଥିଲା। ୧୭ତମ ମିନିଟ୍‌ରେ ସଞ୍ଜୟ ଏକ ଚୋଲ୍ଟ୍ କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ। ଅନ୍ୟପଟେ ଟୁର୍ଣ୍ଣାମେଣ୍ଟର ୨୦୨୩ ସଂସ୍କରଣରେ ତୃତୀୟ ସ୍ଥାନରେ ଥିବା ଜାପାନ ପୁନଃସଂଗଠିତ ହେବାକୁ ପ୍ରୟାସ କରୁଥିଲା। ୨୧ତମ ମିନିଟ୍‌ରେ ଜାପାନକୁ ଏକ ପିସି ମିଳିଥିଲା, ହେଲେ ଏହା ଭାରତୀୟ ରକ୍ଷଣଭାଗକୁ ଭେଦ କରିପାରି ନ ଥିଲା। ଏହାପରେ ଭାରତ ପାଲଟାଜବାବ ଦେଇଥିଲା, ତେବେ ଅଳ୍ପରେ ଗୋଲ୍ ହାତଛଡ଼ା ହୋଇଥିଲା।

ଏହି କ୍ୱାର୍ଟର୍‌ରେ ଭାରତର ୬୭ ପ୍ରତିଶତ ବଲ୍ ପଜେସନ୍ ଥିଲା। ଟିମ୍ ୧୧ ଥର ସର୍କଲ ଏଣ୍ଟ୍ରି କରିଥିଲା ଏବଂ ତିନି ଥର ଗୋଲ୍‌କୁ ସଟ୍ ମାରିଥିଲା, ଯାହା ଭାରତର ଆଧିପତ୍ୟକୁ ସୂଚାଉଥିଲା। ମଧ୍ୟାନ୍ତର ସୁଦ୍ଧା ସ୍କୋର୍‌ଲାଇନ୍ ଅପରିବର୍ତ୍ତିତ ରହିଥିଲା।

ପାର୍ଶ୍ୱ ପରିବର୍ତ୍ତନ ପରେ ଜାପାନ ପ୍ରତ୍ୟାବର୍ତ୍ତନ ପାଇଁ ଜୋର୍ଦାର ପ୍ରୟାସ କରିଥିଲା। ୪୧ତମ ମିନିଟ୍‌ରେ ଟିମ୍‌କୁ ସଫଳତା ମିଳିଥିଲା। କଜୁମାସାଙ୍କ ଗୋଲ୍ ଯୋଗୁଁ ସ୍କୋର୍ ବ୍ୟବଧାନ ହ୍ରାସ ପାଇଥିଲା। ଜାପାନର ଗୋଲ୍ ପୂର୍ବରୁ ଭାରତର ବିବେକ ସାଗର ଏକ ନିଶ୍ଚିତ ଗୋଲ୍ ସୁଯୋଗ ହାତଛଡ଼ା କରିଥିଲେ। ଚତୁର୍ଥ ତଥା ଶେଷ କ୍ୱାର୍ଟର୍‌ରେ ଭାରତ ଆକ୍ରମଣାତ୍ମକତା ବଢ଼ାଇ ଦେଇଥିଲା। ୫୪ତମ ମିନିଟ୍‌ରେ ଟିମ୍ ଚତୁର୍ଥ ଗୋଲ୍ କରିଥିଲା। ଜର୍ମନପ୍ରୀତ ସିଂହଙ୍କ ସହାୟତାରେ ଉତ୍ତମ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇଥିଲେ। ମ୍ୟାଚ୍‌ର ଶେଷ ମିନିଟ୍‌ରେ ସୁଖଜିତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ୫-୧ରେ ପହଞ୍ଚାଇଥିଲେ। ଏଥିରେ ଅଭିଷେକ ସହାୟତା କରିଥିଲେ। ଭାରତ ବୁଧବାର ପୂର୍ବ ସଂସ୍କରଣର ରନର୍ସଅପ୍ ମାଲେସିଆକୁ ଭେଟିବ। ମଙ୍ଗଳବାର ବିଶ୍ରାମ ଦିବସ। ଛଅ ଟିମ୍ ମଧ୍ୟରେ ରାଉଣ୍ଡ-ରବିନ୍ ଲିଗ୍ ଖେଳାଯିବା ପରେ ଚାରି ଶ୍ରେଷ୍ଠ ଟିମ୍ ସେମିଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିବ, ଯାହାକି ସେପ୍ଟେମ୍ବର ୧୬ରୁ ଆରମ୍ଭ ହେବ। ୧୭ରେ ଫାଇନାଲ୍ ମୁକାବିଲା ହେବ।



## ୟୁଏସ୍ ଓପନ୍ ପୁରୁଷ ଏକକ

# ସିନରଙ୍କୁ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ମୁକୁଟ

**ନ୍ୟୁୟର୍କ, ୯।୯ (ଏଜେନ୍ସି):** ବିଶ୍ୱର ଶୀର୍ଷ ମାନ୍ୟତାଧାରୀ ଜାନିକ୍ ସିନର୍ ନିଜ କ୍ୟାରିଅର୍‌ର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ମୁକୁଟ ହାସଲ କରିଛନ୍ତି। ଇଟାଲୀୟ ତାରକା ରବିବାର ଫାଇନାଲ୍‌ରେ ଟେଲର୍ ଫ୍ରିଜ୍‌ଙ୍କୁ ହରାଇ ସ୍ୱଦେଶୀ ଚାମ୍ପିଅନ୍ ପାଇବା ନେଇ ଆମେରିକୀୟ ପ୍ରଶଂସକମାନଙ୍କ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ପ୍ରତୀକ୍ଷାକୁ ଆହୁରି ବଢ଼ାଇ ଦେଇଛନ୍ତି।

ସିନର୍ ୬-୩, ୬-୪, ୭-୫ ସେଟ୍‌ରେ ବିଜୟୀ ହୋଇଥିଲେ। ଏହା ପୂର୍ବରୁ ସେ ଚଳିତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ। ୟୁଏସ୍ ଓପନ୍ ମୁକୁଟ ଜିତି ସେ ଇଟାଲୀର ପ୍ରଥମ ପୁରୁଷ ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ। ଚଳିତ ସିଜନ୍‌ରେ ଏହା ତାଙ୍କର 55ତମ ମ୍ୟାଚ୍ ବିଜୟ ଓ ଷଷ୍ଠ ମୁକୁଟ। ଏହା ଫଳରେ ବିଶ୍ୱର ଶୀର୍ଷ ସ୍ଥାନରେ ତାଙ୍କ ସ୍ଥିତି ଆହୁରି ମଜବୁତ ହୋଇଛି।

ଫାଇନାଲ୍ ମ୍ୟାଚ୍ ଦୁଇ ଘଣ୍ଟା ୧୬ ମିନିଟ୍ ଧରି ଚାଲିଥିଲା। ତିନିଟିଯାକ ସେଟ୍‌ରେ ସିନର୍‌ଙ୍କ ଆଧିପତ୍ୟ ରହିଥିଲା। ଫ୍ରିଜ୍ କୌଣସି ସେଟ୍ ଜିତିପାରି ନ ଥିଲେ। ୧୮ ବର୍ଷ ରେ କୌଣସି ଆମେରିକୀୟ ଖେଳାଳି ୟୁଏସ୍ ଓପନ୍ ପୁରୁଷ ଏକକ ଫାଇନାଲ୍‌ରେ ପହଞ୍ଚିପାରିଥିଲେ, ହେଲେ ପ୍ରଥମ ମେଜର୍ ମୁକୁଟ ଆଶାୟୀ ଫ୍ରିଜ୍ ବିଫଳ ହୋଇଥିଲେ। ୨୦୦୩ ପରଠାରୁ କୌଣସି ଆମେରିକୀୟ ଖେଳାଳି ଏଠାରେ ପୁରୁଷ ଏକକ ମୁକୁଟ ଜିତିପାରି ନାହାନ୍ତି। ମାତ୍ର ୨୩ ବର୍ଷ ବୟସରେ ସିନର୍ ସ୍ପେନୀୟ କାର୍ଲୋସ ଅଲ୍‌କାରାଜ୍‌ଙ୍କ ସହ ବିଶ୍ୱ ଟେନିସ୍‌ରେ ଜଣେ ପ୍ରଭାବଶାଳୀ ଶକ୍ତି ଭାବେ ନିଜକୁ ସାବ୍ୟସ୍ତ କରିଛନ୍ତି। ୨୧ ବର୍ଷୀୟ ଅଲ୍‌କାରାଜ୍ ଏ ଯାବତ ଚାରି ଗ୍ରାଣ୍ଡସ୍ଲାମ୍ ଜିତିସାରିଲେଣି। ଟେନିସ୍‌ର ନୂଆ ଯୁଗରେ ଏହି ଦୁଇ ଯୁବ ପ୍ରତିଭା କୋର୍ଟରେ ଅସାମାନ୍ୟ ଦକ୍ଷତା ଓ ଲଢୁଆ ପ୍ରତିଦ୍ୱନ୍ଦ୍ୱିତାର ପ୍ରଦର୍ଶନ କରୁଛନ୍ତି। ସେମିଫାଇନାଲ୍‌ରେ ସିନର୍ ୨୫ତମ ସିଡ୍ ଆମେରିକୀୟ ଜ୍ୟାକ୍ ଡ୍ରାପର୍‌ଙ୍କୁ ୭-୫, ୭-୬ (୭/୩), ୬-୨ ସିଧା ସେଟ୍‌ରେ ମାତ୍ ଦେଇଥିଲେ। ସେହିପରି ୧୨ତମ ସିଡ୍ ଫ୍ରିଜ୍ ନିଜ ଦେଶର ୨୦ତମ ସିଡ୍ ଫ୍ରାନ୍‌ସେସ୍ ଟିଆଫୋଙ୍କୁ ୪-୬, ୭-୫, ୪-୬, ୬-୪, ୬-୧ ସ୍କୋର୍‌ଲାଇନ୍‌ରେ ହରାଇ ପ୍ରଥମ ଥର କୌଣସି ଗ୍ରାଣ୍ଡସ୍ଲାମ୍‌ର ଫାଇନାଲ୍ ଖେଳିବାର ସୁଯୋଗ ପାଇଥିଲେ।



# ଦଶନ୍ଧି ପରେ ଇଂଲଣ୍ଡରେ ଟେଷ୍ଟ ଜିତିଲା ଶ୍ରୀଲଙ୍କା



ଲଣ୍ଡନ, ୯।୯ (ଏଜେନ୍ସି): ୧୦ ବର୍ଷ ପରେ ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍ ଜିତିଛି ଶ୍ରୀଲଙ୍କା। ଟିମ୍ ସୋମବାର ଦ ଓଭାଲ୍ ଟେଷ୍ଟରେ ଇଂଲଣ୍ଡକୁ ୮ ୱିକେଟ୍‌ରେ ମାତ୍ ଦେଇଛି। ଶ୍ରୀଲଙ୍କା ପାଇଁ ପ୍ରଥମ ଇନିଂସ୍‌ରେ ଅର୍ଦ୍ଧଶତକ ମାରିଥିବା ପାଥୁମ ନିସାଙ୍କା ଦ୍ୱିତୀୟ

**ଇଂଲଣ୍ଡ ୨-୧ରେ ଶୃଙ୍ଖଳା ବିଜୟୀ**

ଇନିଂସ୍‌ରେ ଶତକ ଲଗାଇଥିଲେ। ଏହାସତ୍ତ୍ୱେ ଆୟୋଜକ ଟିମ୍ ୨-୧ରେ ତିନି ମ୍ୟାଚ୍‌ର ଶୃଙ୍ଖଳାକୁ କବ୍‌ଜା କରିଛି। ଇଂଲଣ୍ଡ ପ୍ରଥମ ଟେଷ୍ଟକୁ ୫ ୱିକେଟ୍‌ରେ ଓ ଦ୍ୱିତୀୟ ଟେଷ୍ଟକୁ ୧୯୦ ରନ୍‌ରେ ଜିତିଥିଲା। ଶ୍ରୀଲଙ୍କା ଶେଷ ଥର ୨୦୧୪ରେ ଲିଡ୍ସ ଠାରେ ଇଂଲଣ୍ଡକୁ ଟେଷ୍ଟରେ ହରାଇଥିଲା। ସେତେବେଳେ ଟିମ୍ ୧-୦ ରେ ଶୃଙ୍ଖଳା ବି ଜିତିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଟିମ୍ ପ୍ରଥମ ଇନିଂସ୍‌ରେ ୩୨୫ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ୨୬୩ ରନ୍ କରିବାରୁ ଆୟୋଜକ ଟିମ୍ ୬୨ ରନ୍‌ରେ ଆଗରେ ରହିଥିଲା। ତେବେ ଦ୍ୱିତୀୟ ଇନିଂସ୍‌ରେ ଇଂଲଣ୍ଡ ଟିମ୍ ମାତ୍ର ୧୫୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା ଏବଂ ଶ୍ରୀଲଙ୍କାକୁ ୨୧୯ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା। ଶ୍ରୀଲଙ୍କା ଚତୁର୍ଥ ଦିନ ମାତ୍ର ୨ ୱିକେଟ୍ ହରାଇ ୪୦.୩ ଓଭର୍‌ରେ ଟାର୍ଗେଟ୍ ହାସଲ କରିଥିଲା। ଆଜି ଶ୍ରୀଲଙ୍କା ଟିମ୍ ୯୪/୧ ସ୍କୋର୍‌ରୁ ଅସମାପ୍ତ ଦ୍ୱିତୀୟ ଇନିଂସ୍ ଖେଳ ଆରମ୍ଭ କରିଥିଲା। ନିସାଙ୍କା ଓ ଆଞ୍ଜେଲୋ ମାଥ୍ୟୁସ୍ ତୃତୀୟ ୱିକେଟ୍ ପାଇଁ ୧୧୧ ରନ୍‌ର ଅପରାଜିତ ଭାଗୀଦାରୀ କରିଥିଲେ। ନିସାଙ୍କା ୧୩ ଚୌକା ଓ ୨ ଛକା ସହାୟତାରେ ୧୨୭ (୧୨୪ ବଲ୍‌ରୁ) ଓ ମାଥ୍ୟୁସ୍ ୩୨ ରନ୍ କରି ଅପରାଜିତ ଥିଲେ।

# କୋହଲି ହେବେ କ୍ରିକେଟର୍ ଟେଷ୍ଟର ବାଦ୍‌ଶାହା: ଗାଙ୍ଗୁଲି

**ନୂଆଦିଲ୍ଲୀ, ୯।୯:** ଟିମ ଇଣ୍ଡିଆର ତାରକା ଖେଳାଳି ବିରାଟ କୋହଲିଙ୍କୁ ଆଧୁନିକ କ୍ରିକେଟର ଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଏ। ଯେତେବେଳେ ଟେଷ୍ଟ ଫର୍ମାଟ କଥା ଆସେ, ଜୋ ରୁଟଙ୍କ ନାମ ଆଜିକାଲି ଆଗରେ ଅଛି। କୁହାଯାଏ ଯେ, ରୁଟ ଟେଷ୍ଟରେ ସର୍ବାଧିକ ରନ ସ୍କୋର କରିବାର ରେକର୍ଡ ମଧ୍ୟ ଭାଙ୍ଗିପାରେ। ଏସବୁ ମଧ୍ୟରେ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି। ଭାରତୀୟ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ସବୁ ସମୟର ଟେଷ୍ଟ କ୍ରିକେଟର ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ସାମିଲ କରାଯାଇପାରିବ ବୋଲି ସୌରଭ ଗାଙ୍ଗୁଲି ପୂର୍ବାନୁମାନ କରିଛନ୍ତି। ଏକ ପ୍ରମୋସନାଲ ଇଭେଣ୍ଟରେ ଗାଙ୍ଗୁଲି କହିଛନ୍ତି, ମୁଁ ରିଷଭ ପନ୍ତଙ୍କୁ ଭାରତର ଶ୍ରେଷ୍ଠ ଟେଷ୍ଟ ବ୍ୟାଟ୍ସମ୍ୟାନ ବୋଲି ବିବେଚନା କରେ। ସେ ଭାରତ ପାଇଁ ଟେଷ୍ଟ କ୍ରିକେଟ ଖେଳିବା ଜାରି ରଖିବେ। ଯଦି ସେ ଏହିପରି ପ୍ରଦର୍ଶନ ଜାରି ରଖନ୍ତି, ତେବେ ତାଙ୍କୁ ଟେଷ୍ଟ କ୍ରିକେଟର ସର୍ବକାଳୀନ ମହାନ ଖେଳାଳିଙ୍କ ମଧ୍ୟରେ ସାମିଲ କରାଯିବ। ସେ ଦକ୍ଷ ଏବଂ ମୁଁ ନିଶ୍ଚିତ ଯେ ସେ ଶୀଘ୍ର ଏହା କରିବାରେ ସଫଳ ହେବେ। ଡିସେମ୍ବର ୨୦୨୨ରେ ଏକ କାର



ଦୁର୍ଘଟଣାରେ ଆହତ ହେବା ପରେ ପନ୍ତଙ୍କୁ ପ୍ରଥମ ଥର ପାଇଁ ଭାରତୀୟ ଟେଷ୍ଟ ଦଳରେ ସାମିଲ କରାଯାଇଛି। ବାଂଲାଦେଶ ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ ପାଇଁ ସେ ଦଳରେ ମନୋନୀତ ହୋଇଛନ୍ତି। ଏଥି ସହିତ ଚେନ୍ନାଇରେ ସେପ୍ଟେମ୍ବର ୧୯ରୁ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ ପାଇଁ ସେ ପ୍ଲେଇଙ୍ଗ୍-୧୧ରେ ହେବେ ବୋଲି ସମ୍ପୂର୍ଣ୍ଣ ଆଶା ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆମେ ତ...

ବର୍ଷରେ ଥରେ ଅଫିସର ସ୍ତରରେ ଅଦଳବଦଳ ହୋଇଥାଏ। ପୂର୍ବରୁ ରାଜ୍ୟ ସରକାର ଏହି ନିୟମକୁ କେତେକାଂଶରେ ମାନୁଥିଲେ ବି ୨୦୧୧ ପରଠାରୁ ସରକାର ସବୁ ନିୟମକୁ ଫୁ କରିଦେଇଥିଲେ। ଜଣେ ଜଣେ ଅଫିସରଙ୍କ ୧୦ -୧୨ ବର୍ଷ ଧରି ବଦଳି ହେଉନି। ସମାନ ପଦବୀରେ ଓଏଏସରୁ ଆଇଏଏସ ପ୍ରମୋସନ ବି ପାଉଛନ୍ତି, କିନ୍ତୁ ଗାଦି ଛାଡୁନାହାଁନ୍ତି।

ଅର୍ଥ ବିଭାଗରେ ଭାଗ୍ୟବାନ ବାବୁଙ୍କ ତାଲିକା ବେଶ୍ ଲମ୍ବା । ବିଭାଗର ଅତିରିକ୍ତ ସଚିବ ଥିବା ଡକ୍ଟର ସତ୍ୟପ୍ରିୟ ରଥ ୨୦୦୭ ମସିହାରୁ ସେହି ବିଭାଗରେ ରହିଛନ୍ତି । ୨୦୨୨ ମସିହାରେ ପଦୋନ୍ନତି ଭିତ୍ତିରେ ଆଇଏଏସ୍ ପାଇଛନ୍ତି । ଏହି ବିଭାଗରେ ଥିବା ସତ୍ୟବ୍ରତ ରାଉତ ୨୦୧୩ରୁ ଓ ସ୍ମିତା ରାଉତ ୨୦୦୯ ରୁ ଅର୍ଥ ବିଭାଗରେ ରହିଛନ୍ତି। ଏହି ସମସ୍ତେ ଏବେ ଅତିରିକ୍ତ ସଚିବ ପାହ୍ୟାରେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଶୁଭଶ୍ରୀ ନନ୍ଦ ୨୦୧୬ ମସିହାରୁ ଅଛନ୍ତି । ଇତି ମଧ୍ୟରେ ସେ ଆଇଏସ୍ ପାହ୍ୟାକୁ ଗଲେ ବି ତାଙ୍କର ଅନ୍ୟତ୍ର ଯିବାର ହେଉନାହିଁ । ପୂର୍ତ୍ତ ବିଭାଗରେ ଅତିରିକ୍ତ ସଚିବ ପାହ୍ୟାରେ ଥିବା ଦୀପ ରଞ୍ଜନ ଦାସ ୨୦୧୫ ମସିହାରୁ ସେହି ବିଭାଗରେ ରହିଛନ୍ତି । ଯୋଜନା ଓ ସଂଯୋଜନ ବିଭାଗରେ ଯୁଗ୍ମ ସଚିବ ଥିବା ମଧୁସ୍ମିତା ସାମଲ ୨୦୧୬ ରୁ ସେହି ଗୋଟିଏ ବିଭାଗରେ ରହିଛନ୍ତି । ଆହୁରି ଅନେକ ବିଭାଗରେ ଏଭଳି ଭାଗ୍ୟବାନ ବାବୁମାନେ ରହିଛନ୍ତି ।

ତେବେ ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ ରହିବା ବାଦ୍ ଆଉ କିଛି ଭାଗ୍ୟବାନ ବାବୁ ଅଛନ୍ତି ଯେଉଁମାନେ ଏକାଧିକ ବିଭାଗ ପାଇଛନ୍ତି । ଏସସିଏସ୍‌ଟି ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କ ହାତରେ ଅତିରିକ୍ତ ଭାବେ ଏସଏସପିଡି ଓ ଓଡିଆ ଭାଷା,ସାହିତ୍ୟ ସଂସ୍କୃତି ବିଭାଗ ରହିଛି । ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ ନିଜ ଦାୟିତ୍ୱ ସହିତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ବିଏମ୍‌ସି କମିଶନର ଦାୟିତ୍ୱ ତୁଲାଉଛନ୍ତି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ଦାୟିତ୍ୱରେ ସାଧାରଣ ପ୍ରଶାସନ, ଇସ୍ପାତ ଓ ଖଣି, ସଂସଦୀୟ ବ୍ୟାପାର ଭଳି ବିଭାଗ ରହିଛି । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ସଚିବ ସୁଶୀଲ କୁମାର ଲୋହାନୀ ନିଜ ଦାୟିତ୍ୱ ସହିତ ଅବକାରୀ ବିଭାଗ ସମ୍ଭାଳୁଛନ୍ତି ।

ମୋଟାମୋଟି ଭାବେ ରାଜ୍ୟ ସଚିବାଳୟରେ ଏବେ ଭାଗ୍ୟବାନ ବାବୁଙ୍କ ତାଲିକା ବେଶ୍ ଲମ୍ବା । ଅବଶ୍ୟ ବିଜେଡି ସରକାର ଅମଳରୁ ଏମାନଙ୍କ ଭାଗ୍ୟ ଚମକୁଛି । ମୋହନ ସରକାର ଅମଳରେ ଏମାନଙ୍କ ଭାଗ୍ୟ କେଉଁ ରୂପ ନେବ ତାହା ଉପରେ ଏବେ ସମସ୍ତଙ୍କ ନଜର ।

### ବିଦ୍ୟୁତ୍ ଉତ୍ପାଦନ...

ଭିତରେ ବନ୍ୟା ଜଳ ପ୍ରବେଶ କରୁଥିବାରୁ ୫ଟି ଗେଟ୍ ଖୋଲାଯାଇଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୪୫ ହଜାର କ୍ୟୁସେକ ଜଳ ନିଷ୍କାସନ ହେଉଛି। ମାଛକୁଣ୍ଡ ଡି-ଡ୍ୟାମରୁ ୪ଟି ଗେଟରେ ୩୩ ହଜାର କ୍ୟୁସେକ ଜଳ ପ୍ରତି ସେକେଣ୍ଡରେ ନିଷ୍କାସନ କରାଯାଇ ମାଛକୁଣ୍ଡ ନଦୀରେ ଛଡା ଯାଉଛି। ଲଗାଣ ବର୍ଷା ଯୋଗୁଁ ଜଲାପୁଟ ଜଳଭଣ୍ଡାରର ଜଳସ୍ତର ଲଗାତାର ବୃଦ୍ଧି ପାଇବାରେ ଲାଗିଛି । ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପର ସହକାରୀ ଯନ୍ତ୍ରୀ କୁରେଶୁ ପ୍ରଧାନ କହିଛନ୍ତି, 'ଡ୍ୟାମର କ୍ଷମତା ୨୭୫୦ ଫୁଟ ରହିଥିବା ବେଳେ ଜଳସ୍ତର ୨୭୪୯.୬୦ ଫୁଟ ରହିଛି ।

ଏହାସହିତ ଲମତାପୁଟ ବ୍ଲକରେ ୧୩୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମୂଷଳଧାରାରେ ବର୍ଷା ପରେ ଫୁଲିଛି କୋଲାବ ଡ୍ୟାମର ଜଳସ୍ତର। ଜଲାପୁଟ ଡ୍ୟାମର ୨ଟି ଓ ସ୍ପିଲୱେ ଡ୍ୟାମରୁ ୪ଟି ଗେଟ୍ ଖୋଲାଯାଇଛି।

### ବିଜେପି ହାତଛାଡ଼ି...

ଇଙ୍ଗିତ କରିଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ଅବଶିଷ୍ଟ ୭ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ କେତେବେଳେ କିଏ ଇସ୍ତଫା ଦେଇ ବିଜେପି ଅଫିସରେ ପହଞ୍ଚିଯିବ ତାହା କେହି କହିପାରୁ ନାହାନ୍ତି । ସମସ୍ତେ ସମସ୍ତଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି । ଉପରକୁ ମୁହଁ ତୋଡ ଦେଖାଉଥିଲେ ମଧ୍ୟ ଭିତରେ ଭିତରେ ଅନେକ ପଦ୍ମ ନେତାଙ୍କ ସହିତ ସମ୍ପର୍କରେ ଥିବାର ଖବର ଉଡିବାରେ ଲାଗିଛି । ଅନ୍ୟ ପକ୍ଷରେ ଦୁଇ ସାଂସଦ ଦଳ ଛାଡିବାପରେ ବିଜେଡି ଶିବିରରେ ହଇଚଇ ସୃଷ୍ଟି ହୋଇଛି । ଏହା ଦଳ ପାଇଁ ଶୁଭ ସଙ୍କେତ ନୁହେଁ ବୋଲି କହିଛନ୍ତି ଦଳର ବରିଷ୍ଠ ନେତା ଅମର ଶତପଥୀ । ଯେଉଁମାନେ କିଛି କହୁ ନାହାନ୍ତି ସେମାନେ ଭିତରେ ଭିତରେ କୁହୁଳୁଛନ୍ତି । କ'ଣ ପାଇଁ ଦୁଇ ସାଂସଦ ଦଳ ଛାଡିଲେ ତାହାର ତର୍ଜମା ପାଇଁ କେହି କହିବାକୁ ସାହସ କରୁନାହାନ୍ତି । ପୂର୍ବ ଭଳି ଏବେ ବି ନବୀନ ଧିରେ ଧିରେ ଦଳୀୟ ବିଧାୟକ ଓ ସାଂସଦଙ୍କ ପାଇଁ ଅପହଞ୍ଚ ହେବାରେ ଲାଗିଛନ୍ତି । ନବୀନ ଶଙ୍ଖଭବନକୁ ଆସିବା ସହିତ ପୂଜାମଣ୍ଡପ ଯେତେ ବୁଲିଲେ ବି ଦଳୀୟ ବିଧାୟକ କିମ୍ବା ସାଂସଦମାନେ ନିଜକୁ ଦଳ ଭିତରେ ପୂର୍ବଭଳି ଅସହଜ ମନେ କରୁଛନ୍ତି । ନବୀନଙ୍କ ସହିତ ଖୋଲାଖୋଲି କୌଣସି ପ୍ରସଙ୍ଗରେ ଆଲୋଚନା କରିପାରୁ ନାହାନ୍ତି ।

ବିଜେଡିର ଯଦି ରାଜ୍ୟସଭାରେ ସାଂସଦ ସଂଖ୍ୟା ହ୍ରାସର ଧାରା ଜାରି ରୁହେ ତେବେ ଦଳର ଜାତୀୟ ସ୍ତରର ରାଜନୀତିରେ ଆଉ କୌଣସି ଦବ୍‌ଦବା ରହିବନାହିଁ । ବିଜେପି କିମ୍ବା ଅନ୍ୟ ରାଜନୈତିକଦଳ ଆଉ ବିଜେଡିକୁ ପଚାରିବ ନାହିଁ । ଏକଦା ନବୀନଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ପାଇଁ ରହିଛି ବୋଲି ପ୍ରଚାର କରି ବୁଲୁଥିବା ବିଜେଡି ଆଜି ସଂସଦରେ ନିଜର ସ୍ଥିତି ରକ୍ଷା ପାଇଁ ସଂଘର୍ଷ ଆରମ୍ଭ କରିଛି । ତେବେ ବିଜେପି ତାହାର ଅପରେସନ ଲୋଟୋସକୁ ଜୋରଦାର କରିଥିବାବେଳେ ବିଜେଡି ନିଜର ଅବଶିଷ୍ଟ ୭ ରାଜ୍ୟସଭା ସାଂସଦଙ୍କୁ କେତେଦୂର ନିଜ ପାଖରେ ରଖିବାରେ ସମର୍ଥ ହେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର ।

### କୋରାପୁଟ ଓ...

କୋରାପୁଟକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ରବିବାର ସକାଳ ୮ଟାରୁ ସୋମବାର ସକାଳ ୮ଟା ଯାଏଁ ବୈପାରୀଗୁଡା ବ୍ଲକରେ ୧୯୮ ମିମି, ଲମତାପୁଟ ବ୍ଲକରେ ୧୩୨ ମିମି ବର୍ଷା ହୋଇଛି। ବନ୍ଧୁଗାଁ ଓ ଲକ୍ଷ୍ମୀପୁର ବ୍ଲକରେ ବର୍ଷା କମିଛି । କୋରାପୁଟ ବ୍ଲକରେ ୬୯.୬ ମିମି ବର୍ଷା ରେକର୍ଡ କରାଯାଇଛି। ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ପଶିଛି। ଏକର ଏକର ଜମି ଜଳବନ୍ଦୀ ହୋଇଛି। ଦୀଗାପୁରଠାରେ ଥିବା ବ୍ରିଜ୍ ଉପରେ ଜଳ ପ୍ରବାହିତ ହେବାରୁ କୁନ୍ଦୁରା ଦୀଗାପୁରଠାରୁ ଘୁମରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ତୁହାକୁତୁହା ବର୍ଷା ହେଉଥିବାରୁ ମାଲକାନଗିରି ଜିଲ୍ଲା ଜାତୀୟ ରାଜପଥରେ ସମସ୍ତ ପୋଲ ଉପରେ ୮ରୁ ୧୦ ଫୁଟର ପାଣି ପ୍ରବାହିତ ହେଉଛି। ଫଳରେ ଜିଲ୍ଲାର ସମସ୍ତ ବ୍ଲକକୁ ଯାତାୟତ ଠପ ହୋଇଯାଇଛି। ପୋଟେରୁ ଗାଁରେ ୧୦ ଫୁଟର ପାଣି ପ୍ରବାହିତ ହେଉଥିବାବେଳେ ମାଲକାନଗିରି ଜିଲ୍ଲା ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ପାଙ୍ଗାମ ନଦୀ ପୋଲ ଉପରେ ୧୦ ଫୁଟର ପାଣି ପ୍ରବାହିତ ହେଉଥିବାରୁ ଜୟପୁର ମାଲକାନଗିରି ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏମ୍‌ଭି-୭ ନିକଟରେ ତମସା ନଦୀ ଜାତୀୟ ରାଜପଥକୁ ଜଳପ୍ଲାବିତ କରିଛି। ପୋଟେରୁ ,କାଙ୍ଗୁରୁକୁଣ୍ଡା,ଏମଭି-୯୦, ଏମଭି-୯୬ , ପାଙ୍ଗାମ ପୋଲ ଉପରେ ବର୍ଷା ପାଣି ପ୍ରବାହିତ ହେଉଛି। ସେହିଭଳି ପୋଟେରୁ ନଦୀର ପାଣି ବଢ଼ିଯିବାରୁ ପୋଟେରୁ ଗାଁ ଭିତରେ ପଶିଛି। ପ୍ରଶାସନ ତରଫରୁ ସମସ୍ତ ଲୋକଙ୍କୁ ଉଦ୍ଧାର କରାଯାଇ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଜାତୀୟ ରାଜପଥ କଡରେ ଶହ ଶହ ଟ୍ରକ ଠିଆ ହୋଇଛି। ସମସ୍ତ ଟ୍ରକ କର୍ମଚାରୀଙ୍କୁ ପ୍ରଶାସନ ତରଫରୁ ଖାଇବା ଓ ରହିବାର ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ଚିତ୍ରକୋଣ୍ଡା ବ୍ଲକ ଠାରୁ ମାଲକାନଗିରି ଓ ଜୟପୁରକୁ ଯୋଗାଯୋଗ କରୁଥିବା ଚିତ୍ରକୋଣ୍ଡା ଘାଟି ମୁଖ୍ୟ ରାସ୍ତାର ଭଲଭହାଉସ ଛକ ନିକଟରେ ମାଟି ଅତଡ଼ା ଖସି ପଡ଼ିବାରୁ ଚିତ୍ରକୋଣ୍ଡା ବ୍ଲକ ଓ ପଡ଼ୋଶୀ ଆନ୍ଧ୍ର ପ୍ରଦେଶକୁ ଯାତାୟତ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି।

ମାଲକାନଗିରିର ବଣ୍ଡାଘାଟି ରାସ୍ତାରେ ମାଟି ଅତଡା ଖସି ଅବରୋଧ ହୋଇଛି। କୋରକୋଣ୍ଡା ବ୍ଲକର ନାକାମାମୁଡି ପଞ୍ଚାୟତର ବାୟାପଡା ରାସ୍ତା ସଂପୂର୍ଣ୍ଣ ଭାଙ୍ଗିଯାଇଛି। ବାୟାପଡା ଗ୍ରାମ ସହ ୧୦ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବର୍ଷା ଏକ ପ୍ରକାର ଜିଲ୍ଲାକୁ ଜଳମଗ୍ନ କରି ରଖିଛି। ମାଲକାନଗିରିର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଲୋକଙ୍କୁ ଆଶ୍ରୟ ଦିଆଯାଇଥିବା ବେଳେ ପୋଟେରୁ ଗ୍ରାମର ଲୋକଙ୍କୁ ଉଦ୍ଧାର କରି ପୋଟେରୁ ଥାନାର ଦୁଇ ମହଲା କୋଠା ଉପରେ ଆଶ୍ରୟ ଦିଆଯାଇଛି। କେବଳ ପୋଟେରୁ ଗାଁ ନୁହେଁ ଏମପିଭି-୫୭,ଏମପିଭି-୬୯ ସମେତ ବହୁ ଗ୍ରାମ ଜଳମଗ୍ନ ହୋଇଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନ ସମେତ ବ୍ଲକ ପ୍ରଶାସନ ଏବେ ବନ୍ୟା ପ୍ରଭାବିତ ଅଂଚଳରେ ଲୋକଙ୍କୁ ଆଶ୍ୱାସନା ଦେବା ସହ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରୁଛି। ଲଗାଣ ବର୍ଷା ନ କମିଲେ ସ୍ଥିତି ଆହୁରି ସାଙ୍ଘାତିକ ହେବ ବୋଲି କୁହାଯାଇଛି। ସବୁ ପାହାଡି ନଦୀ ପାଣି ଗାଁରେ ପଶିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଥିବା ଲକ୍ଷ୍ୟ କରାଯାଇଛି। ଅଗ୍ନିଶମ କର୍ମଚାରୀ ଡଂଗା ସାହାଯ୍ୟରେ ଲୋକଙ୍କୁ ପାଣି ଘେରରେ ରହିଥିବା ଲୋକଙ୍କୁ ଉଦ୍ଧାର କରୁଛି। ଓଡ୍ରାଫ୍ ଟିମ୍ ମଧ୍ୟ ସମସ୍ତ ଅଞ୍ଚଳରେ ସଜାଗ ରହିବା ସହ ଯେପରି କୌଣସି ଅଘଟଣ ନ ଘଟେ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଅବ୍‌ତକ୍...

ଶେଷରେ ଗିରଫ ହୋଇଥିଲେ ଏ ବାବୁ ଜଣଙ୍କ। ତାର ଠିକ ଦିନକ ପରେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ ଅବକାରୀ ବିଭାଗ ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ର । ରାଜ୍ୟ ଭିତରେ ୬ ଟି ଫ୍ଲାଟ, ୫୨ ପ୍ଲଟ, ୨୩୦ ଗ୍ରାମ ସୁନାର ସନ୍ଧାନ ପାଇବା ପରେ ରାମଙ୍କୁ ଗିରଫ କରାଯାଇଥିଲା । ପରେ ପରେ ସ୍କାନରକୁ ଆସିଥିଲେ ଓଏଏସ ଅଫିସର ଅକ୍ଷମିତା କାର୍ତ୍ତିକ । ଗାଡ଼ିରେ ୪ ଲକ୍ଷ ୯୨ ହଜାର ସହ ଲାଞ୍ଚଖୋରଙ୍କୁ ମାଡି ବସିଥିଲା ଭିଜିଲାନ୍ସ। ଓଡିଶା ବ୍ରିଜ ଆଣ୍ଡ କଂଷ୍ଟ୍ରକ୍ସନ ଆଡ଼ିସିନାଲ ଚିଫ ଇଞ୍ଜିନିୟର ପ୍ରଦୀପ ରଥଙ୍କ ଉପରେ ପୁଣି ଛାପା ପଡିବା ବେଳେ ମିଳିଥିଲା ବାବୁଙ୍କ ନାଁ ରେ ଥିବା ୪ଟି ଫ୍ଲାଟ ଓ ୪୫ ଟି ପ୍ଲଟର ସନ୍ଧାନ । ପୁରୀ ପରିକ୍ରମା ପ୍ରକଳ୍ପ ନିର୍ମାଣ ବେଳେ ବାବୁଙ୍କ ବିରୋଧରେ ଆସିଥିଲା ଦୁର୍ନୀତିର ଗନ୍ଧ। ଏହାପରେ ପୁଣି ଥରେ ଚର୍ଚ୍ଚାକୁ ଆସିଥିଲେ ଆର ଆଣ୍ଡ ବି ର ପୂର୍ବତନ ଚିଫ ଇଞ୍ଜିନିୟର ତାରା ପ୍ରସାଦ ମିଶ୍ର। ଚଢ଼ାଉ ବେଳେ ଏକାଧିକ ଫ୍ଲାଟ ଓ ପ୍ଲଟ ସହ ନୟାପଲ୍ଲୀ ସ୍ଥିତ ଘରୁ ମିଳିଥିଲା ଅଢ଼େଇ କେଜି ସୁନା, ୩୭୦ ଗ୍ରାମ ହୀରା। ଘର ଭିତର ଥିଲା ସତେ ଯେମିତି ଜୁଏଲାରୀ ସୋରୁମ । ତାରାଙ୍କୁ ଗିରଫ ପରେ ଭିଜିଲାନ୍ସ ର ନଜର ପଡିଥିଲା ଯାଜପୁର ର ଜଣେ ବିଜେଡି ନେତାଙ୍କ ଏକାନ୍ତ ସହଯୋଗୀ ତଥା ସିଟି ଜିଏସଟି ର ଆସିଷ୍ଟାଣ୍ଟ କମିଶନର ବିନୟ ଭୂଷଣ ତ୍ରିପାଠୀଙ୍କ ଉପରେ। ବାବୁଙ୍କ ବିରୋଧରେ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ ପରେ ତାଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ଠିକ ସେହିଭଳି ଓଏସଆରଟିସି ଆକାଉଣ୍ଟ ଅଫିସର, ଢେଙ୍କାନାଳ ଫରେଷ୍ଟ ରେଞ୍ଜର, ଖଣି ବିଭାଗର ଡେପୁଟି ଡ଼ାଇରେକ୍ଟର, ଜଟଣୀ ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ଭଳି ୩୦ ରୁ ୪୦ ଜଣ ଅଫିସରଙ୍କୁ ତଦନ୍ତ ପରିସରଭୁକ୍ତ କରି ଲାଞ୍ଚ ଟଙ୍କାର ଉତ୍ସ ଖୋଜୁଛି ଭିଜିଲାନ୍ସ।

ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱାଙ୍କ ନେତୃତ୍ୱରେ ସାରା ଦେଶରେ ପ୍ରଶଂସିତ ହୋଇଛି ଓଡିଶା ଭିଜିଲାନ୍ସ । ହସ୍ପିଟାଲରେ ରକ୍ତ ଟିଏ ପାଇବା ଠାରୁ ହଜାର ହଜାର କୋଟି ଟଙ୍କାର ଟେଣ୍ଡର, ସବୁଥିରେ ହସ୍ତକ୍ଷେପ କରି କୋଟି କୋଟି ଟଙ୍କାର ମୁନାଫା କମାଉଥିବା ଏହିଭଳି ବାବୁଙ୍କ ଲିଷ୍ଟ ପ୍ରସ୍ତୁତ ସରିଛି । ଭିଜିଲାନ୍ସ ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଏବେ କେବଳ ଟ୍ରେଲର ଦେଖାଯାଇଛି, ଆଗକୁ ଫିଲ୍ମ ବାକି ରହିଛି। ଆଗକୁ ଲୋକଙ୍କ ଟଙ୍କାରେ ଅୟସ ଆରାମ କରୁଥିବା ନେତା ଓ ସରକାରୀ କର୍ମଚାରୀଙ୍କ ନିଦ ହଜାଇ ଦିଆଯିବ ବୋଲି କହିଛନ୍ତି ଏହି ଅଧିକାରୀ ।

### ବନ୍ୟାଞ୍ଚଳକୁ...

ରଖିବାକୁ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ସମସ୍ତ ଫିଲ୍ଡ ଅଧିକାରୀଙ୍କୁ ସଜାଗ ରହିବାକୁ କୁହାଯାଇଛି। ଏସଆରସିଙ୍କ ସୂଚନା ଅନୁସାରେ, ପ୍ରବଳ ବର୍ଷା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ବିଭିନ୍ନ ଜିଲ୍ଲାରେ ଓଡ୍ରାଫ ଟିମ ନିୟୋଜିତ ହୋଇଛନ୍ତି । ରାଜ୍ୟର ୭ ଜିଲ୍ଲାରେ ୧୮ ଓଡ୍ରାଫ ଟିମ ନିୟୋଜିତ ହୋଇଛନ୍ତି । ମାଲକାନଗିରିରେ ୬, କୋରାପୁଟରେ ୨, ରାୟଗଡାରେ ୨, ଗଞ୍ଜାମରେ ୨, କନ୍ଧମାଳରେ ୨, ବୌଦ୍ଧରେ ୨ ଓ ବଲାଙ୍ଗୀରରେ ୨ ଓଡ୍ରାଫ ଟିମଙ୍କୁ ନିୟୋଜିତ କରାଯାଇଛି । ସେହିପରି ୫ ଉପକୂଳ ଜିଲ୍ଲାରେ ୧୨ ଟିମ ପ୍ରସ୍ତୁତ ହୋଇ ରଖାଯାଇଛି । ସେଗୁଡିକ ହେଲା ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ ବୌଦ୍ଧ । ୬ଟି ଏନଡିଆରଏଫ ଟିମ ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ପଠାଯାଇଛି । ୨ଟି ଟିମ ପ୍ରସ୍ତୁତ କରି ରଖାଯାଇଛି। ଦୁର୍ବଳ ନଦୀ ବନ୍ଧ ଉପରେ ନଜର ରଖିବାକୁ ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ନିୟନ୍ତ୍ରଣ ଯନ୍ତ୍ରପାତି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମହଜୁଦ ରଖାଯାଇଛି । ସହରାଞ୍ଚଳରେ ଜଳ ନିଷ୍କାସନ ଲାଗି ବ୍ୟବସ୍ଥା କରିବାକୁ କୁହାଯାଇଛି । ସହରାଞ୍ଚଳ ଜଳ ନିଷ୍କାସନ ଲାଗି ଭୁବନେଶ୍ୱରରେ ୩୦, କଟକରେ ୧୦, ପୁରୀରେ ୧୦ ସେଟ ଅତିରିକ୍ତ ପମ୍ପ ମହଜୁଦ ରଖାଯାଇଛି।

## ଟେଷ୍ଟ ଦଳକୁ ଫେରିଲେ ପନ୍ତ ଓ ରାହୁଲ

**ବେଙ୍ଗାଲୁରୁ , ୯।୯:** ବାଂଲାଦେଶ ସହିତ ଆଗାମୀ ଟେଷ୍ଟ ସିରିଜର ପ୍ରଥମ ଟେଷ୍ଟ ମ୍ୟାଚ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ଦୀର୍ଘ ଦିନ ପରେ ଭାରତୀୟ ଦଳକୁ ୱିକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଏବଂ ଓପନର ଲୋକେ ରାହୁଲ ଦଳକୁ ଫେରିଛନ୍ତି। ୨୦୨୨ ଡିସେମ୍ବରରେ ଦୁର୍ଘଟଣାରେ ଆହତ ହେବା ପରେ ପନ୍ତ କ୍ରିକେଟରୁ ଦୁରେଇ ରହିଥିଲେ। ତେବେ କିଛି ମାସ ତଳେ ସେ ଟି-୨୦ କ୍ରିକେଟରେ ଭାରତୀୟ ଦଳକୁ ଫେରିଥିଲେ। ସେହିପରି ଆହତ ଜନିତ କାରଣରୁ ଗତ ଜାନୁଆରୀ ମାସରୁ ରାହୁଲ ମଧ୍ୟ ଟିମରୁ ବାଦ ପଡ଼ିଥିଲେ। ସଦ୍ୟ ସମାପ୍ତ ଦୁଲିପ ଟ୍ରଫି କ୍ରିକେଟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିବା ବାମହାତୀ ପେସ ବୋଲର ୟାସ ଦୟାଲଙ୍କୁ ପ୍ରଥମ ଥର ଲାଗି ଦଳରେ ସ୍ଥାନ ମିଳିଛି। ଅନ୍ୟ ପକ୍ଷରେ ଆହତ ହୋଇ ଦୀର୍ଘଦିନ ହେବ ପ୍ରତିଯୋଗିତା ମୂଳକ କ୍ରିକେଟରୁ ଦୁରେଇ ରହିଥିବା ମହମ୍ମଦ ସାମିଙ୍କୁ ସୁଯୋଗ ମିଳିନାହିଁ। ପ୍ରଥମ ଟେଷ୍ଟ ଲାଗି ଘୋଷିତ ଦଳରେ ତାଙ୍କୁ ସାମିଲ କରାଯାଇନାହିଁ। ପେସ ବୋଲର ଆକାଶ ଦୀପଙ୍କୁ ମଧ୍ୟ ୧୬ଜଣିଆ ଟେଷ୍ଟ ଦଳରେ ସାମିଲ କରାଯାଇଛି। ଇଂଲଣ୍ଡ ବିପକ୍ଷରେ ଗତ ଟେଷ୍ଟ ସିରିଜରେ ଭଲ ପ୍ରଦର୍ଶନ କରିଥିବା ୱିକେଟ କିପର ଧ୍ରୁବ ଜୁରେଲଙ୍କୁ ଦଳରେ ଦ୍ୱିତୀୟ ୱିକେଟ କିପର ଭାବେ ସାମିଲ କରାଯାଇଛି। ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଦଳରେ ବୁମରା ଏବଂ ମହମ୍ମଦ ସିରାଜ ମୁଖ୍ୟ ପେସ ବୋଲର ଭାବେ ସାମିଲ ହୋଇଛନ୍ତି। ସ୍ପିନର ଅଶ୍ୱିନ, ଜାଡେଜା, ଅକ୍ଷର ପଟେଲ ଏବଂ କୁଲଦୀପ ଯାଦବ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଆସନ୍ତା ୧୯ରୁ ଚେନ୍ନାଇରେ ପ୍ରଥମ ଟେଷ୍ଟ ଏବଂ ୨୭ରୁ କାନପୁରରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ।

**ଘୋଷିତ ଦଳ :** ରୋହିତ ଶର୍ମା (ଅଧିନାୟକ), ସବୁମନ ଗିଲ, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, କେ ଏଲ ରାହୁଲ, ସର୍ଫରାଜ ଖାନ, ରିଷଭ ପନ୍ତ, ଧ୍ରୁବ ଜୁରେଲ, ଆର ଅଶ୍ୱିନୀ, ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଅକ୍ଷର ପଟେଲ, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ଆକାଶ ଦୀପ ଓ ୟାଶ ଦୟାଲ।

# ବାପାମା'ଙ୍କୁ ହରାଇ ସାହାରା ଖୋଜୁଛି କୁନି ଝିଅ

**କଟକ, ୯।୯ (ସଂଚାର ବ୍ୟୁରୋ):** ଦେଢ ବର୍ଷରେ ହୋଇଥିଲେ। ପର ପୁରୁଷ ସହିତ ମାଆ ଚାଲିଗଲେ। ଜେଜେବାପା, ଜେଜେ ମାଆ ଓ ବାପାଙ୍କ କୋଳରେ ଦୁନିଆ ଦେଖୁଥିଲେ ଯମୁନା। ମାଆଙ୍କ ଅନୁପସ୍ଥିତିକୁ ଭୁଲି ଯାଇଥିଲେ। ହେଲେ ପୁଣି ଥରେ କୋମଳ ବୟସରେ ଦୁଃଖ ଦେଇଗଲେ ଦଇବ! ଅବେଳରେ ବାପାଙ୍କୁ ଛଡ଼ାଇ ନେଇଗଲେ। ଏବେ ପୂରା ବେସାହାରା ହୋଇଗଲେ ତୃତୀୟ ଶ୍ରେଣୀରେ ପଢ଼ୁଥିବା ଯମୁନା ପ୍ରଧାନ। ବାର୍ଦ୍ଧକ୍ୟ ଜୀବନ ସହିତ ସଂଘର୍ଷ କରୁଥିବା ଜେଜେବାପା ଓ ଜେଜେ ମାଆଙ୍କ କୋଳରେ ସାହାରା ଖୋଜୁଛନ୍ତି।

କଟକ ଜିଲ୍ଲା ବଡ଼କମ୍ବିଲୋ ଗାଁର ଯମୁନା ପ୍ରଧାନ। ତାଙ୍କ ବାପା ହେଉଛନ୍ତି ରାଜକିଶୋର ପ୍ରଧାନ। ବାପା ପେସାରେ ଜଣେ ଶିକ୍ଷକ। ଛାଞ୍ଚୁଣିଆ ସ୍କୁଲରେ ଶିକ୍ଷକତା କରୁଥିଲେ। ଯମୁନାକୁ ଦେଢ଼ବର୍ଷ ହୋଇଥିଲା। ସେତେବେଳେ ପର ପୁରୁଷ ସହିତ ପଳାଗଲେ ରାଜକିଶୋରଙ୍କ ପତ୍ନୀ। ପତ୍ନୀ ଛାଡ଼ି ଗଲା ପରେ ବିବାହ କରିନଥିଲେ ରାଜକିଶୋର। ବାପା ମୂରଲୀ ଓ ମାଆ ମୁକୁତା ପ୍ରଧାନଙ୍କ କୋଳରେ ଝିଅ ଯମୁନାକୁ ଛାଡ଼ି ଦେଖୁଥିଲେ କେତେ ସ୍ୱପ୍ନ। ପ୍ରତ୍ୟକ ବାପାଙ୍କ ପରି ରାଜକିଶୋର ମଧ୍ୟ ଦେଖିଥିଲେ ବଡ଼ ସ୍ୱପ୍ନ। ଝିଅର ସବୁ ଆଶା ଓ ଅଭିଳାଶା ପୂରଣ କରୁଥିଲେ। ଝିଅକୁ ଭଲ ସଂସ୍କାର ଦେଇ ଭଲ ମଣିଷଟିଏ ହେବା ପାଇଁ କେତେ ସ୍ୱପ୍ନ ଦେଖିଥିଲେ। ଯମୁନାକୁ ଜନ୍ମ କଲା ମାଆଠାରୁ ଅଧିକ ସ୍ନେହ ଦେଉଥିଲେ ରାଜକିଶୋର। ଯେଉଁଥିପାଇଁ ଯମୁନା ନିଜ ମାଆକୁ ଭୁଲି ଯାଇଥିଲା। ବୋଧହୁଏ ବାପା-ଝିଅଙ୍କ ଏ ଅନାବିଳ ସମ୍ପର୍କକୁ ସହିପାରିଲାନି ଦଇବ! ଅବେଳରେ ବାପା ରାଜକିଶୋରଙ୍କୁ ଯମୁନା ପାଖରେ ଛଡ଼ାଇ ନେଲା। ଆଜକୁ ୨୦ ଦିନ ତଳେ ରାଜକିଶୋରଙ୍କୁ ସର୍ପ ଦଂଶନ କରିଥିଲା। ଆଉ ସେଇଥିରେ ଅଫେରା ରାଇଜକୁ ଚାଲିଗଲେ ଯମୁନା। ମାଆଙ୍କ ପରେ ବାପାଙ୍କ ହାତ ଧରି ଦୁନିଆ ଦେଖୁଥିବା ଯମୁନା ଏବେ ପୂରା ବେସାହାରା ହୋଇଯାଇଛି। ବାର୍ଦ୍ଧକ୍ୟରେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଜେଜେବାପା ଓ ଜେଜେମାଆ କୋଳରେ ଯମୁନା ଏବେ ଖୋଜୁଛି ବାପାଙ୍କୁ। ଆଉ ବେଳେ ବେଳେ ବାପାଙ୍କୁ ମନେ ପକାଇ ଗୁମୁରୀ କାନ୍ଦୁଛି। ହେଲେ ନିଜ ମନ ଭିତରେ ଉଠୁଥିବା ଦୁଃଖକୁ କାହାକୁ କହିପାରୁନି।

ଯମୁନା ଏବେ ତୃତୀୟ ଶ୍ରେଣୀରେ ପାଠ ପଢ଼ୁଛି। ପୁଅର ରୋଜଗାରରେ ଚଳୁଥିଲା ପରିବାର। ରୋଜଗାରିଆ ପୁଅକୁ ହରାଇବା ପରେ ନାନା ଯନ୍ତ୍ରଣାରେ ଜୀବନ କାଟୁଛନ୍ତି ଯମୁନାଙ୍କ ଜେଜେ ମାଆ ଓ ଜେଜେ ବାପା। ତେଣୁ ମୂଲ ମଜୁରୀ ଏବଂ ଛେଳି ଚାଷ କରି ଯାହା ରୋଜଗାର କରୁଛନ୍ତି, ସେଥିରୁ କଷ୍ଟେମଷ୍ଟେ ଚଳି ଯାଉଛନ୍ତି। ହେଲେ କେତେ ଦିନ ବାପା ଓ ମାଆ ବିହୀନ ନାତୁଣୀକୁ ପୋଷିବେ? କେଉଁଠୁ ଆଣିବେ ଅର୍ଥ? ସେହି ଚିନ୍ତା ସେମାନଙ୍କୁ ଘାରିଛି। ସରକାରୀ ସ୍ତରରେ ନାତୁଣୀର ପାଠ ପଢ଼ା ପାଇଁ କୌଣସି ବ୍ୟବସ୍ଥା ହେଲେ, ଭଲ ହୁଅନ୍ତା ବୋଲି କହିଛନ୍ତି ଜେଜେବାପା।

ସେପଟେ ବଡ଼ମ୍ବା ବିଡିଓ ରମେଶ ଚନ୍ଦ୍ର ବେହେରା କହିଛନ୍ତି, ସାପ କାମୁଡ଼ାରେ ବାପାଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ ଝିଅର ମାଆ ଘର ଛାଡ଼ି ଦେଇଥିଲେ। ପ୍ରଶାସନ ତରଫରୁ ତାଙ୍କର ରହିବାର ବ୍ୟବସ୍ଥା କରାଉଛି। ଆଉ ଅନ୍ୟାନ୍ୟ ସବୁ କ'ଣ ଦିଆଯାଇପାରିବ, ତାହା ଉପରେ ବିଚାର କରାଯାଉଛି ବୋଲି ବିଡିଓ କହିଛନ୍ତି।

## ଖୁଣ୍ଟିରେ ଫ୍ୟୁଜ୍ ଟାଟା କୋଡ୍ ଅଫ୍ କଣ୍ଡକ୍ଟ

# ବିଦ୍ୟୁତ୍ ଆଘାତରେ ନାବାଳିକା ଗୁରୁତର



- ଘରେ ମଉଜ କରୁଛନ୍ତି ଯନ୍ତ୍ରୀ
- ନୂଆପଡ଼ା ବିଦ୍ୟୁତ୍ ସେକ୍ସନର ଖାମଖିଆଲି ନୀତି ଯୋଗୁ ହେଉଛି ଦୁର୍ଘଟଣା
- କୋମଳମତି ଶିଶୁଙ୍କୁ ଛାଡ଼ିଲା ନାହିଁ ନୂଆପଡା ବିଦ୍ୟୁତ୍ ସେକ୍ସନ
- ମରଣର ଗନ୍ତାଘର ପାଲଟିଛି ନୂଆପଡ଼ା ବିଦ୍ୟୁତ୍ ସେକ୍ସନ

**କେନ୍ଦ୍ରାପଡ଼ା,୯।୯(ସଂଚାର ବ୍ୟୁରୋ):** କୋମଳ ମତି ଶିଶୁଙ୍କୁ ଛାଡ଼ିଲା ନାହିଁ ନୂଆପଡା ବିଦ୍ୟୁତ୍ ସେକ୍ସନ ଟପିସିଓଡିଏଲ। ମରଣର ଗନ୍ତାଘର ପାଲଟିଛି ନୂଆପଡ଼ା ବିଦ୍ୟୁତ୍ ସେକ୍ସନ । ଏମିତି କେତେ ଯେ ଜୀବନ ଗଲାଣି ନୂଆପଡା ବିଦ୍ୟୁତ୍ ସେକ୍ସନ ତାହା ବର୍ଣ୍ଣନା କରିବା ସମ୍ଭବ । ଆଜି ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ବିଦ୍ୟୁତ୍ ବିଭାଗ ଅପାରଗତା ପାଇଁ ଅଳ୍ପକେ ଜୀବନ ପାଇଛି । ଏମିତି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ବେଡାରୀର କୂଳତୁଠୀ ଗ୍ରାମରେ। ସେହି ଗ୍ରାମର ପ୍ରଶାନ୍ତ କୁମାର ସାହୁଙ୍କ ଝିଅ ଉନିକ୍ରିଷ୍ଣା ସାହୁ (ପାପାଲି) ବୟସ ୯ ବର୍ଷ ଅପରାହ୍ନ ୪.୩୦ ମିନିଟ୍ ରେ ଦୋକାନକୁ ଅତି ଖୁସି ମନରେ ମାଆଙ୍କ ଠୁ ପଇସା ନେଇ ଯାଇଥିଲା । ଦୋକାନରୁ କୁରୁ କୁରି ଓ ଚକ୍ଲେଟ ଆଣିବାକୁ ଯାଉଥିବା ବେଳେ କିଏ ଜାଣିଥିଲା ସେହି କୁନି ଝିଅ ଆଗରେ ବିଦ୍ୟୁତ୍ ବିଭାଗ ବିପଦକୁ ଛିଡା କରିଥିବ। ଯେତେବେଳେ କୁନି ଝିଅଟି ଦୋକାନକୁ ଯାଉଥିଲା ତାଙ୍କରି ଘର ସମ୍ମୁଖରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିବା ସମୟରେ ତାରକୁ ମାଡ଼ି ଦେଇଥିବା ସମୟରେ ତଳେ ପଡ଼ିଯିବା ପରେ କୁନି ଝିଅର ବେକରେ ବିଦ୍ୟୁତ୍ ପ୍ରବାହ ହେଇଥିବା ତାରଟି ଝିଅର ବେକରେ ଲାଗି ଯାଇଥିଲା । ବିଦ୍ୟୁତ୍ ତାର ଲାଗିଯିବା ଫଳରେ ସ୍ଥାନୀୟ ଲୋକମାନେ ଯାଇ ନିକଟରେ ଥିବା ଟ୍ରାନ୍ସଫର୍ମର ର ଏ ସ୍ୱିଚ୍ କୁ କାଟିଥିଲେ । ସଙ୍ଗେ ସଙ୍ଗେ କୁନି ଝିଅଟିକୁ ଗୁରୁତର୍ ଅବସ୍ଥାରେ ପାଟକୁରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ନୂଆପଡ଼ା ବିଦ୍ୟୁତ୍ ସେକ୍ସନ ଅଧୀନରେ ଥିବା ସମସ୍ତ ଗ୍ରାମାଞ୍ଚଳରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ତାରକୁ ଠିକ୍ କରୁନାହାନ୍ତି ସେହି ବିଦ୍ୟୁତ୍ ସେକ୍ସନର କନିଷ୍ଠଯନ୍ତ୍ରୀ । ଟିପିସିଓଡିଏଲ୍ କେବଳ ନିଜର ବେପାର କଥା ଚିନ୍ତା କରୁଥିବା ବେଳେ ସାଧାରଣ ଜନତାଙ୍କୁ ମୃତୁ ମୁଖକୁ ଠେଲିଦେଉଛି । ନିକଟରେ କିଛିଦିନ ତଳେ ଇଲେଭେନ୍ କେଭି ଲାଇନ୍ ରେ ଜଣେ ଚାଷୀ ମୃତ୍ୟୁ ବରଣ କରିଥିବା ବେଳେ ପୁଣି ଏଭଳି ଘଟଣା ଘଟିଲା ବିଦ୍ୟୁତ୍ ସେକ୍ସନର ମାତ୍ର ପାଞ୍ଚଶହ ମିଟର ଦୂରରେ ଥିବା ବେଡ଼ାରୀ ଗ୍ରାମରେ । ଯେତେବେଳେ ହେଡ୍ କ୍ୱାଟର ନିକଟରେ ଏଭଳି ବିଭାଗର ଅବହେଳା କରାଯାଉଛି ଆପଣ ଅନୁମାନ କରି ପାରୁଥିବେ ସେକ୍ସନ ଅଫିସ୍ ଦୂରରେ ଥିବା ଜନବସତୀରେ କେଉଁଭଳି ବିପଦ ପୂର୍ଣ୍ଣରେ ବିଦ୍ୟୁତ୍ ତାର ଓ ଖୁଣ୍ଟ ରହିଥିବ । କନିଷ୍ଠ ଯନ୍ତ୍ରୀ କେବେ ପେଟ୍ରୋଲିଂ ରେ ଯାଆନ୍ତି ନାହିଁ କି କାମର ତାଦରଖ କରନ୍ତି ନାହିଁ କେବଳ ଶୀତ ତାପ ନିୟନ୍ତ୍ରିତ କୋଠରୀରେ ବସି ମଉଜ କରନ୍ତି ବୋଲି ଅଭିଯୋଗ ହୋଇଛି ।

# ବନ୍ଦ ଘରୁ ଅଧ୍ୟାପିକାଙ୍କ ଶବ ଉଦ୍ଧାର

**କଟକ, ୯।୯ (ସଂଚାର ବ୍ୟୁରୋ):** ବନ୍ଦ ଘର ଭିତରୁ ଅଧ୍ୟାପିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି। କଟକ ସିଡିଏ ସେକ୍ଟର-୯ ସ୍ଥିତ ଭଡ଼ା ଘରୁ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଅଧ୍ୟାପିକା ଜଣଙ୍କ ହେଉଛନ୍ତି ଅନନ୍ୟା ଚକ୍ରବର୍ତ୍ତୀ। ସେ କଟକ ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ତାଙ୍କ ଘର ପଶ୍ଚିମବଙ୍ଗର ବୋଲି ଜଣାଯାଇଛି।

୨ ଦିନ ହେବ ଅନନ୍ୟା କଲେଜ ଯାଇ ନଥିଲେ। କଲେଜ କର୍ତ୍ତୃପକ୍ଷ ତାଙ୍କ ଫୋନକୁ କଲ୍ କରିଥିଲେ। ଅନ୍ୟାନଙ୍କ ଫୋନ୍ ରିଙ୍ଗ୍ ହୋଇଥିଲେ ମଧ୍ୟ ସେ ଉଠାଇ ନଥିଲେ। ଗତକାଲି ମଧ୍ୟ କଲେଜ କର୍ତ୍ତୃପକ୍ଷ ଅଧ୍ୟାପିକାଙ୍କୁ ଫୋନ୍ କରିଥିଲେ। ହେଲେ ଫୋନ୍ ରିଙ୍ଗ୍ ହୋଇ କଟିଥିଲେ ମଧ୍ୟ ଉଠାଇ ନଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ ପୁଲିସକୁ ଘଟଣା ସଂପର୍କରେ କହିଥିଲେ। ପୁଲିସ ଓ କଲେଜ କର୍ତ୍ତୃପକ୍ଷ ଭଡ଼ା ଘରେ ପହଞ୍ଚି ଅଧ୍ୟାପିକାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ।ପୁଲିସ ମୃତଦେହକୁ ଉଦ୍ଧାର ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବା ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ତେବେ ଅଧ୍ୟାପିକାଙ୍କର କିପରି ମୃତ୍ୟୁ ଘଟିଲା ତାର କାରଣ ଜଣାପଡ଼ିନାହିଁ। ଅଧ୍ୟାପିକାଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି। ଘଟଣା ସଂପର୍କରେ ଅଧ୍ୟାପିକାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। କିଛି ଦିନ ପୂର୍ବରୁ ଅଧ୍ୟାପିକାଙ୍କ ଛାଡ଼ପତ୍ର ହୋଇଥିଲା ବୋଲି ସୂଚନା ରହିଛି।



# ଗଣେଶ ମୂର୍ତ୍ତି ଭସାଣି ବେଳେ ନଦୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଜଗତସିଂହପୁର, ୯।୯ (ସଂଚାର ବ୍ୟୁରୋ):** ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇଥିବା ବେଳେ ନଦୀରେ ବୁଡ଼ି ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣାଟି ଘଟିଛି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲରେ। ମୃତ ଛାତ୍ରଙ୍କ ନାଁ ରିତେଶ ସ୍ୱାଇଁ। ତାଙ୍କ ଘର ମଙ୍ଗରାଜପୁରରେ। ସେ ଆଦିକବି ଶାରଳା ଦାସ କଲେଜରେ ଯୁକ୍ତ ଦୁଇରେ ପଢୁଥିଲେ। ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଛାତ୍ରଙ୍କ ନାଁ ଏସ୍. ରବି କିରଣ। ତାଙ୍କ ଘର ଭରାଳ ଗାଁରେ। ଏହି ଦୁଇ ଜଣ ତିର୍ତ୍ତୋଲ ସ୍ଥିତ ଏକ ଘରୋଇ କମ୍ପ୍ୟୁଟର ତାଲିମ କେନ୍ଦ୍ରର ପ୍ରଶିକ୍ଷଣ ନିଅନ୍ତି। ଏହି କମ୍ପ୍ୟୁଟର ତାଲିମ କେନ୍ଦ୍ରର ଛାତ୍ରଛାତ୍ରୀମାନେ ମିଶି ଗଣେଶ ପୂଜା କରିଥିଲେ। ଆଜି ସକାଳେ କିଛି ଛାତ୍ର ମିଶି ନିକଟସ୍ଥ ବୃଦ୍ଧା ନଦୀକୁ ଗଣେଶଙ୍କ ମୂର୍ତ୍ତିକୁ ବିସର୍ଜନ କରିବାକୁ ନେଇଥିଲେ। ମୂର୍ତ୍ତିକୁ ଧରି ଏହି ଛାତ୍ରମାନେ ନଦୀକୁ ପଶିଥିବା ବେଳେ ଗୋଡ଼ ଖସି ଯିବାରୁ ରିତେଶ, ଏସ୍. ରବି କିରଣ ଓ ଅନ୍ୟ ଜଣେ ଛାତ୍ର ବୁଡ଼ି ଯାଇଥିଲେ। ତେବେ ଅନ୍ୟ ଛାତ୍ରଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସି ତିନି ଜଣଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କରାଯିବା ବେଳକୁ ରିତେଶ ଓ ଏସ୍. ରବି କିରଣଙ୍କ ଅବସ୍ଥା ଗୁରୁତର ହୋଇସାରିଥିଲା। ସେମାନଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ରିତେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏସ୍. ରବି କିରଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତିର୍ତ୍ତୋଲ ପୁଲିସ ଘଟଣାର ତଦନ୍ତ କରୁଛି। ଏହି ଘଟଣାକୁ ନେଇ ପୂରା ତିର୍ତ୍ତୋଲ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ପଟ୍ଟାମୁଣ୍ଡାଇରେ କୌଶଳ ରଥ ପରିକ୍ରମା

**ପଟ୍ଟାମୁଣ୍ଡାଇ, ୯।୯(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ସାରା ରାଜ୍ୟରେ ପରିକ୍ରମା କରୁଥିବା କୌଶଳ ରଥ ପଟ୍ଟାମୁଣ୍ଡାଇ ପରିକ୍ରମା କରିଛି । ଏଇ ଅବସରରେ ଏକ ସୁସଜ୍ଜିତ ରଥ ପଟ୍ଟାମୁଣ୍ଡାଇ ଏମ ଏନ ହାଇସ୍କୁଲରେ ପହଂଚି ଥିଲା । ଏହି ରଥକୁ ଏମ ଏନ ହାଇସ୍କୁଲ ଛାତ୍ର ଛାତ୍ରୀମାନେ ବାଜା ବଜାଇ ନାଚ ଗୀତ ମଧ୍ୟରେ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ସରୋଜ ସ୍ୱାଇଁ, ଶଶାଙ୍କ ଶେଖର ସାହୁ, ଅନିତା ଧଳ, ଅଶୋକ ଦାଶ,ଅନିଲ ଦାସ,ତାପସ ବେହେରା, ଗୋମତୀ ସ୍ୱାଇଁ, ସ୍ୱର୍ଣ୍ଣମୟୀ ନାୟକ,ପୁରାତନ ଛାତ୍ର ସଂସଦ କୋଷାଧକ୍ଷ ଗୋପୀନାଥ ତ୍ରିପାଠୀ, ସ୍କୁଲ ପରିଚାଳନା କମିଟି ଉପସଭାପତି ଇତିଶ୍ରୀ ଦାଶ ଯୋଗ ଦେଇ ରଥ ସହିତ ରଥରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକ ଏବିଇଓ ଚନ୍ଦ୍ରଶେଖର ତ୍ରିପାଠୀ, ସି ଆର ସି ସି ସଂଘମିତ୍ରା ନାୟକ ପ୍ରମୁଖ ଶିକ୍ଷା ବିଭାଗ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ ।



# ଟ୍ରକକୁ ଧକ୍କା ଦେଲା ବାଇକ୍ ; ୨ ମୃତ

**ଭଦ୍ରକ, ୯।୯ (ସଂଚାର ବ୍ୟୁରୋ):** ରଙ୍ଗ ରୁଟ୍‌ରେ ଆସି ରାସ୍ତା କଡ଼ରେ ଠିଆ ହୋଇଥିବା ଟ୍ରକକୁ ଧକ୍କା ଦେଲେ ବାଇକ୍ ଆରୋହୀ। ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଭଦ୍ରକ ଜିଲ୍ଲା ଟାଉନଥାନା ଅନ୍ତର୍ଗତ ବନ୍ତ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି।

ମୃତକ ଦ୍ୱୟ ହେଲେ ପଥରାଆଡିର ଶିବସୁନ୍ଦର ମହାପାତ୍ର ଓ ବାରିକପୁରର ସୌରଭ ମିଶ୍ର।ଅନ୍ୟ ଜଣେ ଆହତଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ସୌରଭ ମିଶ୍ର ନାବାଳକ ବୋଲି ଜଣାଯାଇଛି। ଗତକାଲି ବିଳମ୍ବିତ ରାତିରେ ୩ ଜଣ ସାଙ୍ଗ ଏକ ବାଇକ ଯୋଗେ ଚରମ୍ପାରୁ ବନ୍ତ ଅଭିମୁଖେ ଆସୁଥିଲେ। ଏହି ସମୟରେ ବନ୍ତ ଛକରେ ନିକଟରେ ରାସ୍ତାକଡ଼ରେ ଏକ ଟ୍ରକ୍ ଠିଆ ହୋଇଥିଲା। ବାଇକଟି ଦ୍ରୁତ ଗତିରେ ଆସି ଟ୍ରକ୍‌କୁ ଧକ୍କା ଦେଇଥିଲା। ପରେ ୩ ଜଣ ଛିଟିକି ତଳେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ରଙ୍ଗ ରୁଟ୍‌ରେ ଆସି ବାଇକ ଆରୋହୀମାନେ ଟ୍ରକକୁ ଧକ୍କା ଦେଇଥିବା ଜଣାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

# ଝାଡ଼ାବାନ୍ତିରେ ୩ ମୃତ ; ୧୫ ଆକ୍ରାନ୍ତ



ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଚେପଟିଅମ୍ବା ଗ୍ରାମରେ ବ୍ୟାପିଛି ଝାଡ଼ାବାନ୍ତି। ଝାଡ଼ାବାନ୍ତିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଗାଁରେ ମେଡିକାଲ ଟିମ୍ ପହଞ୍ଚି ଲୋକମାନଙ୍କର ଚିକିତ୍ସା ଜାରି ରଖିଛନ୍ତି। କିଛି ଦିନ ପୂର୍ବରୁ ଝାଡ଼ାବାନ୍ତିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଜି ସକାଳେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ଜଣକ ହେଉଛନ୍ତି ଝରିଗାଁ ବ୍ଲକ ଚେପଟିଆମ୍ବା ଗ୍ରାମର ମଧୁ ଜାନୀ। ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମଧୁଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ତେବେ କେଉଁ କାରଣ ଯୋଗୁ ଗାଁରେ ଝାଡ଼ାବାନ୍ତି ବ୍ୟାପିଛି ତାହା ଜଣାପଡ଼ିନାହିଁ। ଦୂଷିତ ପାଣି ପିଇବା ଯୋଗୁ ଗାଁରେ ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଉଛି। ପାଣି ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଏଥିସହ ଗାଁରେ ମେଡିକାଲ ଟିମ୍ ଅସ୍ଥାୟୀ କ୍ୟାମ୍ପ କରି ଲୋକଙ୍କ ଚିକିତ୍ସା ଜାରି ରଖିଛନ୍ତି।

# ଚାଷୀଙ୍କ ପାଇଁ ଅପହଞ୍ଚ କୃଷି ଉପକରଣ

**ଜଗତସିଂହପୁର,୯।୯(ସଂଚାର ବ୍ୟୁରୋ):** କୃଷି ଓ କୃଷକର ଉନ୍ନତି ପାଇଁ ସରକାର ବିହନ, ସାର, କୀଟନାଶକ ଔଷଧ ଯନ୍ତ୍ରପାତି ଆଦି ବହୁ ଉପକରଣ ଯୋଗାଇ ଦେଉଛନ୍ତି। କିନ୍ତୁ ଏଗୁଡ଼ିକ କୃଷକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବାଟମାରଣା ହୋଇଯାଉଥିବା ଅଭିଯୋଗ ହେଉଛି । ଚାଷୀମାନେ ଉତ୍ପାଦନ କରୁଥିବା ବିଭିନ୍ନ ପନିପରିବା ରଖିବା ପାଇଁ ଜିଲ୍ଲାରେ ଶୀତଳ ଭଣ୍ଡାର ନଥିବା ବେଳେ ବିବରଣୀର ମଧ୍ୟ ସୁବିଧା ନାହିଁ । ଯାହାଫଳରେ ପନିପରିବା ଚାଷୀ ଋଣ କରି ଚାଷ କରୁଥିବା ବେଳେ ବାଧ୍ୟ ହୋଇ ଅଭାବୀ ବିକ୍ରି କରିବା ଯୋଗୁଁ ଠିକ ସମୟରେ ଋଣ ପୈଠ କରିପାରୁନାହାନ୍ତି । ଅପରପକ୍ଷେ ଉକ୍ତ ଜିଲ୍ଲାର ୮ଟି ବ୍ଲକରେ ଥିବା କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଅଦା, ହଳଦୀ, ଡାଲି, ତୈଳବୀଜ, ମକା, ବାସୁମତି ଚାଉଳ, ଆଦି ଚାଷ କରିବା ପାଇଁ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲେ ମଧ୍ୟ ଏହି ଜିଲ୍ଲାରେ ଶତପ୍ରତିଶତ ଚାଷ କାର୍ଯ୍ୟ କାଗଜ କଲମରେ ଦେଖାଯାଇ କର୍ମଚାରୀ ମାନେ ସେ ସବୁକୁ ଖୋଲା ବଜାରରେ ବିକ୍ରି କରି ହାତ ଚିକ୍କଣ କରୁଥିବା ଦେଖାଯାଉଛି । ଚାଷୀ ଆବଶ୍ୟକୀୟ ସାର ଔଷଧ, ବିହନ ନ ପାଇ ଚାଷ ଛାଡୁଥିବା ବେଳେ ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକ ଯଥା - ଜଗତସିଂହପୁର, ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ, କୁଜଙ୍ଗ, ଏରସମା, ବାଲିକୁଦା,ନାଉଗାଁ ଏହି ବ୍ଲକର ଚାଷୀମାନଙ୍କ ପାଇଁ ଆସୁଥିବା ବିଭିନ୍ନ ପ୍ରୋତ୍ସାହନ ହରିଲୁଟ କରିବାକୁ ପଛାଉ ନାହାନ୍ତି । କୃଷି ଯାନ୍ତ୍ରିକ କରଣରେ ଟ୍ରାକ୍ଟର, ପାୱାରଟିଲର, ଧାନରୁଆ ଯନ୍ତ୍ର, ଡ଼ିଜେଲ୍ ପମ୍ପସେଟ୍, ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି, ଚାଷୀ ପାଇବାର ବ୍ୟବସ୍ଥା ରହିଥିଲେ । ହେଁ ପ୍ରଶାସନିକ କ୍ଷେତ୍ରରେ କାଗଜପତ୍ର କରାଯାଇ ଚାଷୀଙ୍କ ସବସିଡ୍ ଅର୍ଥ କର୍ମଚାରୀଙ୍କ ପ୍ୟାକେଟକୁ ଯାଉଛି । ଜିଲ୍ଲାଉଦ୍ୟାନ କୃଷି ବିଭାଗ ପକ୍ଷରୁ ଯେଉଁ ସବୁ ବିହନ ଆସିଥିଲା ସେ ସବୁ ମଧ୍ୟରୁ ଅଦା,ଓ ହଳଦୀ ବିହନ ପ୍ରକୃତ ଚାଷୀମାନଙ୍କର ନାଁ ଗନ୍ଧ ନଥିବା ବେଳେ ଅଣଚାଷୀମାନଙ୍କୁ ଯାହାକୁ ଯେତେ ଅଦା ବିହନ ଯୋଗାଇଦିଆଯାଇଥିଲେ ସୁଦ୍ଧା ୮ଟି ବ୍ଲକର ଉଦ୍ୟାନ କୃଷି ବିଭାଗ , ତାହା କାଗଜ କଲମରେ ଚାଲିଥିବା ବେଳେ ଗୋଟିଏ ପରିବାରରୁ ଦୁଇରୁ ତିନି ଜଣଙ୍କ ନାମରେ ଅଦା ବିହନ ଯୋଗାଇ ଦେବା ଚାଷୀନାମରେ କାଗଜପତ୍ର କରି ସଂପୃକ୍ତ ଠିକାଦାର ଓ ପ୍ରଶାସନିକ ଅଧିକାରୀ ଅର୍ଥ ହଡ଼ପ କରୁଥିବା ବେଳେ ସବସିଡ୍ ବାବଦରେ ଚାଷୀ ସଂପୂର୍ଣ୍ଣ ଅଜ୍ଞ ରହୁଥିବା ଜଣାଯାଇଛି। ଏତଦ ବ୍ୟତୀତ ନଡ଼ିଆ, ଆମ୍ବ, ପଣସ, ଅମୃତଭଣ୍ଡା,ଆଦି ବିଭିନ୍ନ ଚାରା ଚାଷୀମାନଙ୍କୁ ଯୋଗାଇବା ଚାଷୀଙ୍କୁ ଏବିଷୟରେ ସଚେତନ କରାନଯାଇ ଚାଷୀଙ୍କୁ ଅଜ୍ଞ ରଖାଯାଇଛି । ଏହି ଜିଲ୍ଲାର ୮ଟି ବ୍ଲକରେ ପ୍ରକୃତ ଚାଷୀ ସରକାରୀ ଯୋଜନାରେ ସୁଫଳ ପାଇପାରୁ ନଥିବା ବେଳେ କେତେକ ଅଣଚାଷୀ ଉଦ୍ୟାନ କୃଷି ବିଭାଗ ଓ କୃଷିବିଭାଗର ଅସାଧୁ କର୍ମଚାରୀ ଏହାର ଫାଇଦା ଉଠାଉଥିବା ଜଣାଯାଇଛି । କୃଷିବିଭାଗ କାର୍ଯ୍ୟାଳୟକୁ ଓ ଜିଲ୍ଲା ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ କୁ ଚାଷୀମାନଙ୍କ ପାଇଁ କେତେବେଳେ କଣ ଆସୁଛି ସେ ବିଷୟରେ ଉଭୟ ବିଭାଗର କର୍ମଚାରୀମାନେ ହିଁ ଜାଣିଥିବେ। ଏପରିକି ଚାଷୀମାନଙ୍କର ଜାଲ ଦସ୍ତଖତ କରାଯାଇ ସମସ୍ତ ଉପକରଣ ଉଭୟ କାର୍ଯ୍ୟାଳୟରେ ବିକ୍ରି କରାଯାଉଥିବା ଚାଷୀ ପରୀକ୍ଷିତ ମହାନ୍ତି ଓ ଶୁକାନ୍ତ ଚରଣ ସାହୁ ପ୍ରମୁଖ କହିଛନ୍ତି ।

**ଜିଲ୍ଲା ଉଦ୍ୟାନ କୃଷି ବିଭାଗରେ ଦଲାଲଙ୍କ ପ୍ରାଦୁର୍ଭାବ**

# ଏସ୍‌ସିବିରେ ଦ୍ୱିତୀୟ ଯକୃତ ପ୍ରତିରୋପଣ

**କଟକ, ୯।୯(ସଂଚାର ବ୍ୟୁରୋ):** ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଦ୍ୱିତୀୟ ଯକୃତ ପ୍ରତିରୋପଣ ସଫଳ ହୋଇଛି। ନୟାଗଡ଼ ଅଞ୍ଚଳର ୩୯ ବର୍ଷୀୟ ମାନସ ମୁଦୁଲିଙ୍କ ଶରୀରରେ ଅସ୍ତ୍ରୋପଚାର କରାଯାଇ ଯକୃତ ପ୍ରତିରୋପଣ କରାଯାଇଛି। ମାନସଙ୍କୁ ତାଙ୍କ ପତ୍ନୀ ଛବି ମଲ୍ଲିକ ଯକୃତ ଦାନ କରିଛନ୍ତି।

ପ୍ରଫେସର ଡାକ୍ତର ବାଲଚନ୍ଦ୍ରନ ମେନନଙ୍କ ନେତୃତ୍ୱରେ ଏଆଇଜି ହାଇଦ୍ରାବାଦରୁ ଆସିଥିବା ୪ ଜଣିଆ ଡାକ୍ତରୀ ଦଳଙ୍କ ସହ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଯକୃତ ପ୍ରତିରୋପଣ ବିଭାଗର ନୋଡାଲ ଅଧିକାରୀ ପ୍ରଫେସର ଡାକ୍ତର ରାଜେଶ କୁମାର ଦୋରା, ନିଶ୍ଚେତକ ବିଭାଗ ପ୍ରଫେସର ଡାକ୍ତର ପ୍ରମୋଦ କୁମାର ପଲାଇ, ସର୍ଜରୀ ବିଭାଗ ଆସୋସିଏଟ ପ୍ରଫେସର ଡାକ୍ତର ଲକ୍ଷ୍ମୀ ନାରାୟଣ ମହାନ୍ତି ଓ ନିଦାନ ବିଭାଗର ପ୍ରଫେସର ଡାକ୍ତୀ କୌମୁଦୀ ପଟନାୟକ ପ୍ରମୁଖ ଉପସ୍ଥିତ ରହି ଅସ୍ତ୍ରୋପଚାର କରିଥିଲେ। ସକାଳ ୮ଟାରୁ ଆରମ୍ଭ ହୋଇଥିବା ଏହି ଜଟିଳ ଅସ୍ତ୍ରୋପଚାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ଅସ୍ତ୍ରୋପଚାର ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ସେମାନଙ୍କୁ ଯକୃତ ପ୍ରତିରୋପଣ ବିଭାଗର ଆଇସିୟୁରେ ରଖାଯାଇଛି। ଏସସିବି ମେଡିକାଲ କଲେଜ ଅଧୀକ୍ଷକ ପ୍ରଫେସର ଡାକ୍ତର ଲୁସି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଅତରିକ୍ତ ଅଧୀକ୍ଷକ ଡାକ୍ତର ମନୋଜ କୁମାର ପଟନାୟକ ଏବଂ କୁଳ ସଚିବ ଡାକ୍ତର ଅବିନାଶ ରାଉତ ସମସ୍ତ କାର୍ଯ୍ୟର ପ୍ରତ୍ୟକ୍ଷ ଭାବେ ତଦାରଖ କରିଥିଲେ।

## ଜାତୀୟ ଉଦ୍ୟାନ ମଧ୍ୟରେ କଂଟେନରରୁ ସାମଗ୍ରୀ ଲୁଟ୍ ଘଟଣା

# ଫରେଷ୍ଟରଙ୍କୁ କାରଣ ଦର୍ଶାଅ ନୋଟିସ

**ରାଜନଗର, ୯।୯** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ବଂଗୋପସାଗର ତଟବର୍ତ୍ତୀ ସାତଭାୟା ବେଳାଭୂମିରେ ଲାଗିଥିବା ଦୁଇଟି କଂଟେନରରୁ ବହୁ ମୂଲ୍ୟବାନ ସାମଗ୍ରୀକୁ ସ୍ଥାନୀୟ ଲୋକମାନେ ଲୁଟ କରି ନେଇଥିଲେ। ସଂପୃକ୍ତ ଅଂଚଳ ଭିତରକନିକା ଜାତୀୟ ଉଦ୍ୟାନର ସୀମା ସରହଦ ଏବଂ ନିଷିଦ୍ଧାଂଚଳ ହୋଇଥିବା ସତ୍ୱେ ବନବିଭାଗର କର୍ମଚାରୀ ଏହି ଘଟଣାକୁ ଗୁରୁତ୍ୱ ଦେଇନଥିଲେ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଜନସାଧାରଣ ଏହି ଲୁଟ ଘଟଣାକୁ ନେଇ ତୀବ୍ର ପତିକ୍ରିୟା ପ୍ରକାଶ କରିବା ସହିତ ବନବିଭାଗକୁ ଦାୟୀ କରିଥିଲେ। ପରବର୍ତ୍ତୀ ସମୟରେ ଡିଏଫଓ ସଂପୃକ୍ତ ବନକର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ରାଜନଗର ବ୍ଲକର ସାତଭାୟା ନିକଟରେ ଥିବା ବଂଗୋପସାଗରରେ ୨ ତାରିଖ ରାତିରେ ଦୁଇଟି ସାମଗ୍ରୀ ବୋଝେଇ କଂଟେନର ଲାଗିଥିଲା। ସାତଭାୟାର ମା'ପଂଚୁବରାହୀଙ୍କ ପୁରୁଣା ମନ୍ଦିର ନିକଟରେ ଏହି ଦୁଇଟି କଂଟେନର ଲାଗିଥିଲା। ୩ଶହ ମିଟର ଅନ୍ତରରେ ଦୁଇଟି କଂଟେନର ଭାସି ଭାସି ଆସି କୂଳରେ ଲାଗିଥିଲା। ସାତଭାୟାରେ ବନବିଭାଗ ବିଟ ହାଉସ ଥିବାରୁ ବନବିଭାଗ ପାଖରେ ସକାଳୁ ଖବର ପହଁଚିଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ ଦୁଇଟି କଂଟେନରରୁ ମୂଲ୍ୟବାନ ସାମଗ୍ରୀ ପ୍ରଥମେ ବନକର୍ମଚାରୀମାନେ ହିଁ ଲୁଟି ନେଇଥିଲେ। ଏହାପରେ ଅନ୍ୟ ସାମଗ୍ରୀକୁ ନେଇଯିବା ପାଇଁ ପାଖ ଗାଁ ଗୁଡିକର ଲୋକଙ୍କୁ ସୁଯୋଗ ଦିଆଯାଇଥିଲା। ଅପରପକ୍ଷରେ ବନବିଭାଗ ପକ୍ଷରୁ ବାଉଁଶଗଡ ନଦୀରେ ପକାଯାଇଥିବା ଘାଟରେ ଏହି ନିଷିଦ୍ଧାଂଚଳକୁ ଲୋକଙ୍କୁ ପାର କରାଯାଇଥିଲା। ଲୋକେ ମୋଟରସାଇକେଲ ଓ ବସ୍ତା ଧରି ଘାଟ ପାର ହୋଇ ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ୭କିମି ଦୂରରେ ଲାଗିଥିବା ସମୁଦ୍ର କୂଳରେ କଂଟେନର ପାଖରେ ପହଁଚିଥିଲେ। ଦୁଇଟି କଂଟେନରରେ ଥିବା ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀକୁ ଲୋକେ ବୋହି ଆଣିଥିଲେ। ଏହି ଘାଟ ପୂର୍ବରୁ ବନବିଭାଗର ଚେକଗେଟ ରହିଛି। ବନବିଭାଗର ଅନୁମତି ନେବା ପରେ ଏହି ଘାଟ ପାର ହେବାକୁ ଅନୁମତି ମିଳିଥାଏ। ମାତ୍ର ଏହି କଂଟେନର ଲାଗିବା ପରେ ଶହ ଶହ ଲୋକଙ୍କୁ କଂଟେନରକୁ ଲୁଟି ଆଣିବା ପାଇଁ ବନବିଭାଗ ପକ୍ଷରୁ ପକାଯାଇଥିବା ଡଙ୍ଗାରେ ପାର କରାଯିବା ସହ ଚୋରି ସାମଗ୍ରୀକୁ ଏପଟକୁ ମଧ୍ୟ ଡଙ୍ଗାରେ ଅଣାଯାଇଥିଲା। ବନବିଭାଗ ଅଧିନରେ ଥିବା ନିଷିଦ୍ଧାଂଚଳରେ ଲାଗିଥିବା ଦୁଇଟି କଂଟେନରରୁ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ କିପରି ଲୁଟ ହୋଇ ପାରିଲା ? ଓ ବନବିଭାଗ ସେହି ଲୁଟ ସାମଗ୍ରୀକୁ କିପରି ତାଙ୍କ ଡଙ୍ଗାରେ ଏପଟକୁ ପାର କଲେ ତାହାକୁ ନେଇ ସବୁ ମହଲରେ ପ୍ରଶ୍ନ ଉଠିଥିଲା। ଏପରିକି ଜାତୀୟ ଉଦ୍ୟାନରେ ଯଦି ଅନ୍ୟ କିଛି ଅଘଟଣ ଘଟିଥାନ୍ତା, ତେବେ ବନବିଭାଗ କ'ଣ ଚୁପ ବସିଥାନ୍ତା ବୋଲି ପ୍ରଶ୍ନ ଉଠିଥିଲା? ଏହି ଘଟଣା ଓ ଲୋକ ଲୁଟ ସାମଗ୍ରୀ ବନବିଭାଗ ଘାଟରେ ବୋହି ଆଣୁଥିବା ଭିଡିଓ ଭାଇରାଲ ହେବା ପରେ ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ସାତଭାୟା ଫରେଷ୍ଟର ରଂଜିତ ରାଉତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୩ଦିନ ଭିତରେ ଉତର ଦେବାକୁ ଚିଠିରେ କୁହାଯାଇଛି। ଏହି ଚିଠିର ଉତର ମିଳିଲେ, କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନବିଭାଗ ସୂତ୍ରରୁ ସୂଚନା ମିଳିଛି।



# ଷ୍ଟେସନ୍‌ରୁ ନିଖୋଜ ଅବସରପ୍ରାପ୍ତ ରେଳ କର୍ମଚାରୀ

**ଢେଙ୍କାନାଳ, ୯।୯ (ସଂଚାର ବ୍ୟୁରୋ):**ମେଡିକାଲ ଚେକ୍ ପାଇଁ ରାଜଧାନୀ ଭୁବନେଶ୍ୱର ଆସିଥିଲେ ଅବସରପ୍ରାପ୍ତ ରେଲୱେ କର୍ମଚାରୀ। ହେଲେ ଘରକୁ ଫେରିବା ବେଳେ ଭୁବନେଶ୍ୱର ଷ୍ଟେସନ୍‌ରୁ କେଉଁ ଆଡେ ଚାଲିଗଲେ। ପରିବାର ଲୋକେ ତାଙ୍କୁ ଖୋଜୁଛନ୍ତି। ହେଲେ ତାଙ୍କ ପତ୍ତା ପାଉନାହାନ୍ତି। ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା କୋଟଗରା ଗାଁ ଉପରଗୋଡ଼ା ସାହିର ସୋମନାଥ ସାହୁ ହେଉଛନ୍ତି ଜଣେ ଅବସରପ୍ରାପ୍ତ ରେଳ କର୍ମଚାରୀ। ଚାକିରିରୁ ଅବସର ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ବ୍ରେନ୍‌ରେ ଟ୍ୟୁମର ହୋଇଥିଲା। ତେଣୁ ତାଙ୍କୁ ପରିବାର ଲୋକେ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରିଥିଲେ। ସାଥୀରେ ଆସିଥିଲେ ନିଜ ପୁଅ ସତ୍ୟରଞ୍ଜନ ସାହୁ ଓ ପୁତୁରା ଜିତେନ୍ଦ୍ର କୁମାର ସାହୁ। ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା ପରେ ସମସ୍ତେ ଘରକୁ ଫେରିବା ପାଇଁ ଭୁବନେଶ୍ୱର ଷ୍ଟେସନ୍‌କୁ ଆସିଥିଲେ। ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ସୋମନାଥ ସାହୁ ପ୍ଲାଟ୍‌ଫର୍ମରେ ବସିଥିଲେ। ଆଉ ତାଙ୍କ ପୁଅ ଓ ପୁତୁରା ଷ୍ଟେସନ୍‌ରେ ବୁଲୁଥିଲେ। ସେହି ସମୟରେ ସୋମନାଥ କେଉଁ ଆଡେ ଚାଲିଲେ। ସୋମନାଥଙ୍କୁ ତାଙ୍କ ପୁଅ ଓ ପୁତୁରା ନପାଇ ବହୁ ଖୋଜିଥିଲେ। ସ୍ଥାନୀୟ ରେଲୱେ ପୁଲିସର ସାହାଯ୍ୟତା ନେଇଥିଲେ। ରେଲୱେ ପୁଲିସ୍ ପ୍ଲାଟ୍‌ଫର୍ମରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭି ଯାଞ୍ଚ ବେଳେ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରେ ସୋମନାଥ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ସେହି ସମୟରେ ପ୍ଲାଟଫର୍ମରୁ ପାଟନା ସ୍ପେସାଲ ଟ୍ରେନ୍ ଛାଡ଼ିଥିଲା। ତେଣୁ ସେ ସେହି ଟ୍ରେନ୍‌ରେ ଚାଲି ଯାଇଥିବା ପରିବାର ଲୋକ ଅନୁମାନ କରୁଛନ୍ତି। ପରିବାର ଲୋକଙ୍କ କହିବା ଅନୁସାରେ ସୋମନାଥଙ୍କୁ ବ୍ରେନଟ୍ୟୁମର ହୋଇଛି। ସେଥିପାଇଁ ସେ ମାନସିକ ଭାବେ ଦୁର୍ବଳ ଅଛନ୍ତି। ତେଣୁ ସେ ଦୈନିକ ମେଡିସିନ୍ ଖାଉଥିଲେ। ସେ ନିଖୋଜ ହେବା ବେଳେ ଏକ ଫିକା ସ୍କାଏ ରଙ୍ଗର ସାର୍ଟ ପିନ୍ଧିଥିବା ବେଳେ କଳା ରଙ୍ଗର ଏକ ପ୍ୟାଣ୍ଟ ପିନ୍ଧିଥିଲେ।

